CMYK

- Vol.- 46, Issue No. 215
- Friday, 6 November 2026
- ଶୁକ୍ରବାର,୬ ନଭେମ୍ବର ୨୦୨୬
- Bhubaneswar
- Price: Rs. 3.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

ଦିନଲିପି

THE DINALIPI

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

କେନ୍ଦ୍ରକୁ ୨,୫୨୬ କୋଟିର କ୍ଷୟକ୍ଷତି ସହାୟତା ଦାବି

ଅତିରିକ୍ତ ୧୦ହଜାର କୋଟି ଟଙ୍କାର ସ୍ୱତନ୍ତ୍ର ସହାୟତା ମିଳୁ



ଭୁବନେଶ୍ୱର,୫।୧୧ : ବାତ୍ୟା ଓ ବନ୍ୟାରେ ଗଞ୍ଜାମ, ଗଜପତି ଏବଂ କନ୍ଧମାଳ ଜିଲ୍ଲା ବିଶେଷ କ୍ଷତିଗ୍ରସ୍ତ ହୋଇଛି। କେନ୍ଦ୍ରୀୟ ଟିମ୍ ଆସି ଏହାର ସ୍ଥିତି ଅନୁଧାନ କରିଛନ୍ତି। ଏହା ପରେ ରାଜ୍ୟ ସରକାରଙ୍କ ବୈଠକରେ କେନ୍ଦ୍ରୀୟ କମିଟି ଆଗରେ ୨ ହଜାର ୫୨୬ କୋଟିର କ୍ଷୟକ୍ଷତି ସହାୟତା ପାଇଁ ଦାବି ରଖିଛି ଓଡ଼ିଶା। ଏହା ସହ ୩ ଜିଲ୍ଲାରେ ବାତ୍ୟା ବନ୍ୟାରେ ସ୍ଥାୟୀ ସମାଧାନ ପାଇଁ ୧୦ ହଜାର କୋଟିର ସ୍ୱତନ୍ତ୍ର ସହାୟତା ନେଇ ମଧ୍ୟ ଦାବି ରଖାଯାଇଛି। ୮ରୁ ୧୦ ଦିନ ମଧ୍ୟରେ ଚୂଡ଼ାନ୍ତ ରିପୋର୍ଟ ଆସିବା ପରେ କେନ୍ଦ୍ର ସରକାରଙ୍କ ପାଖରେ ଦାଖଲ କରାଯିବ ବୋଲି ଏସଆରସି ରାଜେଶ ପ୍ରଭାକର ପାଟିଲ କହିଛନ୍ତି। ସ୍ଥିତି ଅନୁଧାନ ପରେ ଗୁରୁବାର ଲୋକ ସେବା ଭବନରେ ମୁଖ୍ୟ ଶାସନ ସଚିବଙ୍କ ସହ ଏବଂ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ ୮ ଜଣିଆ କେନ୍ଦ୍ରୀୟ କମିଟି। ସ୍ଥିତି ଅନୁଧାନ ବେଳେ ଅତିରିକ୍ତ କ୍ଷତି ହୋଇଥିବା କେନ୍ଦ୍ରୀୟ ଟିମ୍ ଉପଲବ୍ଧି କରିଛନ୍ତି। ବିଭିନ୍ନ ବିଭାଗର ସଚିବମାନେ ମଧ୍ୟ ବୈଠକରେ ସାମିଲ ଥିଲେ ବୋଲି ଏସଆରସି କହିଛନ୍ତି। ଏହାସହିତ ବନ୍ୟା ଓ ବାତ୍ୟାର ବାରମ୍ବାର ମୁକାବିଲା କରିବା ଲାଗି ସ୍ଥାୟୀ ଭିତ୍ତିଭୂମି ନିର୍ମାଣ ନିମନ୍ତେ ଅତିରିକ୍ତ ୧୦ହଜାର କୋଟି ଟଙ୍କାର ସ୍ୱତନ୍ତ୍ର ସହାୟତା ପାଇଁ ଦୃଢ଼ ଦାବି ରଖାଯାଇଛି।

ମାନିଲେନି, କୋଟିଆରୁ ଆନ୍ଧ୍ର ଯାଇ ଦେଲେ ଭୋଟ

ମାଲକାନଗିରିର ଜୁମ୍‌ଡାଙ୍ଗବାସୀ ଦେଲେ ଚେତାବନୀ




ଭୁବନେଶ୍ୱର /କୋରାପୁଟ, ୫।୧୧ : ଗୁରୁବାର ଆନ୍ଧ୍ରର ପଞ୍ଚାୟତ ନିର୍ବାଚନ ଲାଗି ହୋଇଥିବା ଭୋଟରେ କୋଟିଆରୁ ୩୦ ପ୍ରତିଶତ ଭୋଟ ମିଳିଥିବା କୁହାଯାଇଛି।ଏହି ଭୋଟ ସଂଖ୍ୟା ୪୦୨୩ । ଏକ ସୂତ୍ରରୁ ଏହା ଜଣାପଡ଼ିଛି । କୋଟିଆ ପଞ୍ଚାୟତର ନେରେଡିୱାଲସାରେ ହେବାକୁ ଥିବା ବୁଥକୁ ଆନ୍ଧ୍ର ନିଜ ସୀମା ଭିତରେ ଥିବା ସାରିକାକୁ ଉଠାଇ ନେଇଥିଲା। ଅନ୍ୟପଟେ ଭୋଟରଙ୍କୁ ଆନ୍ଧ୍ର ଯାଉଥିବାବେଳେ ଶୁଙ୍କି ଘାଟିରେ ଯାଞ୍ଚ ପରେ କିଛି ସମୟ ଅଟକ ରହିଥିଲେ। ସାରିକାରେ ଆୟୋଜିତ ମତଦାନ କେନ୍ଦ୍ରକୁ ଯାଇ ସେମାନେ ଭୋଟ୍ ଦେଇଥିବା ସୂଚନା ମିଳିଛି। ଭୋଟ୍ ଦେଇ ଫେରିବା ବେଳେ ପୁଲିସ ଓ ସ୍ଥାନୀୟ ଲୋକଙ୍କ କଥା କଟାକଟି ହୋଇଥିବା ସୂଚନା ମିଳିଛି। ଆନ୍ଧ୍ରର ଅନୁପ୍ରବେଶ ରୋକିବାକୁ ପୁଲିସ ଏବଂ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲେ ହେଁ ତାହା ଫସର ଫାଟିଥିବା କୁହାଯାଇଛି। ବିବାଦୀୟ କୋଟିଆର ୨୧ଖଣ୍ଡ ଗ୍ରାମରେ ଅନୁପ୍ରବେଶ ଜାରି ରଖିଥିବା ଆନ୍ଧ୍ର ସମିତିସଭ୍ୟ ଏବଂ ଜିଲ୍ଲା ପରିଷଦ ପଦ ଲାଗି କୋଟିଆରୁ ଭୋଟ ହାତେଇବାକୁ ନେରେଡ଼ିୱାଲସାରେ ବୁଥ୍ କରିଥିଲା। କୋଟିଆର ଉପରସେମ୍ଲିରେ ଆନ୍ଧ୍ର କରିଥିବା ପୁଲିସ ଚେକ୍ ପୋଷ୍ଟକୁ ଭାଙ୍ଗି କବଜାକୁ ନେଇଥିଲା ଓଡ଼ିଶା। ୩ଟି ଚେକ୍ ଗେଟରେ ୨୪ ଘଣ୍ଟିଆ ନଜର ରଖାଯାଇଥିଲା, ଏପରିକି ୭ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା ମାତ୍ର ସୁଫଳ ମିଳିପାରିଲା ନାହିଁ ବୋଲି କୁହାଯାଉଛି। ଅପରପକ୍ଷେ ଆନ୍ଧ୍ରର ନିର୍ବାଚନରେ ଭୋଟ୍ ଦେଲେନି ମାଲକାନଗିରିର ଜୁମ୍‌ଡାଙ୍ଗବାସୀ । ହେଲେ ଓଡ଼ିଶା ସରକାରଙ୍କ ଆଗରେ ରଖିଛନ୍ତି ବଡ଼ ଦାବି । ମାଗଣା ବିଜୁଳି, ପାନୀୟ ଜଳ, ଆବାସ ଗୃହଠାରୁ ଆରମ୍ଭ କରି ମାସିକ ୪ ହଜାର ଟଙ୍କା ଭତ୍ତା ଓ ସ୍କୁଲ ପିଲାଙ୍କୁ ବାର୍ଷିକ ୧୩ ହଜାର ଟଙ୍କା ଯୋଗାଇଦେବାକୁ ଦାବି କରିଛନ୍ତି । ଦାବି ପୂରଣ ନହେଲେ ଆନ୍ଧ୍ରରେ ମିଶିଯିବାକୁ ଖୋଲାଖୋଲି ଚେତାବନୀ ଦେଇଛନ୍ତି। ଏବେ ପ୍ରଶ୍ନ ଉଠୁଛି, ସୀମାନ୍ତ ଗାଁର ଲୋକଙ୍କ ଏହି ଦାବିକୁ ଓଡ଼ିଶା ସରକାର କେତେ ଗୁରୁତ୍ୱ ଦେଉଛନ୍ତି ? କେବଳ ନିର୍ବାଚନ ସମୟରେ ବୁଝାସୁଝା ନୁହେଁ, ଜୁମ୍‌ଡାଙ୍ଗବାସୀଙ୍କ ମୌଳିକ ସମସ୍ୟାର ସ୍ଥାୟୀ ସମାଧାନ ହେବ କି ? ତାହା ଉପରେ ଏବେ ସମସ୍ତଙ୍କ ନଜର ।

ଜୀବନ ହାରିଲେ ଆଉ ଜଣେ ଚାଷୀ !

କବିସୂର୍ଯ୍ୟନଗର,୫।୧୧: ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ସଦାବର୍ତ୍ତ ନୂଆଗାଁର ଜଣେ ୨୭ ବର୍ଷୀୟ ଚାଷୀ ବୁଲୁ ମଲିକ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ନିକଟରେ ହୋଇଥିବା ବର୍ଷା ଯୋଗୁଁ ଫସଲର ବ୍ୟାପକ କ୍ଷତି ଏହା ପଛର କାରଣ ବୋଲି କୁହାଯାଉଛି। ଏହା ପୂର୍ବରୁ ଗଞ୍ଜାମ ଜିଲ୍ଲା ଶେରଗଡ଼ ବ୍ଲକ ଅଞ୍ଚଳରେ ଅର୍ଜୁନ ପଣ୍ଡା ନାମକ ଜଣେ ଚାଷୀ କୀଟନାଶକ ପିଇ ପ୍ରାଣ ହରାଇଥିବା ଅଭିଯୋଗ ହୋଇଥିଲା। ପରିବାର ସଦସ୍ୟଙ୍କ କହିବା ଅନୁଯାୟୀ, ବାତ୍ୟାଜନିତ ବନ୍ୟାରେ ତାଙ୍କର ଧାନ ଫସଲ, ପନିପରିବା ଚାରା ଏବଂ ଘରକରଣା ସାମଗ୍ରୀ ଭାସିଯିବା ପରେ ସେ ଗଭୀର ମାନସିକ ଚାପ ଏବଂ ପ୍ରାୟ ୫ ଲକ୍ଷ ଟଙ୍କାରୁ ଅଧିକ କୃଷିକ୍ଷତିର ସମ୍ମୁଖୀନ ହୋଇଥିଲେ।

ଗଞ୍ଜାମ ଓ ଗଜପତି ଜିଲ୍ଲାରେ ସ୍କୁଲ ପିଲାଙ୍କୁ ମିଳିବ ପାଠ୍ୟପୁସ୍ତକ



ଭୁବନେଶ୍ୱର,୫।୧୧: ବାତ୍ୟା ଓ ବନ୍ୟା ପ୍ରଭାବିତ ଗଞ୍ଜାମ ଓ ଗଜପତି ଜିଲ୍ଲାରେ ସ୍କୁଲ ପିଲାଙ୍କୁ ପାଠ୍ୟପୁସ୍ତକ ଦିଆଯିବ। ବାତ୍ୟା ଅର୍ଣ୍ଣବ ଓ ପରବର୍ତ୍ତୀ ବନ୍ୟା ଯୋଗୁଁ ସ୍କୁଲ ଘର ସହ ପିଲାମାନଙ୍କ ବହିପତ୍ର ନଷ୍ଟ ହୋଇଛି। ତେଣୁ ପିଲାମାନଙ୍କୁ ବହି ମିଳିବ ବୋଲି କହିଛନ୍ତି ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ସେ କହିଛନ୍ତି ଗଞ୍ଜାମ, ଗଜପତିରେ ବାତ୍ୟା ଓ ବନ୍ୟାରେ ସ୍କୁଲଗୁଡ଼ିକ ବେଶି କ୍ଷତି ହୋଇଛି। କ୍ଷତିଗ୍ରସ୍ତ ସ୍କୁଲ ମରାମତି ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ରିପୋର୍ଟ ମାଗିଛୁ। ପିଲାମାନଙ୍କର ବହିପତ୍ର ମଧ୍ୟ ନଷ୍ଟ ହୋଇଯାଇଛି, ସେମାନଙ୍କୁ ବହି ମିଳିବ। ଆମେ ବିଏସଇ ସମ୍ପାଦକଙ୍କ ସହ କଥା ହୋଇଛୁ, ସେ ବହି ଯୋଗାଇବେ।

ଦରଲିପାଲିରେ ଫୁଟିଲା ଗୁଳି, ଜଣେ ମୃତ

ରାଉରକେଲା,୫।୧୧: ସୁନ୍ଦରଗଡ଼ ଦରଲିପାଲିରେ ଘଟିଥିବା ଗୁଳିକାଣ୍ଡ ରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ପାଉଁଶ ପରିବହନକୁ ନେଇ ଦୁଇ ୟୁନିୟନ ମଧ୍ୟରେ ଥିବା ବିବାଦ ଉଗ୍ର ରୂପ ନେବାରୁ ଏପରି ଘଟିଥିବା କୁହାଯାଇଛି। ଏହି ବିବାଦରୁ ଜଣେ ବ୍ୟକ୍ତିଙ୍କ ଉପରକୁ ଗୁଳିମାଡ଼ ହୋଇଥିଲା। ଗୁଳିଟି ତାଙ୍କ ଛାତିରେ ବାଜିଥିବା ତାଙ୍କର ମୃତ୍ୟୁ ହୋଇଛି । ଗୁଳିମାଡ଼ରେ ମୃତ ଯୁବକଙ୍କ ନାଁ ସୁନୀଲ ନେଟି । ତାଙ୍କୁ ଗୁରୁତର ଅବସ୍ଥାରେ ସୁନ୍ଦରଗଡ଼ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି ।କୁହାଯାଉଛି ଯେ ଗୁରୁବାର ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ସମୟରେ ଗୁଳିମାଡ଼ ହୋଇଥିଲା । ଏହି ଗୁଳିକାଣ୍ଡ ନେଇ ୩ଜଣଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଥିବା ପ୍ରକାଶ ।

ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

ଗିରଫ ଓ ଅଟକ ମଧ୍ୟରେ ଫରକ ନାହିଁ

ନୂଆଦିଲ୍ଲୀ,୫।୧୧: ବ୍ୟକ୍ତିଗତ ସ୍ୱାଧୀନତା ଓ ସାମ୍ବିଧାନିକ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରି ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି ସୁପ୍ରିମକୋର୍ଟ। ଗିରଫ ଓ ଅଟକ ମଧ୍ୟରେ କୌଣସି ଫରକ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ। ଜଣେ ବ୍ୟକ୍ତିଙ୍କୁ ଅଟକ ରଖିବା ମାତ୍ରେ ତାଙ୍କର ଦୀର୍ଘ ସମୟ ଧରି ହାଜତରେ ରହିବା ବିରୋଧରେ ଥିବା ସାମ୍ବିଧାନିକ ସୁରକ୍ଷା କାର୍ଯ୍ୟକାରୀ ହୋଇଯିବ ବୋଲି କୋର୍ଟ କହିଛନ୍ତି। ଜଣେ ଅଭିଯୁକ୍ତଙ୍କୁ ମାଜିଷ୍ଟ୍ରେଟଙ୍କ ନିକଟରେ ୨୪ ଘଣ୍ଟା ମଧ୍ୟରେ ହାଜର କରିବାର ସମୟସୀମା ଔପଚାରିକ ଭାବେ ଗିରଫ ରେକର୍ଡ ହେବା ପରଠାରୁ ଗଣନା କରାଯାଇପାରିବ ନାହିଁ। ଏଭଳି ଦୃଷ୍ଟିକୋଣ ସମ୍ବିଧାନର ଧାରା ୨୨(୨)ର ଉଦ୍ଦେଶ୍ୟକୁ ଦୁର୍ବଳ କରିବ ବୋଲି ସତର୍କ କରାଇଛନ୍ତି କୋର୍ଟ। ବିଚାରପତି ଉଜ୍ଜ୍ୱଳ ଭୂୟାଁ



ଅଟକର ୨୪ ଘଣ୍ଟା ବିତିଲେ ହାଜତରୁ କରନ୍ତୁ ମୁକ୍ତ

ଏବଂ ଅତୁଲ ଏସ୍. ଚନ୍ଦୁରକରଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ, ୨୪ ଘଣ୍ଟାର ସମୟସୀମା କେବଳ ଔପଚାରିକ ଗିରଫ ସମୟରୁ ଆରମ୍ଭ ହେବ ବୋଲି ଧରିନେବା ସମ୍ବିଧାନର ଧାରା ୨୨(୨) ଏବଂ ବିଏନଏସଏସର ଧାରା ୫୬ର ସାମ୍ବିଧାନିକ ନିର୍ଦ୍ଦେଶର ବିରୋଧୀ। ଗିରଫ କରୁଥିବା କର୍ତ୍ତୃପକ୍ଷ ଔପଚାରିକ ଭାବେ ଗିରଫ ଦର୍ଶାଇବା ପୂର୍ବରୁ ତଦନ୍ତ କିମ୍ବା ଅନୁସନ୍ଧାନରେ ବିତିଥିବା ସମୟକୁ ୨୪ ଘଣ୍ଟାର ଗଣନାରୁ ବାଦ୍ ଦେବାକୁ ଧାରା ୨୨(୨) ଅନୁମତି ଦିଏ ନାହିଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। କୋର୍ଟ କହିଛନ୍ତି ଯେ, ଧାରା ୨୨ ଅନୁଯାୟୀ ୨୪ ଘଣ୍ଟାର ସମୟସୀମା ଜଣେ ବ୍ୟକ୍ତିଙ୍କୁ ଅଟକ ରଖାଯାଇଥିବା ତାରିଖ ଓ ସମୟରୁ ଆରମ୍ଭ ହେବ, ଔପଚାରିକ ଗିରଫ ସମୟରୁ ନୁହେଁ। ଯଦି ଜଣେ ବ୍ୟକ୍ତିଙ୍କୁ ଅଟକ ରଖିବାର ୨୪ ଘଣ୍ଟା ଅତିକ୍ରମ କରିଯାଏ ଏବଂ ଏହି ସମୟ ମଧ୍ୟରେ ତାଙ୍କୁ ମାଜିଷ୍ଟ୍ରେଟଙ୍କ ନିକଟରେ ହାଜର କରାଯାଇନଥାଏ, ତେବେ ତାଙ୍କୁ ତୁରନ୍ତ ହାଜତରୁ ମୁକ୍ତ କରିବାକୁ ପଡ଼ିବ।

ବିବାଦୀୟ ୟୁଜିସି ନିୟମର ପୁନର୍ବାର ସମୀକ୍ଷା କରିବେ କେନ୍ଦ୍ର ସରକାର

ନୂଆଦିଲ୍ଲୀ, ୫।୧୧: ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ଜାତିଗତ ଭେଦଭାବ ଦୂର କରିବା ପାଇଁ ଅଣାଯାଇଥିବା ବିବାଦୀୟ ୟୁଜିସି ନିୟମର ପୁନର୍ବାର ସମୀକ୍ଷା କରାଯିବ ବୋଲି କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ ଜଣାଇଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଉପସ୍ଥିତ ସଲିସିଟର ଜେନେରାଲ ତୁଷାର ମେହେଟା ଅଦାଲତଙ୍କୁ ଆଶ୍ୱାସନା ଦେଇଛନ୍ତି ଯେ, ସମସ୍ତ ବର୍ଗର ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ପ୍ରତି ଧ୍ୟାନ ଦିଆଯିବ। ଯେପରି କୌଣସି ବର୍ଗର ଛାତ୍ରଛାତ୍ରୀ ନିଜକୁ ଅସନ୍ତୁଷ୍ଟ କିମ୍ବା ଭୟଭୀତ ଅନୁଭବ ନ କରନ୍ତି, ସେଥିପ୍ରତି ଧ୍ୟାନ ରଖାଯିବ। ମୁଖ୍ୟ ବିଚାରପତି ମଧ୍ୟ କହିଛନ୍ତି ଯେ, ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥର ସୁରକ୍ଷା କରିବା ଜରୁରୀ। ନିୟମ ପ୍ରସ୍ତୁତ କରିବା ସମୟରେ ଦେଶର ଯୁବପିଢ଼ିଙ୍କ କଥା ଧ୍ୟାନରେ ରଖିବା ଆବଶ୍ୟକ। ସୁପ୍ରିମକୋର୍ଟରେ ଦାଖଲ ହୋଇଥିବା ଆବେଦନଗୁଡ଼ିକରେ କୁହାଯାଇଛି ଯେ, ଏହି ନିୟମଗୁଡ଼ିକ ଭେଦଭାବପୂର୍ଣ୍ଣ ଏବଂ ସାଧାରଣ ବର୍ଗର ଲୋକଙ୍କ ମୌଳିକ ଅଧିକାରର ଉଲ୍ଲଂଘନ କରୁଛି। ପୂର୍ବ ଶୁଣାଣି ସମୟରେ ସୁପ୍ରିମକୋର୍ଟ ଏହି ନିୟମଗୁଡ଼ିକର କାର୍ଯ୍ୟକାରିତା ଉପରେ ରୋକ୍ ଲଗାଇଥିଲେ। ଅଦାଲତଙ୍କ ମତ ଥିଲା ଯେ, ଏହି ନିୟମଗୁଡ଼ିକର ଭାଷା ସ୍ପଷ୍ଟ ନୁହେଁ ଏବଂ ଏହାର ଦୁରୁପଯୋଗ ହୋଇପାରେ। ଏହି ନିୟମଗୁଡ଼ିକର ସମୀକ୍ଷା ପାଇଁ ଏକ ନୂଆ କମିଟି ଗଠନ କରିବାକୁ ଅଦାଲତ ସରକାରଙ୍କୁ ପରାମର୍ଶ ଦେଇଥିଲେ। ଆବେଦନଗୁଡ଼ିକରେ ସୁପ୍ରିମକୋର୍ଟଙ୍କୁ ୟୁଜିସି ରେଗୁଲେସନ୍ସ ୨୦୨୬ର ନିୟମାବଳୀ ୩(ସି) ଲାଗୁ କରିବା ଉପରେ ରୋକ୍ ଲଗାଇବାକୁ ଦାବି କରାଯାଇଛି।

ଗିଡ଼ିପାବାଲିରୁ ମିଳିଲା ଆଉ ୫ ମୃତ ଦେହ, ଉଦ୍ଧାର ଅଭିଯାନ ଜାରି



ଫୁଲବାଣୀ,୫।୧୧: କନ୍ଧମାଳ ଜିଲ୍ଲା ଗିଡ଼ିପାବାଲିରେ ଗୁରୁବାର ହୋଇଥିବା ସର୍ଚ୍ଚ ଅପରେଶନ ସମୟରେ ମାଟି ତଳୁ ୫ ଜଣଙ୍କ ମିଳିଛି ମୃତଦେହ । ସକାଳୁ ୮୦ ଜଣିଆ ଟିମ୍ ସର୍ଚ୍ଚ ଅପରେସନ ଚଳାଇଛନ୍ତି। ଜି.ଉଦୟଗିରି ତହସିଲଦାର ସମୁଦ୍ର ମିଶ୍ର ଘଟଣାସ୍ଥଳରେ ଉପସ୍ଥିତ ଅଛନ୍ତି । ଭୂସ୍ଖଳନ ପରେ ମୋଟ୍ ୧୩ ଜଣ ନିଖୋଜ ଥିଲେ । ସେମାନଙ୍କ ମଧ୍ୟରୁ ସମୁଦାୟ ୫ ଜଣଙ୍କ ମୃତଦେହ ମିଳିସାରିଛି । ଗୋଟିଏ ପରିବାରର ସମସ୍ତ ୫ ଜଣ ଗୋଟିଏ ସ୍ଥାନରେ ଚାପି ହୋଇ ରହିଥିବା ଦେଖିବାକୁ ମିଳିଥିଲା । ସେମାନେ ହେଲେ ବାପା ବିଜୟପ୍ରଧାନ, ମା ଭୂମିକାପ୍ରଧାନ, ଝିଅ ଦୁଇ ଜଣ ବିଜୟଲକ୍ଷ୍ମୀ ପ୍ରଧାନ, ରାଜଲକ୍ଷ୍ମୀ ପ୍ରଧାନ ଓ ପୁଅ ଅରୁଣ ପ୍ରଧାନ ବୋଲି ଜଣାପଡିଛି। ୨ ମୃତକଙ୍କ ମୃତ ଦେହ ପୂର୍ବରୁ ଉଦ୍ଧାର ହୋଇଥିଲା।

କବରରୁ ମୃତଦେହର ମୁଣ୍ଡ କାଟିନେଲେ !

ତନ୍ତ୍ରମନ୍ତ୍ର ସନ୍ଦେହ

ନବରଙ୍ଗପୁର,୫।୧୧: ନବରଙ୍ଗପୁର ଜିଲ୍ଲା ଅନ୍ତର୍ଗତ ନରସିଂହଗୁଡ଼ା ଗାଁରେ କବର ବା ସମାଧି ଅପବିତ୍ର କରାଯିବା ଭଳି ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ଏଠାରେ ଜଣେ ମହିଳାଙ୍କୁ ସମାଧି ଦିଆଯିବାର ୪୨ ଦିନ ପରେ, ତାଙ୍କ ମୃତଦେହରୁ ମୁଣ୍ଡ କାଟି ନେଇଯାଇଥିବା ଅଭିଯୋଗ ହୋଇଛି। ଉକ୍ତ ମହିଳା ଜଣକ ହାଡ଼ଫୁଟିରେ ପୀଡ଼ିତ ହୋଇ ସେପ୍ଟେମ୍ବର ୨୬ ତାରିଖରେ ମୃତ୍ୟୁବରଣ କରିଥିଲେ। ଏହା ପରେ ତାଙ୍କ ପରିବାରବର୍ଗ ସ୍ଥାନୀୟ ରୀତିନୀତି ଅନୁଯାୟୀ ତାଙ୍କର ଅନ୍ତିମ ସଂସ୍କାର କରି ମୃତଦେହକୁ କବର ଦେଇଥିଲେ। ଗୁରୁବାର କବରଟି ଖୋଳା ଯାଇଥିବା ଏବଂ ସେଥିରେ କିଛି ଗୋଳମାଳ କରାଯାଇଥିବା ଦେଖିବାକୁ ପାଇଥିଲେ ସ୍ଥାନୀୟ ଲୋକେ । ପରବର୍ତ୍ତୀ ସମୟରେ ଯାଞ୍ଚ କରିବାରୁ ଜଣାପଡ଼ିଲା ଯେ, କବର ଭିତରେ ଥିବା ମୃତଦେହରୁ ମୁଣ୍ଡ (ଖପୁରି) ଗାଏବ ହୋଇଯାଇଛି।ଘଟଣାସ୍ଥଳ ନିକଟରୁ ଏକ ମୃତ କୁକୁଡ଼ା ଏବଂ କିଛି ପୂଜାପାଠ ସାମଗ୍ରୀ ମିଳିବା ପରେ, ସେହି ଅଞ୍ଚଳରେ ତନ୍ତ୍ରମନ୍ତ୍ରକୁ ନେଇ ଭୟର ବାତାବରଣ ସୃଷ୍ଟି ହୋଇଛି। ଗ୍ରାମବାସୀଙ୍କ ସନ୍ଦେହ ଯେ, କୌଣସି ତାନ୍ତ୍ରିକ ଅନ୍ଧାରର ସୁଯୋଗ ନେଇ କବର ଖୋଳି ଏଭଳି କାର୍ଯ୍ୟ କରିଥାଇପାରନ୍ତି।

ହତ୍ୟା ଧମକ ଅଭିଯୋଗ: ସତ ହୋଇଥିଲେ ସାଂଘାତିକ !


ଭୁବନେଶ୍ୱର,୫।୧୧: ଆସିକାଠାରେ ଜଣେ ମୁଖ୍ୟ ଉନ୍ନୟନ ଅଧିକାରୀ (ସିଡିଓ) ବନ୍ୟା ପରବର୍ତ୍ତୀ ସମୟରେ ରିଲିଫ୍ ଏବଂ ପୁନରୁଦ୍ଧାର କାର୍ଯ୍ୟରେ ନିୟୋଜିତ ରହିଥିବା ସମୟରେ ଆସିକା ବିଧାୟକ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଥିବା ବେଳେ ବୁଧବାର ଏନେଇ ବିଜେଡି ପକ୍ଷରୁ ଆସିକା ଥାନାରେ ଏତଲା ଦିଆଯାଇଥିବା ଘଟଣା ରାଜନୈତିକ ପାଣିପାଗକୁ ସରଗରମ ତଥା ଚର୍ଚ୍ଚା ଘେରକୁ ନେଇଛି। ଆସିକା ଏନ୍ଏସି କାର୍ଯ୍ୟାଳୟରେ ଏଭଳି ଅଭାବନୀୟ ଘଟଣା ଘଟିଥିବା ଓ ଅଧିକାରୀ ଜଣଙ୍କ ଥାନାରେ ଏନେଇ ଅଭିଯୋଗରେ ଦର୍ଶାଇଛନ୍ତି ଯେ ତାଙ୍କୁ ଦୁର୍ବ୍ୟବହାର, ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କେବଳ କରାଯାଇନାହିଁ ଅଧିକନ୍ତୁ ଜୀବନରୁ ମାରିଦେବାକୁ ଧମକ ଦିଆଯାଇଛି । ଘଟଣାଟି ନଭେମ୍ବର ୩ ତାରିଖ ସନ୍ଧ୍ୟା ପ୍ରାୟ ୭ଟା ସମୟରେ ଆସିକା ଏନଏସି ଇଓଙ୍କ ଚାମ୍ବରରେ ଅଧ୍ୟକ୍ଷଙ୍କ ସହ ସିଡିଓ ଆଲୋଚନା କରୁଥିବା ବେଳେ ବିଧାୟକ ହଠାତ୍ ସେଠାକୁ ପ୍ରବେଶ କରି ରିଲିଫ ସାମଗ୍ରୀ ବଣ୍ଟନକୁ ନେଇ ଉତ୍ତ୍ୟକ୍ତ ହୋଇ କୁଆଡେ ପାଟିତୁଣ୍ଡ କରିଥିଲେ। ଏପରି ଆଚରଣ ଯୋଗୁଁ ଅଧିକାରୀ ଜଣଙ୍କ ମାନସିକ ଭାବେ ଭାଙ୍ଗି ପଡ଼ିଥିବା ଦର୍ଶାଇ ପୋଲିସ ନିକଟରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଓ ସୁରକ୍ଷା ପାଇଁ ଦାବି କରିଛନ୍ତି । ଅଧିକାରୀଙ୍କ ସପକ୍ଷରେ ବାହାରିଛନ୍ତି ଜିଲ୍ଲାର ସମସ୍ତ ଅଧିକାରୀ ଓ କର୍ମଚାରୀ । ଜରୁରୀ ପରିସ୍ଥିତିରେ ଜଣେ କାର୍ଯ୍ୟରତ ଅଧିକାରୀଙ୍କୁ ଏଭଳି ଦୁର୍ବ୍ୟବହାର ପ୍ରତିବାଦରେ ଗଞ୍ଜାମ ଜିଲ୍ଲାର ଜିଲ୍ଲାପରିଷଦ କାର୍ଯ୍ୟାଳୟର ବହୁ ଅଧିକାରୀ ଓ କର୍ମଚାରୀ ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଗଣମାଧ୍ୟମ ଅନୁଯାୟୀ ବିଧାୟକ କହିଛନ୍ତି ଯେ ଆମ ଭିତରେ ଭୁଲ୍ ବୁଝାମଣା ଥିଲା, ସମାଧାନ ହୋଇଗଲା । ମୋର ତାଙ୍କ ବିରୋଧରେ କୌଣସି ଅଭିଯୋଗ ନାହିଁ। ଯାହା ବି ଭୁଲ୍ ବୁଝାମଣା ଥିଲା, ଆପୋସ ଆଲୋଚନାରେ ସମାଧାନ ହୋଇଗଲା। ସେ ଏତଲା ଦେଇଛନ୍ତି, ମୁଁ ତାଙ୍କ ସହ କଥା ହୋଇଛି। ବନ୍ୟା ପ୍ରଭାବିତ ଅଞ୍ଚଳରେ ସେ ବି କାମ କରୁଥିଲେ, ମୁଁ ବି କରୁଥିଲି। ୮ ଦିନ ହେଲା ଅଖିଆ, ଅପିଆ, ଅନିଦ୍ରା ରହି କାମ କରୁଥିଲୁ। ସେ ଭିତରେ କିଛି ଭୁଲ୍ ବୁଝାମଣା ହୋଇଗଲା, ଏହା ସାଧାରଣ କଥା। ବିଧାୟକ ଯେଉଁ ସାଧାରଣ କଥା ବୋଲି କହୁଛନ୍ତି ବାସ୍ତବରେ ତାହା ସାଧାରଣ ଥିଲା କି ଅସ୍ୱାଭାବିକ ଥିଲା ତାହାର ସତ୍ୟତା କେତେ ଘଟଣାସ୍ଥଳର ସିସିଟିଭି ହିଁ କହିପାରିବ ବା ଦର୍ଶାଇପାରିବ। ଗଣତାନ୍ତ୍ରିକ ବ୍ୟବସ୍ଥାରେ ଶୃଙ୍ଖଳା ଆଗ । ଘଟଣାରେ ସଂପୃକ୍ତ ଅଧିକାରୀଙ୍କୁ କାର୍ଯ୍ୟ କରିବାରେ ବାଧା ପହଞ୍ଚିଥିଲା କି ଏ ପ୍ରଶ୍ନ ଏବେ ଉଠୁଛି। ସାଧାରଣ ନାଗରିକ, ଅଧିକାରୀ ଓ ବିଧାୟକ ଆଇନ ଆଗରେ ସମାନ କେତେ ତାହା ଗଂଜାମ ପୋଲିସ ଏ ବାବଦରେ କିଭଳି ପଦକ୍ଷେପ ନେଉଛି ତାହା ଉପରେ ରହିବ ସମସ୍ତଙ୍କ ନଜର। ଯାହା ଘଟିଛି ବାସ୍ତବରେ କ'ଣ , ତାହା ଲୋକଙ୍କ ସାମ୍ନାକୁ ଆସିପାରିବ ଯେବେ ନିରପେକ୍ଷ ତଦନ୍ତ ହେବ। ସତକୁ ଗୁରୁତ୍ୱ ଦେବାକୁ ହେବ। ଅଭିଯୋଗରେ ଜୀବନରୁ ମାରିଦେବାକୁ ଧମକ କଥା ଉଠିଛି, ଏହା କେତେ ଦୂର ସତ ? ତାହାର ବିଧିବଦ୍ଧ ତଦନ୍ତ ହେବା ଦରକାର। ଯଦି ବିଧାୟକ ଏଭଳି ଧମକ ଦେଇଥାନ୍ତି, ତାହାହେଲେ ଏହା ନିଶ୍ଚୟ ଗମ୍ଭୀର ଓ ସାଂଘାତିକ। ଗଣମାଧ୍ୟମରେ କୁହାଯାଇଛି ଯେ ବିଧାୟକ ଓ ଅଧିକାରୀଙ୍କ କଳି ତୁଟିଛି। କିନ୍ତୁ ଏହି ଘଟଣାରେ ରାଜନୈତିକ ଚାପ କି ଆଇନଗତ ସୁରକ୍ଷା କେଉଁ ଦିଗଟି ଗୁରୁତ୍ୱ ପାଉଛି ତାହା ଉପରେ ସମସ୍ତଙ୍କ ନଜର । ଏପରି ପ୍ରତିକ୍ରିୟା ରାଜ୍ୟର ସଚେତନ ନାଗରିକ ମହଲରେ ଏବେ ପ୍ରକାଶ ପାଇଲାଣି।

'ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଚାଲିଛି'

ଭୁବନେଶ୍ୱର,୫।୧୧: ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଗୁରୁବାର ଉଚ୍ଚଶିକ୍ଷା ବିଭାଗ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକର ଅଧ୍ୟକ୍ଷତା କରିଥିଲେ। ରାଜ୍ୟର ବିଶ୍ୱବିଦ୍ୟାଳୟ ଏବଂ କଲେଜଗୁଡ଼ିକରେ ପ୍ରମୁଖ ଶିକ୍ଷାଗତ ଯୋଜନା, ଚାଲୁଥିବା ନିଯୁକ୍ତି ଏବଂ ଭିତ୍ତିଭୂମି ପଦକ୍ଷେପଗୁଡ଼ିକର ମୂଲ୍ୟାଙ୍କନ କରାଯାଇଥିଲା।ବୈଠକ ସମୟରେ, ମନ୍ତ୍ରୀ ସୂରଜ ଜ୍ଞାନୋଦୟ - କେଜି ରୁ ପିଜି ମାଗଣା ଶିକ୍ଷା ଯୋଜନାର କାର୍ଯ୍ୟାନ୍ୱୟନ, ଖାଲି ଶିକ୍ଷକ ଏବଂ ଅଣ-ଶିକ୍ଷକ ପଦବୀ ପୂରଣ, ରାଜ୍ୟ ଚୟନ ବୋର୍ଡ (ଏସଏସବି) ଦ୍ୱାରା ପରିଚାଳିତ ନିଯୁକ୍ତି ପରୀକ୍ଷା ଏବଂ ପ୍ରଧାନମନ୍ତ୍ରୀ-ଉଷା ଅଧୀନରେ ପ୍ରକଳ୍ପ ଅଗ୍ରଗତି ସମେତ ଗୁରୁତ୍ୱପୂର୍ଣ୍ଣ ଏଜେଣ୍ଡାଗୁଡ଼ିକର ସମୀକ୍ଷା କରିଥିଲେ। ଚଳିତ ଶିକ୍ଷାବର୍ଷରୁ ମୁକ୍ତ-ଶିକ୍ଷା ଜ୍ଞାନୋଦୟ ଯୋଜନା କାର୍ଯ୍ୟକାରୀ ହେବା ଦ୍ୱାରା ନିୟମିତ ସ୍ନାତକୋତ୍ତର (ୟୁଜି) ପ୍ରବେଶରେ ଏକ ଉଲ୍ଲେଖନୀୟ ବୃଦ୍ଧି ଘଟିଥିବା ସୂଚନା ଦିଆଯାଇଥିଲା।ଶିକ୍ଷକ ଅଭାବ ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାର ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁଛନ୍ତି ବୋଲି ମନ୍ତ୍ରୀ ସୂରଜ ପ୍ରତିଶ୍ରୁତି ଦେଇଛନ୍ତି। ୬୬ଟି ସରକାରୀ ଡିଗ୍ରୀ ମହାବିଦ୍ୟାଳୟରେ ୩୮୫ଟି ସହକାରୀ ପ୍ରଫେସର (ସ୍ତର-୧) ପଦବୀ ପାଇଁ ନିଯୁକ୍ତି ପ୍ରକ୍ରିୟା ବର୍ତ୍ତମାନ ଚାଲିଛି। ସେହିପରି, ୧୭ଟି ବିଶ୍ୱବିଦ୍ୟାଳୟରେ ୧,୪୩୪ଟି ଶିକ୍ଷକ ପଦବୀ (ସହକାରୀ ପ୍ରଫେସର, ସହଯୋଗୀ ପ୍ରଫେସର ଏବଂ ପ୍ରଫେସର) ପୂରଣ ପାଇଁ ନିଯୁକ୍ତି ପ୍ରକ୍ରିୟା ଜାରି ରହିଛି।

● ଦାନର ମହିମା ଜୀବନକୁ

ମହାନ ବନେଇଥାଏ...



ମନୁଷ୍ୟ ଜୀବନର ବାସ୍ତବିକ ସାର୍ଥକତା କେବଳ ଧନ କମେଇବା ଆଉ ସୁଖ-ସୁବିଧାର ସଂଗ୍ରହ କରିବା ନୁହେଁ। ଅଧିକନ୍ତୁ ନିଜର ଅର୍ଜିତ ଧନ ସଂସାଧନରୁ ଅନ୍ୟମାନଙ୍କ ଜୀବନରେ ଖୁସି ଆଣିବାରେ ଥାଏ । ଭାରତୀୟ ସଂସ୍କୃତି ଆଉ ଧର୍ମ ପରମ୍ପରାରେ ଦାନକୁ ସର୍ବଦା ସର୍ବୋଚ୍ଚ ସ୍ଥାନ ଦିଆ ଯାଇଛି । ଦାନ କେବଳ ଧନ କିମ୍ବା ବସ୍ତୁ ଦେବାର ନାମ ନୁହେଁ,ଏହା କରୁଣା,ଉଦାରତା,ପରୋପକାର ଆଉ ମାନବୀୟ ସମ୍ବେଦନାର ଅଭିବ୍ୟକ୍ତ ଅଟେ । ଗୋଟିଏ ପ୍ରସୁଦ୍ଧ ଲୋକୋକ୍ତି ଅଛି,'ଭିକରୁ ଭିକ ଦିଅ,ତିନ ଲୋକ ଜିତ ଲେ।' । ଏହାର ଭାବର୍ଥ ହେଲା ଯାହାର ପାଖରେ ସ୍ୱୟଂ ବହୁତ କମ୍ ଥାଏ,ସେବି ନିଜର ସାମର୍ଥର ଅନୁସାରେ କୌଣସି ଅସହାୟର ସହାୟତା କରି ପାରିବ । ଦାନର ମୂଲ୍ୟ ବସ୍ତୁର ମୂଲ୍ୟରୁ ନୁହେଁ,ଏହା ଦେବା ବାଲାର ଭାବନାରୁ ନିର୍ଦ୍ଧାରିତ ହୋଇଥାଏ । ସନ୍ଥ ଆଉ ମହାପୁରୁଷ କହିଛନ୍ତି କି ଧନର ତିନି ଗତି ହୋଇଥାଏ-ଦାନ,ଭୋଗ ଆଉ ନାଶ । ଯେଉଁ ଧନ ଅନ୍ୟଙ୍କର କାମରେ ଅସିଥାଏ,ସେହି ଧନ ସାର୍ଥକ ହୋଇଥାଏ । ଯେଉଁ ବ୍ୟକ୍ତି ନା' ସ୍ୱୟଂ ତାହାର ସଦୁପଯୋଗ କରିଥାଏ ନା' ହିଁ ଅସହାୟକୁ ଦେଇଥାଏ,ସେହି ଧନ ଅନ୍ତତଃ ନଷ୍ଟ ହୋଇ ଯାଇଥାଏ । ସେଥିପାଇଁ ଜୀବନରେ ସଞ୍ଚୟର ସହିତ ସଦୁପଯୋଗ ଆଉ ପରୋପକାରର ଭାବ ମଧ୍ୟ ଅବଶ୍ୟକ ଅଟେ । ଅନୁଭବ ବତେଇ ଥାଏ କି କେବଳ ସଂଗ୍ରୟ କରିଲେ ହିଁ ମନୁଷ୍ୟକୁ ସ୍ଥାୟୀ ସନ୍ତୋଷ ମିଳି ନଥାଏ । ଅନ୍ୟମାନଙ୍କ ସହିତ ବାଣ୍ଟିଲେ ଆତ୍ମିକ ଆନନ୍ଦ ଆଉ ସମାଜରେ ସମ୍ମାନ ପ୍ରାପ୍ତ ହୋଇଥାଏ । ଏହି କାରଣ ହେଲାକି ଭାରତୀୟ ଚିନ୍ତନରେ କୁହାଯାଇଛି କି ଉପାର୍ଜନ ନିଜ ହାତରେ କର ଆଉ ଦାନ ହଜାର ହାତରେ କର । ପ୍ରକୃତି ମଧ୍ୟ ଆମକୁ ଦେବାର ସନ୍ଦେଶ ଦେଇଥାଏ । ସୂର୍ଯ୍ୟ ବିନା କୌଣସି ଭେଦ-ଭାବ ନକରି ପ୍ରକାଶ ଦେଇଥାଏ, ବାୟୁ ସମସ୍ତଙ୍କୁ ଜୀବନ ପ୍ରଦାନ କରିଥାଏ ଆଉ ନଦୀମାନେ ନିଜର ଜଳ ଅନ୍ୟମାନଙ୍କ ପାଇଁ ବହିଥାନ୍ତି । ବୃକ୍ଷ ସ୍ୱୟଂ ଖରା ଆଉ ବର୍ଷା ସହନ କରିକି ଅନ୍ୟମାନଙ୍କୁ ଫଳ, ଛାୟା ଆଉ ପ୍ରାଣ ବାୟୁ ଦେଇଥାଏ । ପ୍ରକୃତିର ପ୍ରତ୍ୟେକ ତତ୍ତ୍ୱ ଆମକୁ ଶିଖେଇ ଥାଏ କି ଜୀବନର ଉଦ୍ଦେଶ୍ୟ କେବଳ ନେବା ନୁହେଁ,ଦେବା ମଧ୍ୟ ଅଟେ । ମନୁଷ୍ୟ ପ୍ରକୃତି ଠାରୁ ଜୀବନସାରା ଅନେକ ଉପହାର ପ୍ରାପ୍ତ କରିଥାଏ । ସେଥିପାଇଁ ତାହା ପ୍ରତି କୃତଜ୍ଞତା ପ୍ରକଟ କରିବାର ଗୋଟିଏ ମାର୍ଗ ହେଲା ପରୋପକାର ଅଉ ଦାନ ମଧ୍ୟ । ଯେମିତି କୃଷକ କ୍ଷେତରେ ମଞ୍ଜି ପକେଇ ଥାଏ ଆଉ କିଛି ସମୟ ପରେ ମଞ୍ଜି ଅନେକ ଗୁଣା ହୋଇକରି ଫେରିଥାଏ । ସେମିତି ନିଃଶ୍ୱାର୍ଥ ଭାବରେ କରାଯାଇ ଥିବା ଦାନ ମଧ୍ୟ ଜୀବନରେ ସଦ୍‌ଭାବ ଆଉ ପୁଣ୍ୟର ଆଧାର ହୋଇଥାଏ । ଦାନ କରିବା ସମୟରେ ଭାବନାର ପ୍ରତି ପବିତ୍ରତା ସବୁଠୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଅଟେ । ଦାନର ଉଦ୍ଦେଶ୍ୟ କାହା ଉପରେ ଉପକାର ଜତେଇବା,ନିଜର ନାମ ଚମକେଇବା ଅଥବା ପ୍ରସିଦ୍ଧି ପ୍ରାପ୍ତ କରିବାର ତାହା ଅଟେ ଯାହା ନୁହେଁ । ବାସ୍ତବିକ ଦାନ ବିନା କୌଣସି ଅପେକ୍ଷାରେ ଅସହାୟତାକୁ ସାହାଯ୍ୟ କରିବା । ଦାନ ନେବା ବାଲାଙ୍କ ପ୍ରତି ସମ୍ମାନ ଆଉ ବିନମ୍ରତାର ଭାବ ରଖିବା ଦରକାର । ଦାନର ଅନେକ ସ୍ୱରୂପ ଅଛି । ଜ୍ଞାନ ଦାନ,ଅଭୟ ଦାନ,ବସ୍ତ୍ର ଦାନ,ଔଷଧ ଦାନ,ଆବାସ ଦାନ ଆଉ ଆହାର ଦାନ ସମସ୍ତଙ୍କର ନିଜସ୍ୱ ମହତ୍ତ୍ୱ ଅଛି । ଏମାନଙ୍କ ମଧ୍ୟରୁ ଆହାର ଦାନକୁ ବିଶେଷ ରୂପରେ ମହାଦାନ କୁହା ଯାଇଛି । କାହିଁକି ଭୋଜନ ଜୀବନର ଆଧାର ଅଟେ । ଭୋକିଲା ବ୍ୟକ୍ତିଙ୍କୁ ଭୋଜନ କରେଇବା କେବଳ ତାହାର ଭୋକ ମେଣ୍ଟେଇବା ନୁହେଁ,ଆଉ ତାକୁ ଜୀବନ ଜୀଇଁବାର ଶକ୍ତି ଦେଇଥାଏ । ଧନ,ବସ୍ତ୍ର ଆଉ ଅନ୍ୟ ସୁବିଧା ପରେ ମଧ୍ୟ ପ୍ରାପ୍ତ ହୋଇ ପାରିବ । କିନ୍ତୁ ଭୋକର ପୀଡା ତତ୍‌କାଳ ଭୋଜନ ମାଗିଥାଏ ।

ମନୋଜ କୁମାର ବେହେରା
ମୋ-୭୯୭୮୮୩୦୬୧୧

ଧନତେରସର ଗୂଢ଼ତତ୍ତ୍ୱ

ଧନ, ସ୍ୱାସ୍ଥ୍ୟ ଓ ସମୃଦ୍ଧିର ଆଧ୍ୟାତ୍ମିକ ମହତ୍ତ୍ୱ





ଭାରତୀୟ ସଂସ୍କୃତି ଓ ପରମ୍ପରାରେ ପ୍ରତ୍ୟେକ ପର୍ବପର୍ବାଣୀ ପଛରେ କିଛି ନା କିଛି ଆଧ୍ୟାତ୍ମିକ, ଧାର୍ମିକ ଓ ସାମାଜିକ ତତ୍ତ୍ୱ ଲୁଚି ରହିଛି। ସେହିପରି ଏକ ମହତ୍ତ୍ୱପୂର୍ଣ୍ଣ ପର୍ବ ହେଉଛି ଧନତେରସ। ଦୀପାବଳି ପାଳନର ଆରମ୍ଭ ଏହି ପର୍ବରୁ ହୋଇଥାଏ। କାର୍ତ୍ତିକ ମାସର କୃଷ୍ଣପକ୍ଷ ତ୍ରୟୋଦଶୀ ତିଥିରେ ଏହା ପାଳନ କରାଯାଏ। ଧନତେରସକୁ କେବଳ ସୁନା, ରୂପା, ବାସନକୁସନ କିଣିବାର ପର୍ବ ଭାବେ ଦେଖିବା ଉଚିତ ନୁହେଁ; ଏହାର ଅନ୍ତର୍ନିହିତ ତତ୍ତ୍ୱ ହେଉଛି ଧନ ସହିତ ସ୍ୱାସ୍ଥ୍ୟ, ଦୀର୍ଘାୟୁ ଓ ମାନବ କଲ୍ୟାଣର କାମନା।

ସମୁଦ୍ର ମନ୍ଥନ ଓ ଧନ୍ୱନ୍ତରୀଙ୍କ ଆବିର୍ଭାବ

ପୁରାଣ ବର୍ଣ୍ଣନା ଅନୁସାରେ, ଦେବତା ଓ ଅସୁରମାନଙ୍କ ମଧ୍ୟରେ ଅମୃତ ପ୍ରାପ୍ତି ପାଇଁ ସମୁଦ୍ର ମନ୍ଥନ ହୋଇଥିଲା। ମନ୍ଦର ପର୍ବତକୁ ମନ୍ଥନ ଦଣ୍ଡ ଏବଂ ବାସୁକୀ ନାଗଙ୍କୁ ରଜ୍ଜୁ ଭାବେ ବ୍ୟବହାର କରାଯାଇଥିଲା। ଏହି ସମୁଦ୍ର ମନ୍ଥନରୁ ଭଗବାନ ବିଷ୍ଣୁଙ୍କ ଅଂଶାବତାର ଧନ୍ୱନ୍ତରୀ ଅମୃତ କଳସ ଧରି ଆବିର୍ଭାବ ହୋଇଥିବା ପୌରାଣିକ କଥା ରହିଛି। ଧନ୍ୱନ୍ତରୀଙ୍କୁ ଆୟୁର୍ବେଦର ଆଦି ପ୍ରବର୍ତ୍ତକ ଓ ଦେବତାମାନଙ୍କ ବୈଦ୍ୟ ଭାବେ ପୂଜା କରାଯାଏ। ଏହି କାରଣରୁ ଧନତେରସକୁ ଧନ୍ୱନ୍ତରୀ ଜୟନ୍ତୀ ମଧ୍ୟ କୁହାଯାଏ। ଏହି ପରମ୍ପରାର ଆଉ ଏକ ଗଭୀର ସନ୍ଦେଶ ହେଉଛି, ମଣିଷ ଜୀବନରେ ଧନଠାରୁ ସ୍ୱାସ୍ଥ୍ୟର ମୂଲ୍ୟ ଅଧିକ। କାରଣ ସୁସ୍ଥ ଶରୀର ହିଁ ସୁଖୀ ଜୀବନର ମୂଳ ଆଧାର।

ଧନତେରସରେ ସୁନା ଓ ରୂପା କିଣିବାର ପରମ୍ପରା

ଧନତେରସ ଦିନ ସୁନା, ରୂପା, ତମ୍ବା, ପିତ୍ତଳ ଓ ଅନ୍ୟାନ୍ୟ ଧାତୁର ସାମଗ୍ରୀ କିଣିବାର ଏକ ପ୍ରଚଳିତ ପରମ୍ପରା ରହିଛି। ଏହି ଦିନ ନୂତନ ବାସନକୁସନ କିଣିବାକୁ ଶୁଭ ମନେ କରାଯାଏ। ଧାର୍ମିକ ବିଶ୍ୱାସ ଅନୁସାରେ ଏହା ଘରକୁ ସମୃଦ୍ଧି ଓ ଶୁଭଲକ୍ଷ୍ମୀ ଆଗମନର ପ୍ରତୀକ। କିନ୍ତୁ ଏଠାରେ ଏକ କଥା ବୁଝିବା ଆବଶ୍ୟକ। ସୁନା କିମ୍ବା ରୂପା କିଣିବା ଧନତେରସର ଏକ ସାମାଜିକ ଓ ଲୋକପ୍ରଚଳିତ ପରମ୍ପରା; ଏହା କୌଣସି ବାଧ୍ୟତାମୂଳକ ଧାର୍ମିକ ନିୟମ ନୁହେଁ। ପ୍ରକୃତ ସମୃଦ୍ଧି କେବଳ ଧନସମ୍ପତ୍ତିରେ ନୁହେଁ, ବରଂ ସୁସ୍ଥ ଜୀବନ, ସନ୍ତୋଷ ଉପାର୍ଜନ, ସନ୍ତୋଷ ଓ ସଦ୍‌ବ୍ୟବହାରରେ ରହିଛି।

ଯମଦୀପ ଦାନର ରହସ୍ୟ

ଧନତେରସ ସହିତ ଯମଦୀପ ଦାନର ମଧ୍ୟ ଏକ ପ୍ରାଚୀନ ପରମ୍ପରା ଯୋଡ଼ି ହୋଇ ରହିଛି। ଏହି ଦିନ ସନ୍ଧ୍ୟାରେ ଘରର ମୁଖ୍ୟ ଦ୍ୱାର ବାହାରେ ଦୀପ ଜଳାଇ ଯମରାଜଙ୍କୁ ପ୍ରାର୍ଥନା କରାଯାଏ। ଲୋକବିଶ୍ୱାସ ଅନୁସାରେ ଏହା ପରିବାରର ସଦସ୍ୟମାନଙ୍କୁ ଅକାଳ ମୃତ୍ୟୁରୁ ରକ୍ଷା କରିବାର ପ୍ରତୀକ। ଏହି ପରମ୍ପରାର ଆଧ୍ୟାତ୍ମିକ ଅର୍ଥ ହେଉଛି ମୃତ୍ୟୁ ଏକ ଚିରନ୍ତନ ସତ୍ୟ ଏବଂ ଜୀବନର ପ୍ରତ୍ୟେକ ମୁହୂର୍ତ୍ତ ମୂଲ୍ୟବାନ। ତେଣୁ ମଣିଷ ଅନ୍ଧକାରରୁ ଆଲୋକ ଆଡ଼କୁ, ଅଜ୍ଞାନରୁ ଜ୍ଞାନ ଆଡ଼କୁ ଅଗ୍ରସର ହେବା ଉଚିତ।

ଆୟୁର୍ବେଦ ଓ ଧନତେରସର ସମ୍ପର୍କ

ଧନତେରସ କେବଳ ଧାର୍ମିକ ପର୍ବ ନୁହେଁ, ଏହା ଭାରତୀୟ ଚିକିତ୍ସା ପରମ୍ପରା ଆୟୁର୍ବେଦର ମହତ୍ତ୍ୱକୁ ମଧ୍ୟ ମନେ ପକାଇଥାଏ। ଆୟୁର୍ବେଦ ଶବ୍ଦଟି ସଂସ୍କୃତର 'ଆୟୁଃ' ଓ 'ବେଦ' ଶବ୍ଦରୁ ଆସିଛି। ଏହାର ଅର୍ଥ ହେଉଛି ଜୀବନ ସମ୍ପର୍କିତ ଜ୍ଞାନ। ଭାରତ ସରକାର ୨୦୧୬ ମସିହାରୁ ଧନ୍ୱନ୍ତରୀ ଜୟନ୍ତୀ ଅବସରରେ ଜାତୀୟ ଆୟୁର୍ବେଦ ଦିବସ ପାଳନ ଆରମ୍ଭ କରିଥିଲେ। ତେବେ ୨୦୨୫ ମସିହାରୁ ଏହାର ତାରିଖ ପ୍ରତିବର୍ଷ ସେପ୍ଟେମ୍ବର ୨୩ ତାରିଖ ନିର୍ଦ୍ଧାରଣ କରାଯାଇଛି। ଏହା ସରକାରୀ ସ୍ତରରେ ଆୟୁର୍ବେଦର ଗୁରୁତ୍ୱକୁ ପ୍ରତିପାଦିତ କରୁଛି।

ଆଧୁନିକ ସମାଜ ପାଇଁ ଧନତେରସର ସନ୍ଦେଶ

ଆଜିର ଭୋଗବାଦୀ ସମାଜରେ ଧନତେରସ ଧୀରେ ଧୀରେ ସୁନା, ରୂପା ଓ ଦାମୀ ସାମଗ୍ରୀ କ୍ରୟର ପର୍ବରେ ପରିଣତ ହେଉଛି। ବଜାରରେ ଗ୍ରାହକଙ୍କ ଭିଡ଼, ବ୍ୟବସାୟୀଙ୍କ ଆକର୍ଷଣୀୟ ଅଫର ଓ ବିଜ୍ଞାପନର ଚାକଚକ୍ୟ ମଧ୍ୟରେ ଏହି ପର୍ବର ମୂଳ ଉଦ୍ଦେଶ୍ୟ ଯେପରି ହଜିଯାଉଛି। ପ୍ରକୃତରେ ଧନର ଅର୍ଥ କେବଳ ଟଙ୍କା ପଇସା ନୁହେଁ। ଭଲ ସ୍ୱାସ୍ଥ୍ୟ, ଉତ୍ତମ ଶିକ୍ଷା, ପରିବାରରେ ସ୍ନେହ, ସାମାଜିକ ସମ୍ମାନ, ପ୍ରକୃତିର ସୁରକ୍ଷା ଓ ମାନସିକ ଶାନ୍ତି ମଧ୍ୟ ମଣିଷର ପ୍ରକୃତ ସମ୍ପଦ। ଯେଉଁ ଘରେ ଧନ ଅଛି କିନ୍ତୁ ଶାନ୍ତି ନାହିଁ, ଯେଉଁଠି ସମ୍ପତ୍ତି ଅଛି କିନ୍ତୁ ସ୍ୱାସ୍ଥ୍ୟ ନାହିଁ, ସେଠାରେ ସମୃଦ୍ଧିର ପ୍ରକୃତ ଅର୍ଥ ନାହିଁ।

ଉପସଂହାର

ଧନତେରସ ଆମକୁ ଶିଖାଏ ଯେ ଧନ ଉପାର୍ଜନ କରିବା ସହିତ ତାହାର ସଦୁପଯୋଗ କରିବା ମଧ୍ୟ ଆବଶ୍ୟକ। ଅନ୍ୟାୟ, ଦୁର୍ନୀତି ଓ ଶୋଷଣ ମାଧ୍ୟମରେ ଅର୍ଜିତ ଧନ କେବେହେଲେ ପ୍ରକୃତ ସମୃଦ୍ଧି ଆଣିପାରେ ନାହିଁ। ସଚ୍ଚୋଟ ପରିଶ୍ରମ, ସୁସ୍ଥ ଜୀବନ, ଦାନଶୀଳତା ଓ ପରୋପକାର ହିଁ ପ୍ରକୃତ ଧନର ପରିଚୟ। ଧନତେରସର ଦୀପ କେବଳ ଘରକୁ ଆଲୋକିତ ନକରି ମଣିଷର ଚିନ୍ତାଧାରାକୁ ମଧ୍ୟ ଆଲୋକିତ କରୁ। ଆମେ ଧନ ପଛରେ ଧାଇଁବା ସହିତ ଧନର ସଠିକ୍ ମୂଲ୍ୟ ବୁଝିବା ଆବଶ୍ୟକ। କାରଣ ଜୀବନର ସବୁଠାରୁ ବଡ଼ ସମ୍ପଦ ହେଉଛି ସୁସ୍ଥ ଶରୀର, ନିର୍ମଳ ମନ ଓ ସନ୍ତୋଷପୂର୍ଣ୍ଣ ଜୀବନ। ଧନ ଅର୍ଜନ କରିବା ମଣିଷର ଦକ୍ଷତା, ଧନର ସଦୁପଯୋଗ କରିବା ମଣିଷର ବିବେକ ଏବଂ ଧନ ସହିତ ମାନବିକତାକୁ ବଞ୍ଚାଇ ରଖିବା ହିଁ ମଣିଷର ପ୍ରକୃତ ମହାନତା।


କୈଳାଶ ଚନ୍ଦ୍ର ପଟ୍ଟନାୟକ
ମୋ: ୯୯୩୭୪୩୩୧୬୬

ସୁଖ-ଦୁଃଖର କାରଣ 'ମାୟା'

ମାୟାକୁ ବୁଝେଇବା ପାଇଁ ଭାଗବତରେ ସ୍ୱପ୍ନର ଅନେକ ବାର ଦୃଷ୍ଟାନ୍ତ ଦିଆଯାଇଛି । ଅନ୍ଧାରରେ ରସି ପଡିଥିଲେ ତାହାକୁ ସାପର ଆଭାସ ହୋଇଥାଏ । ସାପ ନହେଇ ଥିଲେ ମଧ୍ୟ ଦେଖା ଯାଇଥାଏ । ତାହା ସେହିଁ ହେଇଥିଲେ ବି ଦେଖାଯାଏନି । ଏହାର କାରଣ 'ଅନ୍ଧକାର' । ଅନ୍ଧକାର ହେବା କାରଣରୁ ସେଠାରେ ସାପ ଦେଖା ଯାଇଥାଏ। ତତ୍ତ୍ୱ ଦୃଷ୍ଟିରେ ଜଗତ୍ ନହୋଇ ମଧ୍ୟ ଜଗତ୍ ଦେଖା ଯାଇଥାଏ । ଭଗବାନ ଅଛନ୍ତି ତା'ପରେ ମଧ୍ୟ ଭଗବାନ ଦେଖାଯାଆନ୍ତି ନାହିଁ,ଏହାର କାରଣ 'ମାୟା' । ସ୍ୱପ୍ନରେ ବହୁତ କିଛି ଦେଖାଯାଏ । ସ୍ୱପ୍ନ ଦେଖିବା ବାଲା ଯିଏ ହେଉ,ତାହା ସତ୍ୟ ଅଟେ,କିନ୍ତୁ ସ୍ୱପ୍ନରେ ଯାହା କିଛି ଦେଖିଥାଏ, ତାହା ସବୁ ମିଥ୍ୟା ଅଟେ । କିଏ ସ୍ୱପ୍ନରେ ଦେଖିଲା କି ତାକୁ ଲକ୍ଷେ ଟଙ୍କା ମିଳିଛି,ତାହା ସୁଖ ହୋଇଥାଏ । ମୁଁ ଶ୍ରୀମାନ ହେଇଛି । ଆଉ କିଏ ସ୍ୱପ୍ନରେ ଦେଖିଲାକି ବାଘ ତା' ପଛରେ ପଡିଛି ଆଉ ଭୟ ଲାଗିଥାଏ । ଏହିପରି ସ୍ୱପ୍ନର ବାଘ ଯେଉଁ ପ୍ରକାରର ଦୁଃଖ ଦେଇଥାଏ ଆଉ ଲକ୍ଷେ ଟଙ୍କା ମିଳିଲା ପରେ ସୁଖ ହୋଇଥାଏ । ଏଥିରୁ ସିଦ୍ଧ ହୋଇଥାଏ କି ସ୍ୱପ୍ନ ସତ୍ୟ ନୁହେଁ । ତଥାପି ସେଥିରେ ସୁଖ-ଦୁଖର ଅନୁଭବ ହୋଇଥାଏ । ମାୟା ସତ୍ୟ ଅଟେ । ମାୟା ଦୁଃଖ ଦେଇଥାଏ ।



ଅଜ୍ଞାନ ଅନାଦି ଅଟେ । ଜ୍ଞାନ କେବେ ହୋଇଥାଏ,ଏହା କୁହାଯାଇ ପାରିବନି । ଅଜ୍ଞାନ କେବେଠୁ ରହିଛି ଏହା ମଧ୍ୟ କୁହାଯାଇ ପାରିବନି । ଅଜ୍ଞାନ ଅନାଦି ଅଟେ । ମାୟା ଅନାଦି ଅଟେ । ମାୟା ମାରିଥାଏ ଆଉ ମାୟା ଦୁଃଖ ଦେଇଥାଏ । ଯିଏ ଅସଫଳ ରହିଥାଏ, ମାୟା ତାକୁ ଦୁଃଖ ଦେଇଥାଏ, ସାବଧାନକୁ ମାୟା ଦୁଃଖ ଦେଇ ନଥାଏ । ଯିଏ ଭଗବାନଙ୍କ ସମ୍ମୁଖରେ ଥାଏ,ସେ ସାବଧାନ ଥାଏ । ଯିଏ ଭଗବାନଙ୍କୁ ଭୁଲି ଗଲା,ସେହି ଅସବଧାନତାର ଶିକାର ହୁଏ । ସ୍ୱପ୍ନ ଦେଖିବା ବାଲା ସତ୍ୟ ଅଟେ,ସ୍ୱପ୍ନର ସବୁ ଦୃଶ୍ୟ-ପଦାର୍ଥ ମିଥ୍ୟା ଅଟେ । ସ୍ୱପ୍ନ କାହାକୁ ଦେଖା ଯାଇଥାଏ,ଯିଏ ଶୋଇଥାଏ । ଯିଏ ଜାଗ୍ରତ ଥାଏ, ତାକୁ କେବେ ସ୍ୱପ୍ନ ଦେଖାଯାଏନି । ଜାଗ୍ରତ ବାଲାକୁ ଭଗବାନ ମିଳିଥାନ୍ତି । ଯିଏ ଶୋଇଥାଏ ତାକୁ ସଂସାର ମିଳୀଥାଏ । ସଂସାର କୌଣସି ବି ସୁଖ ମାନବକୁ ମିଠା ଲାଗିଥାଏ,ଯେପର୍ଯ୍ୟନ୍ତ ମାନବ ଶୋଇ ରହିଥାଏ । ସଂସାରର ସବୁ ସୁଖ ଯେତେବେଳେ ତୁଚ୍ଛ ଲାଗିଥାଏ, ସେତେବେଳେ ସେ ଉଠିଥାଏ । 'ଜାନିଅ ତବହିଁ ଜୀବ ଜଗ ଜାଗା । ଜବ ସବ ବିଷୟ ବିଲାସ ବିରାଗା' । ସଂସାରର ସୁଖ ଯାହାକୁ ମିଠା ଲାଗିଥାଏ,ତାକୁ ସଂସାର ମିଳିଥାଏ । ସଂସାରର ସବୁ ସୁଖ ଯାହାକୁ ତୁଚ୍ଛ ଲାଗିଥାଏ ତାକୁ ଭଗବାନଙ୍କ ଦର୍ଶନ ହୋଇଥାଏ । ସ୍ୱପ୍ନର ଦୃଶ୍ୟ-ପଦାର୍ଥର ଦ୍ରଷ୍ଟା ସହିତ ସମ୍ବନ୍ଧ ହୋଇ ନଥାଏ । ସ୍ୱପ୍ନ ଦେଖିଲା ବାଲା ଘରେ ଥାଏ । ରାଜା ପ୍ରଶ୍ନ କଲେ,'ମାୟା'ର ଜୀବ ସହିତ ସମ୍ବନ୍ଧ କେବେ ଆଉ କିପରି ହେଲା ? ଶୁକ୍‌ଦେବ କହିଲେ,'ମହାରାଜ !' ଏହି ପ୍ରଶ୍ନରେ ସମାପ୍ତର ନାହିଁ । ମାୟା ସତ୍ୟ ନୁହେଁ । ମାୟାର ଜୀବର ସହିତ ସମ୍ବନ୍ଧ ମଧ୍ୟ ସତ୍ୟ ନୁହେଁ । ଯେଉଁପରି ନିକୃଷ୍ଟ ସ୍ୱପ୍ନ ସୁଖ-ଦୁଃଖ ଦେଇଥାଏ,ସେହିପରି ନିକୃଷ୍ଟ ମାୟା ମଧ୍ୟ ସୁଖ-ଦୁଃଖ ଦେଇଥାଏ । ମାୟାର ଆଦି ନାହିଁ,କିନ୍ତୁ ଅନ୍ତ ଅଛି । ମାୟା ଛାୟା ଭଳି ଅଟେ । ଛାୟା ଦେଖାଯାଏ,କିନ୍ତୁ ତାକୁ କିଏ ଧରି ପାରନ୍ତି ନାହିଁ । ଯିଏ ଦୀପର ସମ୍ମୁଖରେ ଅଛି,ତାକୁ ଛାୟା ଦେଖାଯାଏନି,ତା'ର ପଛରେ ଛାୟା ରହିଥାଏ । ସେଥିପାଇଁ ଯିଏ ଦୀପର ସାମନାରେ ପିଠି କରିଥାଏ ତାକୁ ଛାୟା ଦେଖା ଯାଇଥାଏ । ଯିଏ ଭଗବାନଙ୍କ ସମ୍ମୁଖେର ଥାଏ,ମାୟା ତାକୁ ଦେଖା ଯାଏନି । ଭଗବାନଙ୍କୁ ଭୁଲିଯିବା,ଏହା ବଡ ପାପ ଅଟେ । ସବୁଠୁ ବଡ ପାପ କ'ଣ ? ଶାସ୍ତ୍ରରେ ଲେଖା ଅଛି । ବ୍ରହ୍ମ-ହତ୍ୟା ମହାପାପ ଅଟେ । ଏହାର ସାତ୍ତ୍ୱିକ ଅର୍ଥ,'ବ୍ରହ୍ମାଙ୍କୁ ମାରିବା' । ବ୍ରହ୍ମାକୁ କିଏ ମାରି ପାରିବ ? ସେଥିପାଇଁ ବ୍ରହ୍ମହତ୍ୟାର ମୂଳ ଅର୍ଥ ହେଲା,ବ୍ରହ୍ମାର ବିସ୍ମରଣ ! ଯିଏ ଭଗବାନଙ୍କୁ ଭୁଲିଯାଏ,ତାହାର ଆଗରେ ମାୟା ଆସିଥାଏ । ତେଣୁ ଭଗବାନଙ୍କୁ ଭୁଲିବା ନୁହେଁ । ଭଗବାନଙ୍କ ସମ୍ମୁଖ ରହିଲେ ମାୟା ତାକୁ ଭୟ ଦେଇ ନଥାଏ । ମାୟା 'ନର୍ତ୍ତକୀ' ଅଟେ ଆଉ ନାଚିଥାଏ । ଜୀବ ମାୟାର ନାଚ ଦେଖି କରି ମୋହିତ ହୋଇଯାଏ ଆଉ ମାୟାର ସହିତ ନାଚିବାକୁ ଲାଗିଥାଏ । 'ନର୍ତ୍ତକୀ'କୁ ଓଲଟାଇ ଦେଲେ 'କୀର୍ତ୍ତନ' ହୋଇଥାଏ । ଯିଏ ପ୍ରେମରେ ଭଗବାନଙ୍କୁ କୀର୍ତ୍ତନ କରିଥାଏ, ପ୍ରେମରେ ଯିଏ ଭଗବାନଙ୍କୁ ଧ୍ୟାନ କରିଥାଏ,ଯିଏ ଭଗବାନଙ୍କ ସ୍ମରଣରେ ତନ୍ମୟ ହୋଇଥାଏ । ତାକୁ ମାୟା କେବେ ଭୟ ଦେଖେଇ ନଥାଏ । ମାୟା ମୂର୍ଖକୁ ମାରିଥାଏ, ସାବଧାନକୁ ମାରି ନଥାଏ । ଯିଏ ସର୍ବକାଳ ସାବଧାନ ରହିଥାଏ,ସେ ସାଧୁ ଅଟେ । ଯିଏ ଅସବଧାନତାରେ ରହେ ସେ ସଂସାରୀ ଅଟେ ।



ମନୋଜ କୁମାର ବେହେରା
ମୋ: ୭୯୭୮୮୩୦୬୧୧

ଦିନଲିପି

୬ .୧୧. ୨୦୨୬ ଶୁକ୍ରବାର

ନିଜ ମାଟିକୁ ଫେରାଇ ଆଣିବାରେ ସଫଳ ହେଲା ଜିଲ୍ଲା ପ୍ରଶାସନ

ମାଲକାନଗିରି(ନିପ୍ର): ମାଲକାନଗିରି ଜିଲ୍ଲାପାଳ ପ୍ରଥମେ ଅରବିନ୍ଦ ରାଜଶିର୍କେଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶ କ୍ରମେ ଚିତ୍ରକୋଣ୍ଡା ବ୍ଲକ ଅଧୀନସ୍ଥ ଧୂଳିପୁଟ ପଞ୍ଚାୟତର ଆନ୍ଧ୍ର ସୀମାବର୍ତ୍ତୀ ଝୁମଡାଙ୍ଗ ଗ୍ରାମରେ ଏକ ସ୍ୱତନ୍ତ୍ର ଜନଶୁଣାଣି ତଥା ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ସୀମାନ୍ତ ଅଞ୍ଚଳର ନାଗରିକଙ୍କ ନିକଟରେ ଓଡ଼ିଶା ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ଓ ମୌଳିକ ସେବା ସୁନିଶ୍ଚିତ କରିବା ଲକ୍ଷ୍ୟରେ ଜିଲ୍ଲା ପ୍ରଶାସନ, ପୋଲିସ, ସ୍ଥାନୀୟ ଜନପ୍ରତିନିଧି, ଆଦିବାସୀ ସମାଜ ଏବଂ ଗଣମାଧ୍ୟମର ମିଳିତ ସହଯୋଗରେ ଏହି ବୃହତ ପ୍ରଶାସନିକ ପ୍ରୟାସ କରାଯାଇଛି। ଝୁମଡାଙ୍ଗ ଓଡ଼ିଶାର ଏକ ଅବିଚ୍ଛେଦ୍ୟ ଅଙ୍ଗ ଏବଂ ଅଞ୍ଚଳର ସର୍ବାଙ୍ଗୀନ ବିକାଶ ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରଶାସନ ପକ୍ଷରୁ ଗ୍ରାମବାସୀଙ୍କୁ ଆଶ୍ୱାସନା ଦିଆଯାଇଛି। ଶିବିରରେ ୫୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଯୋଗଦେଇ ନିଜ ନିଜର ସମସ୍ୟା ଉପସ୍ଥାପନ କରିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ସର୍ବମୋଟ ୧୩୭ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଛି, ଯେଉଁଥିରେ ୪ଟି ସାମୂହିକ ସମସ୍ୟା ଏବଂ ଅବଶିଷ୍ଟ ଜବ କାର୍ଡ, ରାସନ କାର୍ଡ ଓ ଆବାସ ଯୋଜନା ସମ୍ବନ୍ଧୀୟ ବ୍ୟକ୍ତିଗତ ଅଭିଯୋଗ ଅନ୍ତର୍ଭୁକ୍ତ। ପ୍ରଶାସନ ପକ୍ଷରୁ ସମସ୍ତ ଉପସ୍ଥିତ ଗ୍ରାମବାସୀଙ୍କ ପାଇଁ ମଧ୍ୟାହ୍ନ ଭୋଜନର ସୁବ୍ୟବସ୍ଥା କରାଯାଇଥିଲା। ଏହି ଅବସରରେ ଜିଲ୍ଲାପାଳ କହିଛନ୍ତି, ସୀମାନ୍ତ ଗ୍ରାମ ଝୁମଡାଙ୍ଗ ଓଡ଼ିଶାର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଗ୍ରାମବାସୀଙ୍କ ପାଖରେ ଓଡ଼ିଶା ସରକାରଙ୍କ ପ୍ରତ୍ୟେକ କଲ୍ୟାଣକାରୀ ଯୋଜନା ଓ ମୌଳିକ ସୁବିଧା ପହଞ୍ଚାଇବା ଆମର ପ୍ରାଥମିକତା। ପ୍ରଶାସନ ସବୁସମୟରେ ଲୋକଙ୍କ ସହ ରହିଛି ଏବଂ କୌଣସି ବି ପରିସ୍ଥିତିରେ ଆମର ନିଜ ମାଟି ଓ ଲୋକଙ୍କ ବିକାଶରେ ଅବହେଳା କରାଯିବ ନାହିଁ।

ଆଠଗଡ଼ରେ ଗ୍ରାମୀଣ କର୍ମନିଯୁକ୍ତି ଓ ସାମାଜିକ ସୁରକ୍ଷା ଯୋଜନାର ସମୀକ୍ଷା

ଆଠଗଡ଼(ନିପ୍ର): ଆଜି ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ମଧୁବାବୁ ପେନସନ ଯୋଜନା ଓ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଅନ୍ତର୍ଗତ ସାମାଜିକ ସମୀକ୍ଷାର ଦ୍ୱିତୀୟ ପର୍ଯ୍ୟାୟର ବ୍ଲକ୍ ଓ ବିଜ୍ଞାପିତ ଅଞ୍ଚଳ ପରିଷଦସ୍ତରୀୟ ଜନ ଶୁଣାଣି ସ୍ଥାନୀୟ ଆଠଗଡ଼ ବ୍ଲକ କାର୍ଯ୍ୟାଳୟ ପରିସରର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଜନ ଶୁଣାଣିରେ ଆଠଗଡ଼ ଉପଜିଲ୍ଲାପାଳ ଅନିମେଷ ପ୍ରଧାନ ଅଧ୍ୟକ୍ଷତା କରିଥିବାବେଳେ ଆଠଗଡ଼ ବ୍ଲକ ଉନ୍ନୟନ ଅଧିକାରୀ ଆକାଶ ପଣ୍ଡା ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ। ଏଥିରେ ସଂପୃକ୍ତ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।୨୦୨୫-୨୬ ଆର୍ଥିକ ବର୍ଷର ଏହି ଦ୍ୱିତୀୟ ପର୍ଯ୍ୟାୟରେ ୧ ଅକ୍ଟୋବର ୨୦୨୫ରୁ ୩୧ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ଯୋଜନା ଗୁଡିକର କାର୍ଯ୍ୟକାରିତା, ସ୍ୱଚ୍ଛତା ଏବଂ ହିତାଧିକାରୀମାନଙ୍କୁ ମିଳୁଥିବା ସୁବିଧାର ସମୀକ୍ଷା କରାଯାଇଥିଲା।

ପୁରୀ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଶିଶୁ କନ୍ୟା ଦିବସ

ପୁରୀ(ନିପ୍ର): ଆଜି ଅପରାହ୍ନରେ ସର୍କିଟ ହାଉସ ସମ୍ମିଳନୀ ଗୃହରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆନ୍ତର୍ଜାତୀୟ ଶିଶୁ କନ୍ୟା ଦିବସ ପାଳିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରତ୍ୟେକ ଝିଅ ଜଣେ ଜଣେ ପରୀ ସଦୃଶ୍ୟ। ପୁଅ ଝିଅ ମଧ୍ୟରେ କୌଣସି ଫରକ ନ ଦେଖି ସେମାନଙ୍କୁ ଶିକ୍ଷା ସଂସ୍କାର ଓ ଦକ୍ଷତା ପ୍ରଦର୍ଶନରେ ସହଯୋଗ କରିବା ପ୍ରତ୍ୟେକ ପିତା ମାତା ଅଭିଭାବକ ଓ ଶିକ୍ଷକମାନଙ୍କ କର୍ତ୍ତବ୍ୟ ହେବା ଉଚିତ ବୋଲି ସେ କହିଥିଲେ। ପୁରୀ ମହାନଗର ନିଗମ ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା ଝିଅ ମାନଙ୍କୁ ସେମାନଙ୍କ ଅଧିକାର ସମ୍ପର୍କରେ ସଚେତନ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ତେବେ ସମାଜର ସମସ୍ତ ବର୍ଗର ବ୍ୟକ୍ତି,ପିତା ମାତା ସଚେତନ ହେଲେ ସମାଜରେ ଝିଅ ବା ମହିଳା ମାନ ଙ୍କୁ ଉଚିତ ସମ୍ମାନ, ସୁରକ୍ଷା ମିଳି ପାରିବ ବୋଲି କହିଥିଲେ। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ସୂଚନା ଓ ଲୋକ ସମ୍ପର୍କ ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ବର୍ତ୍ତମାନର ସମାଜରେ ଶିଶୁ କନ୍ୟାଙ୍କ ସ୍ଥିତି, ସୁରକ୍ଷା ନିମନ୍ତେ ବିଭିନ୍ନ କୌଶଳ ଓ ବାଳିକାମାନଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ଯୋଜନା ସମ୍ବନ୍ଧରେ ଆଲୋଚନା କରିଥିଲେ।

ରାଷ୍ଟ୍ରୀୟ ଆଇନ ସେବା ଦିବସ ଉପଲକ୍ଷେ ଆଇନ ସଚେତନତା

ଧର୍ମଗଡ଼(ନିପ୍ର): ତାଲୁକ ଆଇନ ସେବା ସମିତି, ଧର୍ମଗଡ ଦ୍ୱାରା କାଶୀବାହାଲ ସ୍ଥିତ ଗୁରୁଜୀ ମଧୁସୂଦନ ଉଚ୍ଚ ବିଦ୍ୟାଳୟଠାରେ ରାଷ୍ଟ୍ରୀୟ ଆଇନ ସେବା ଦିବସ ଉପଲକ୍ଷେ ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷ ଗୁଣ୍ଡିଚା ସାମନ୍ତସିଂହାରଙ୍କ ଅଧ୍ୟକ୍ଷତାରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସମ୍ମାନନୀୟ ଅତିଥି ଭାବରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି, ଶ୍ରୀଚନ୍ଦନ ସେଠି, ଆଇନ ସେବା ସମିତି ସଦସ୍ୟ ମିହିର ରଞ୍ଜନ ପଟ୍ଟଯୋଶୀ, ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ନାଏକ ପ୍ରମୁଖ ମଞ୍ଚାସିନ ହୋଇଥିଲେ। ଏହି ସଭାରେ ଆଇନ ସେବା ପ୍ରାଧିକରଣ ଦ୍ୱାରା ସମ୍ପାଦିତ ହେଉଥିବା ମାଗଣା ଆଇନ ସେବା ତଥା ମଧ୍ୟସ୍ଥତା, ଲୋକ ଅଦାଲତ ଉପରେ ମାର୍ଗଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଏହି ଶିକ୍ଷା ଅନୁଷ୍ଠାନର ଶିକ୍ଷକ ଶ୍ରବଣ କୁମାର ଜାଲ ପରିଚାଳନା କରିଥିଲେ ଏବଂ ବିଜ୍ଞାନ ଶିକ୍ଷକ ସଞ୍ଜୟ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ଉକ୍ତ ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ତଥା ଛାତ୍ର-ଛାତ୍ରୀମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

ଜୋରଜବରଦସ୍ତ ଜମି ବିକ୍ରି କରିବାକୁ କହି ଧମକ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନି.ପ୍ର) : ଜୋରଜବତଦସ୍ତ ଜମି ବିକ୍ରି କରିବାକୁ ବାଧ କରିବା ଓ ହତ୍ୟା ଧମକ ଦେବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ପଞ୍ଚାନନ ମହାନ୍ତି ଓରଫ ପଞ୍ଚୁଆ। ପୋଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୋଗକାରିଣୀ ରଞ୍ଜିତା ଓଝା ୨୦୧୦ ମସିହାରେ ମଞ୍ଚେଶ୍ୱର ଥାନା ଅଧିନସ୍ଥ ପାଣ୍ଡରା ମୌଜାରେ ପ୍ରାୟ ୨,୦୦୦ ବର୍ଗଫୁଟ ପରିମାଣର ଏକ ଜମି କିଣିଥିଲେ । ଗତ ୨୦୨୫ ମସିହାରେ ଅଭିଯୁକ୍ତ ପଞ୍ଚାନନ ମହାନ୍ତି, ତରୁଣକାନ୍ତ ମହାନ୍ତି, ନଳିନୀକାନ୍ତ ମହାନ୍ତିଙ୍କ ସମେତ ଅନ୍ୟମାନେ ଅଭିଯୋଗକାରିଣୀଙ୍କ ଜମି ଚାରିପାଖରେ ଥିବା ଜମିଗୁଡ଼ିକ କିଣି ନେଇଥିଲେ। ଫଳରେ ଅଭିଯୋଗକାରିଣୀଙ୍କ ଜମିକୁ ଯିବା ପାଇଁ ଥିବା ରାସ୍ତା ଉପରେ ସେମାନଙ୍କ ନିୟନ୍ତ୍ରଣ ରହିଥିଲା। ପରେ ଅଭିଯୁକ୍ତ ମାନେ ଉକ୍ତ ରାସ୍ତାକୁ ଅବରୋଧ କରି, କମ୍ ମୂଲ୍ୟରେ ନିଜର ଜମି ବିକ୍ରି କରିବା ପାଇଁ ଅଭିଯୋଗକାରିଣୀଙ୍କ ଉପରେ ଚାପ ପକାଇଥିଲେ। ଅଭିଯୋଗକାରିଣୀ ଓ ତାଙ୍କ ସ୍ୱାମୀ ଉକ୍ତ ଜମିରେ ଘର ନିର୍ମାଣ କରିବାକୁ ଯିବା ସମୟରେ ଅଭିଯୁକ୍ତ ମାନେ ରାସ୍ତା ମୁହଁରେ ଏକ ଛୋଟ ଶୌଚାଳୟ ନିର୍ମାଣ କରି ଯାତାୟାତରେ ବାଧା ସୃଷ୍ଟି କରିଥିଲେ। ଏହାକୁ ବିରୋଧ କରିବାରୁ, ସେମାନଙ୍କୁ ଗାଳିଗୁଲଜ କରିବା ସହ ଜମି ବିକ୍ରି ନକଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଗତ ୧୫.୦୮.୨୦୨୬ ରେ ଅଭିଯୋଗକାରିଣୀ ଓ ତାଙ୍କ ସ୍ୱାମୀ ପୁନର୍ବାର ଘର ନିର୍ମାଣ କାମ ଆରମ୍ଭ କରିବାକୁ ଉକ୍ତ ଜମିକୁ ଯାଇଥିଲେ । ସେହି ସମୟରେ ଅଭିଯୁକ୍ତମାନେ ଓ ସେଠାରେ ନିୟୋଜିତ ସୁରକ୍ଷା କର୍ମୀମାନେ ମିଶି ତାଙ୍କୁ ଠେଲାପେଲା କରିଥିବା ଅଭିଯୋଗ ହୋଇଛି । ପରେ ଅଭିଯୁକ୍ତ ମାନେ ୧୫ ଲକ୍ଷ ଟଙ୍କା ଦାବି କରିବା ସହ ଟଙ୍କା ନଦେଲେ ଉଭୟଙ୍କୁ ହତ୍ୟା କରିବାକୁ ଧମକ ଦେଇଥିଲେ। ଜୀବନ ପ୍ରତି ବିପଦ ଥିବା ଭୟରେ ଅଭିଯୋଗକାରିଣୀ ଓ ତାଙ୍କ ସ୍ୱାମୀ ପ୍ରଥମ କିସ୍ତି ଭାବେ ୫ ଲକ୍ଷ ଟଙ୍କା ତରୁଣକାନ୍ତ ମହାନ୍ତି, ନଳିନୀକାନ୍ତ ମହାନ୍ତି ଓ ପଞ୍ଚାନନ ମହାନ୍ତିଙ୍କୁ ଦେଇଥିଲେ। ଅବଶିଷ୍ଟ ୧୦ଲକ୍ଷ ଟଙ୍କା ଏକ ମାସ ମଧ୍ୟରେ ଦେବାକୁ ମଧ୍ୟ ଭୟରେ ରାଜି ହୋଇଥିବା, ଅଭିଯୋଗକାରିଣୀ ପ୍ରକାଶ କରିଥିଲେ। ତଦନ୍ତରୁ ଆହୁରି ଜଣାପଡ଼ିଛି ଯେ, ଅଭିଯୁକ୍ତମାନେ ଅଭିଯୋଗକାରିଣୀଙ୍କ ଜମି ଚାରିପାଖରେ ଥିବା ଅନେକ ଜମି କିଣିଛନ୍ତି। ଜମିକୁ ଯିବା ରାସ୍ତାରେ ଲୁହା ଗେଟ୍ ଓ ଇଟାର ପାଚେରୀ ନିର୍ମାଣ କରି ଅଭିଯୋଗକାରିଣୀଙ୍କ ସମେତ ଅନ୍ୟ ଜମି ମାଲିକଙ୍କ ଯାତାୟାତରେ ବାଧା ସୃଷ୍ଟି କରିଥିବା ଜଣାପଡ଼ିଛି। ଏହି ଜମିଗୁଡ଼ିକରେ ସେମାନେ "ତ୍ରୁତନ ଭିଲ୍ଲା" ନାମରେ ଏକ ପ୍ରକଳ୍ପ ମଧ୍ୟ ନିର୍ମାଣ କରିଛନ୍ତି। ସ୍ଥାନୀୟ ତଦନ୍ତରୁ ଜଣାପଡ଼ିଛି ଯେ, ଏହି ଅଭିଯୁକ୍ତମାନେ ସେହି ଅଞ୍ଚଳର ଅନ୍ୟ ଜମି ମାଲିକମାନଙ୍କୁ ମଧ୍ୟ ରାସ୍ତାରେ ଯାତାୟାତ କରିବା ଓ ନିଜ ଜମିରେ ଘର ନିର୍ମାଣ କରିବାକୁ ନେଇ ଧମକ ଦେଉଥିବା ଅଭିଯୋଗ ରହିଛି। ରାସ୍ତା ବ୍ୟବହାର ପାଇଁ ଟଙ୍କା ଦାବି କରିବା ସହ ବିରୋଧ କଲେ ମାଡ଼ ମାରିବା ଓ ଜୀବନରେ ମାରିଦେବାକୁ ଧମକ ଦେଉଥିବା ଜଣାପଡ଼ିଛି। ଏପରିକି ନିରନ୍ତର ଧମକ ଓ ଚାପ ଯୋଗୁଁ କେତେକ ଜମି ମାଲିକ ନିଜ ଜମି ଅଭିଯୁକ୍ତମାନଙ୍କୁ ବିକ୍ରି କରିବାକୁ ବାଧ୍ୟ ହୋଇଥିବା ମଧ୍ୟ ତଦନ୍ତରୁ ଜଣାପଡ଼ିଛି। ଏହି ମାମଲାରେ ପୋଲିସ ଅଭିଯୁକ୍ତ ପଞ୍ଚାନନ ମହାନ୍ତି ଓରଫ ପଞ୍ଚୁଆଙ୍କୁ ଗିରଫ କରିଥିବା ବେଳେ, ସେ ନିଜର ଦୋଷ ସ୍ୱୀକାର କରିଥିଲେ। ଅଭିଯୁକ୍ତ ପଞ୍ଚାନନ ଜଣେ ଅଭ୍ୟାସଗତ ଅପରାଧୀ ହୋଇଥିବା ବେଳେ, ତାଙ୍କ ନାମରେ ପୂର୍ବରୁ ମଧ୍ୟ ମଞ୍ଚେଶ୍ୱର ଥାନାରେ ୭ଗୋଟି ଭିନ୍ନ ମାମଲା ରହିଥିବା, ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି।

ଫିଲ୍ମୀ ଷ୍ଟାଇଲରେ ହାଣିଲେ, ଦୁଇ ଗିରଫ

ଭୁବନେଶ୍ୱର(ନି.ପ୍ର): ବୁଦ୍ଧନଗର ଅଂଚଳରେ ଜଣେ ଯୁବକଙ୍କୁ ଫିଲ୍ମି ଷ୍ଟାଇଲରେ ଗୋଡାଇ ଗୋଡାଇ ଖଣ୍ଡାରେ ହାଣିବା ଘଟଣାରେ ଲକ୍ଷ୍ମୀସାଗର ଥାନା ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଶୁଭମ ପଲେଇ ଓ ସନ୍ତୋଷ ଦାସ। ଏମାନଙ୍କ ବିରୋଧରେ ପୋଲିସ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବା ବେଳେ ଅନ୍ୟମାନଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି। ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୋଗକାରୀ ରଞ୍ଜନ ଦାସ ବିଜେବି ନଗର ଅନ୍ତର୍ଗତ ମଇଁଷାଖାଲ ଅଞ୍ଚଳରେ ରହୁଥିବା ବେଳେ, ଗତ ତିନିବର୍ଷ ହେବ "ସନଫ୍ଲାୱାର ନର୍ସିଂହୋମ" ରେ ଚାକିରୀ କରୁଛନ୍ତି। ଗତକାଲି ସନ୍ଧ୍ୟା ୬.୩୦ ସମୟରେ ସେ ଏକ ଜରୁରୀ ପାର୍ସଲ ନେଇ ଡାକ୍ତରଙ୍କ ଘରକୁ ଯାଉଥିବା ବେଳେ, ବୁଦ୍ଧନଗର ସ୍ଥିତ କଦଳୀ ଗୋଦାମ ବସ୍ତି ନିକଟରେ ୭ ରୁ ୮ ଜଣ ଦୁର୍ବୃତ୍ତ ତାଙ୍କୁ ଜୋରଜବରଦସ୍ତ ରାସ୍ତାରେ ଅଟକାଇବା ସହ ହଠାତ ଖଣ୍ଡା ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏହା ବ୍ୟତୀତ ଦୁର୍ବୃତ୍ତମାନେ ଉକ୍ତ ଖଣ୍ଡା ଓ ପଥର ସାହାଯ୍ୟରେ ତାଙ୍କ ମୋଟରସାଇକେଲକୁ ଆକ୍ରମଣ କରି କ୍ଷତିଗ୍ରସ୍ତ ମଧ୍ୟ କରିଥିଲେ। ଦୁର୍ବୃତ୍ତ ମାନଙ୍କ ମଧ୍ୟରେ ସେ ପୀଡବ୍ଲ୍ୟୁଡି ଷ୍ଟୋର ବସ୍ତିର ଶୁଭମ ଓ ଲୋକନାଥକୁ ଚିହ୍ନି ପାରିଥିବା ବେଳେ, ବାକି ଅନ୍ୟ ମାନଙ୍କୁ ଚିହ୍ନିପାରି ନଥିଲେ। ଏନେଇ ଅଭିଯୋଗକାରୀ ଲକ୍ଷ୍ମୀସାଗର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ କ୍ରମେ ପୋଲିସ ମାମଲାର ତଦନ୍ତ କରିବା ସମୟରେ ଏକ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା କ୍ରମେ ଅଭିଯୁକ୍ତ ଶୁଭମ ପଲେଇକୁ ପୀଡବ୍ଲ୍ୟୁଡି ବସ୍ତିରୁ କାବୁ କରିଥିବା ବେଳେ ଅଭିଯୁକ୍ତ ସନ୍ତୋଷ ଦାସକୁ ବୁଦ୍ଧନଗର ସ୍ଥିତ ଭୋଇ ସାହିରୁ କାବୁ କରିବାରେ ସକ୍ଷମ ହୋଇଥିଲେ। ପଚାରାଉଚରାରୁ ଦୁଇ ଅଭିଯୁକ୍ତ ଘଟଣାରେ ସମ୍ପୃକ୍ତ ଥିବା ସ୍ୱୀକାର କରିଥିଲେ। ପୋଲିସ ଘଟଣାରେ ବ୍ୟବହୃତ ଏକ ଖଣ୍ଡା ସହିତ ଘଟଣା ସ୍ଥଳରୁ ଅଭିଯୋଗକରୀଙ୍କ କ୍ଷତିଗ୍ରସ୍ତ ମୋଟରସାଇକେଲକୁ ଜବତ କରିଥିଲେ। ଦୁଇ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ମଧ୍ୟ ଲକ୍ଷ୍ମୀସାଗର ଥାନାରେ ଗୋଟିଏ ଲେଖାଏଁ ମାମଲା ରହିଥିବା, ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି।

ଆସିକା କଂଗ୍ରେସ ପକ୍ଷରୁ ବନ୍ୟା ଅଞ୍ଚଳରେ ରିଲିଫ ବଣ୍ଟନ

ଆସିକା(ନିପ୍ର): ବାତ୍ୟା ଅର୍ଣ୍ଣବ ପରବର୍ତ୍ତୀ ବନ୍ୟାରେ ସମ୍ପୂର୍ଣ୍ଣ ଆସିକା ସହର ୧୮ଟି ୱାର୍ଡ ସମେତ ୨୭ଟି ପଞ୍ଚାୟତ ପ୍ରଭାବିତ ହୋଇ ବହୁ ଧନ ଜୀବନ ବିପଦରେ ପଡିଥିଲା। ବନ୍ୟା ଦିନ ୧୧ଘଣ୍ଟ ସମୟରେ ସହର ଓ ଗ୍ରାମାଞ୍ଚଳରେ ପ୍ରବେଶ କରିଥିଲା।



ଏହା କ୍ରମଶଃ ବୃଦ୍ଧିପାଇ ସର୍ବନିମ୍ନ ୪ ଫୁଟରୁ ଆରମ୍ଭ ହୋଇ ସର୍ବୋଚ୍ଚ ୧୨ ଫୁଟରେ ପହଞ୍ଚି ଥିଲା।। ଯେତେବେଳେ ପ୍ରଶାସନ ପକ୍ଷରୁ ରିଲିଫ ବଣ୍ଟନ କରାଯାଇନଥିଲା ସେତେବେଳେ ପ୍ରଥମ କରି ଆସିକା ସାଂସଦ ପ୍ରାର୍ଥୀ ତଥା କଂଗ୍ରେସ ସାଧାରଣ ସମ୍ପାଦକ ଆଇନଜୀବି ଦେବକାନ୍ତ ଶର୍ମା ଗତ ଚାରିଦିନ ଧରି ଆସିକା ସହର କାଳିମୁଖୀ ସାହି, ବସଷ୍ଟାଣ୍ଡ ହାଡ଼ିସହି, ସମେତ ନବରନ୍ପୁର, ମଙ୍ଗଳପୁର, ମାଗୁରାପୁଞ୍ଜା, ଦେବଭୂମି, ଚଢ଼େୟାପଲ୍ଲୀ, ପାଟିଲିଗୁଡା,ଜଗନ୍ନାଥ ପଲ୍ଲୀ ଆଦିବିଭିନ୍ନ ପଞ୍ଚାୟତ ରେ ନିୟମିତ ଦୁଇ ଓଳା ରନ୍ଧା ଖାଦ୍ୟ ସାଙ୍ଗକୁ କ୍ଷୀର,ଚୁଡା,ଗୁଡ଼,କଞ୍ଚା ପରିବା,ପାଣିବୋତଲ ବଣ୍ଟନ କରିଛନ୍ତି।

ବଡ଼ ବାଣପୁର-ବଳରାମ ପ୍ରସାଦ ରାଜପଥ ରାସ୍ତା ମରଣଯନ୍ତା

କଣ୍ଟିଲୋ(ନି.ପ୍ର) ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ପଞ୍ଚାୟତ ଓ ବଡ଼ ବାଣପୁର ଛକରୁ ନିକଟସ୍ଥ ବଳରାମ ପ୍ରସାଦ ୪୮ନଂ ରାଜ୍ୟ ରାଜପଥ ୮ କିଲୋମିଟର ରାସ୍ତା ମରଣଯନ୍ତା ପାଲଟିଥିବା ଜଣାପଡିଛି।ଉକ୍ତ ରାସ୍ତାର ବିଭିନ୍ନ ସ୍ଥାନରେ ଛୋଟ ବଡ ଖାଲଖମା ସୃଷ୍ଟି ହୋଇଥିବାରୁ ସାମାନ୍ୟ ବର୍ଷା ହେଲେ ରାସ୍ତା ଉପରେ ପାଣି ଜମି ରହୁଛି। ରାସ୍ତା ସାରା ଖାଲଖମା ଯୋଗୁଁ ବିଭିନ୍ନ ସମୟରେ ଯାନବାହନ ଚଳାଚଳରେ ସମସ୍ୟା ସୃଷ୍ଟି ହେଉଛି। ପୂର୍ତ୍ତବିଭାଗ କର୍ତ୍ତୃପକ୍ଷ ଏ ସଂପର୍କରେ ଅବଗତ ଥିଲେ ହେଁ କୌଣସି ପଦକ୍ଷେପ ଗ୍ରହଣ କରୁ ନଥିବାରୁ ବେଳକୁ ବେଳ ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡୁଥିବା ଜଣାପଡିଛି। ଦୈନିକ ଉକ୍ତ ରାସ୍ତା ଦେଇ ଦୁରଗାମୀ ଯାତ୍ରୀବାହି ବସ ଠାରୁ ଆରମ୍ଭ କରି ଶହଶହ ସଂଖ୍ୟକ ଭାରି ଯାନବାହନ ଗୁଡିକ



ନରସିଂହପୁର, ଅନୁଗୁଳ, ତାଳଚେର ଓ ରାଉରକେଲା, ଫୁଲବାଣୀ, ବଉଦ,ବଲାଙ୍ଗୀରି ଅଞ୍ଚଳକୁ ଯାତାୟାତ କରୁଛି। ତେଣୁ ସର୍ବସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉକ୍ତ ରାସ୍ତାର ଆନୁସଙ୍ଗିକ ମରାମତି ଦିଗରେ ନୟାଗଡ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ,ମୁଖ୍ୟ ଯନ୍ତ୍ରୀ,ଖଣ୍ଡପଡ଼ା ଓ ଦଶପଲ୍ଲା ବିଧାୟକ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

କୋଲାବିରାରେ ବିକାଶମୂଳକ ପ୍ରକଳ୍ପକୁ ମିଳିଲା ବେଗ

ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ମାରାଥନ ଶିଳାନ୍ୟାସ

ଝାରସୁଗୁଡ଼ା(ନିପ୍ର), ଗ୍ରାମାଞ୍ଚଳର ଭିତ୍ତିଭୂମି ସୁଦୃଢ଼ୀକରଣ ସହ ଲୋକଙ୍କ ମୌଳିକ ଆବଶ୍ୟକତା ପୂରଣ ଲକ୍ଷ୍ୟରେ କୋଲାବିରା ବ୍ଲକର ବିଭିନ୍ନ ପଞ୍ଚାୟତରେ ଏକାଧିକ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଏହି ମାରାଥନ ଶିଳାନ୍ୟାସ କାର୍ଯ୍ୟକ୍ରମରେ ସାମିଲ ହୋଇ ରାସ୍ତା, ଖେଳପଡ଼ିଆ, ଧାର୍ମିକ ଅନୁଷ୍ଠାନ, ସାମାଜିକ ଗୃହ ଓ ଶିକ୍ଷାନୁଷ୍ଠାନର ଭିତ୍ତିଭୂମି ନିର୍ମାଣ ପାଇଁ ଶିଳାନ୍ୟାସ କରିଛନ୍ତି। ସୋଡ଼ାମାଲ ପଞ୍ଚାୟତର ଆମଝରଣଠାରେ ବିଜିବିଓ ଯୋଜନାରେ ୪ ଲକ୍ଷ ଟଙ୍କା ବ୍ୟୟରେ ଫୁଟବଲ ପଡ଼ିଆର ଉନ୍ନତିକରଣ ଏବଂ ଆରଡି ରାସ୍ତାରୁ ଭଦୁଆପଡ଼ା ପର୍ଯ୍ୟନ୍ତ ରାସ୍ତା ନିର୍ମାଣର ଶିଳାନ୍ୟାସ ହୋଇଥିଲା। ସମାସିଂହା ପଞ୍ଚାୟତର କେ. ସମାସିଂହାରୁ ଖରକ୍ଷପଡ଼ା ପର୍ଯ୍ୟନ୍ତ ୫ ଲକ୍ଷ ଟଙ୍କାରେ କଂକ୍ରିଟ ରାସ୍ତା ଏବଂ ଗୌଡ଼ପଡ଼ାଠାରେ ୭ ଲକ୍ଷ ଟଙ୍କା ବ୍ୟୟରେ ଗୌଡ଼ ସମାଜ ପାଇଁ ନୂତନ ଗୃହ ନିର୍ମାଣ କାର୍ଯ୍ୟର ଶିଳାନ୍ୟାସ କରାଯାଇଥିଲା। କୁଳିହାମାଳ ପଞ୍ଚାୟତର ଏସ୍ ?. ପଣ୍ଡକିମାଲ ଗ୍ରାମର ଫୁଟବଲ ପଡ଼ିଆରେ ପେଣ୍ଡାଲ ଓ ସେଡ୍ ନିର୍ମାଣ ପାଇଁ ୫ ଲକ୍ଷ ଟଙ୍କା, କୁଳିହାମାଳ ଗ୍ରାମରେ ଭୀମଗୁଡ଼ି ଭୋଗମଣ୍ଡପ ନିର୍ମାଣ ପାଇଁ ୫ ଲକ୍ଷ ଟଙ୍କା ଏବଂ ଆରଡି ରାସ୍ତାରୁ ଭୋଇପଡ଼ା ପର୍ଯ୍ୟନ୍ତ ରାସ୍ତା ପାଇଁ ୩ ଲକ୍ଷ ଟଙ୍କାର ପ୍ରକଳ୍ପ ଶିଳାନ୍ୟାସ ହୋଇଥିଲା। ପୋଖରାସାଲେହ ପଞ୍ଚାୟତରେ ସମଲେଇ ମନ୍ଦିର ନିକଟରେ ବାଉଣ୍ଡାରୀ ୱାଲ୍ ନିର୍ମାଣ, ଯେଙ୍ଗାପଡ଼ାରେ କଂକ୍ରିଟ ବିଲ୍ଡିଂ ଏବଂ ଅମାତି ଗ୍ରାମରୁ ଲାଖୋପଡ଼ା ପର୍ଯ୍ୟନ୍ତ ଆରଡି ରାସ୍ତା ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଥିଲା। ଝିଲାପାଲି ପଞ୍ଚାୟତର ଜଟିଆଡ଼ିହି ଗ୍ରାମରେ ଭାଗବତ ଟୁଙ୍ଗି ଏବଂ ବଡ଼ବାହାଲ ଗ୍ରାମରେ ଦୁଇଟି କଂକ୍ରିଟ ରାସ୍ତା ନିର୍ମାଣ ପ୍ରକଳ୍ପ ମଧ୍ୟ ଏଥିରେ ସାମିଲ ରହିଥିଲା। କୋଲାବିରା ପଞ୍ଚାୟତରେ ପଞ୍ଚାୟତ ସମିତି କଲେଜର +୨ ଓ +୩ ଶ୍ରେଣୀ ପାଇଁ ଏମ୍‌ସିଏଲ୍ ସିଏସ୍‌ଆର ପାଣ୍ଠିରୁ ନୂତନ ଶ୍ରେଣୀଗୃହ ନିର୍ମାଣର ଶିଳାନ୍ୟାସ କରାଯାଇଥିଲା। ଏହାସହ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ୫ ଲକ୍ଷ ଟଙ୍କାରେ ଗେଟ୍ ? ଓ ୧୦ ଲକ୍ଷ ଟଙ୍କାରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ, ପୁରୋହିତ ବନ୍ଧରେ ୩ ଲକ୍ଷ ଟଙ୍କାରେ ଗାଧୁଆ ତୁଠ ନିର୍ମାଣ ଏବଂ ବିଧାୟକ ପାଣ୍ଠିରୁ ୪ ଲକ୍ଷ ଟଙ୍କାରେ ଶନିମନ୍ଦିରର କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ଶିଳାନ୍ୟାସ ହୋଇଥିଲା। ଗ୍ରାମଦେବତୀଙ୍କ ମନ୍ଦିରରେ ଫ୍ଲୋରିଂ ଓ ସେଡ୍ ନିର୍ମାଣ ସହ ୮ ଲକ୍ଷ ଟଙ୍କା ବ୍ୟୟରେ ତରାଇକେଲାରୁ ରାକସବୁଡ଼ା ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ନିର୍ମାଣ ମଧ୍ୟ ଏହି ପ୍ରକଳ୍ପ ମଧ୍ୟରେ ରହିଛି। ରଘୁନାଥପାଲି ପଞ୍ଚାୟତରେ ମାଉସୀ ମା' ମନ୍ଦିରର ନୂତନ ଗୃହ ଓ ଜାମକାନୀ ଗ୍ରାମରେ କୀର୍ତ୍ତନ ମଣ୍ଡପ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଥିଲା। ଏଥିସହ ଆରଡି ବିଭାଗ ପକ୍ଷରୁ ରଘୁନାଥପାଲିରୁ କେନ୍ଦ୍ରଟିକିରା, ରଘୁନାଥପାଲିରୁ ଜାମକାନୀ, ପିଡବୁଡ଼ି ରାସ୍ତାରୁ ସୁନାଝରିଆ ଏବଂ ପିଡବୁଡ଼ି ରାସ୍ତାରୁ ରେଙ୍ଗାଲପାଲି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପ୍ରକଳ୍ପର ଶିଳାନ୍ୟାସ ହୋଇଥିଲା। କେଲେଣ୍ଡାମାଲ ପଞ୍ଚାୟତର ଗୁଡ଼ିଗାଁ ରାମଲୀଳା ଯାତ୍ରା ପଡ଼ିଆରେ ମୁକ୍ତ ପେଣ୍ଡାଲ ନିର୍ମାଣ, ଅଏଁଳାମାଳ ଗ୍ରାମରେ କଂକ୍ରିଟ ରାସ୍ତା, ଗୁଡ଼ିଗାଁ ନୂଆପଡ଼ାରେ କୀର୍ତ୍ତନ ମଣ୍ଡପ ଏବଂ ଓରାମପଡ଼ାରୁ ପିଡବୁଡ଼ି ରାସ୍ତା ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଥିଲା। ପରମାଣପୁର ପଞ୍ଚାୟତର ଉପର କିଷାନପଡ଼ାରେ ୬ ଲକ୍ଷ ଟଙ୍କାରେ ବିଲ୍ଡିଂ ନିର୍ମାଣ, ୩ ଲକ୍ଷ ଟଙ୍କାରେ ରୋହିଦାସପଡ଼ାକୁ କଂକ୍ରିଟ ରାସ୍ତା ଏବଂ ପତ୍ରାପାଲି ଗ୍ରାମରେ ପଟପଟାଭାଡ଼ିରୁ ପତ୍ରାପାଲି ବେଢ଼ି ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ନିର୍ମାଣର ଶିଳାନ୍ୟାସ ହୋଇଥିଲା।

ସୁଖତେଲ ନଦୀରେ ମାଡିଆସିଲା ବନ୍ୟାଜଳ

ପାଣିରେ ଭାସିଲା ବାଲି ବୋଝେଇ ଟ୍ରାକ୍ଟର

ତରଭା,(ନିପ୍ର): ସୁବର୍ଣ୍ଣପୁର ଜିଲ୍ଲା ତଥା ତରଭା ଅଞ୍ଚଳରେ ଚୋରା ବାଲି ଚାଲାଣକୁ ନେଇ ବିଭିନ୍ନ ସମୟରେ ଆପତ୍ତି ଅଭିଯୋଗ ହୋଇଆସୁଛି। ଚୋରା ବାଲି ଚାଲାଣ ରୋକିବାରେ ଗୋଟିଏ ପ୍ରକାର ପ୍ରଶାସନ ବିଫଳ ଥିବା ବେଳେ ପ୍ରକୃତିର ଆଗରେ ବାଲି ବୋଝେଇ ଟ୍ରାକ୍ଟର ଟଲି କାଟି ଡ୍ରାଇଭର ପ୍ରାଣ ବିକଳରେ ଇଞ୍ଜିନ ନେଇ ଫେରାର ମାରୁଥିବା ଏବଂ ଟଲି ପାଣିରେ ଭାସୁଥିବା ଦୃଶ୍ୟମାନ ହେଉଛି। ବର୍ତ୍ତମାନ ସୁଦ୍ଧା ଟ୍ରାକ୍ଟର ଟିର ପରିଚୟ ଏବଂ ଏହା ଅନୁମତି ପ୍ରାପ୍ତ ଅଞ୍ଚଳରୁ ବାଲି ଉଠାଉ ଥିଲା ନା ଏହା ଚୋରା ବାଲି ଚାଲାଣ ଥିଲା ତାହା ଜଣା ପଡିନଥିବା ବେଳେ ବାଲି ଉଠାଣ ସ୍ଥାନ ତରଭା ଥାନା ଅଧିନସ୍ଥ ୫୭ ନମ୍ବର ଜାତୀୟ ରାଜପଥ କଡରେ ଥିବା ଖାରୀ ପୋଲ ନିକଟରେ ବୋଲି ଜଣାଯାଏ।

ପୁରୀରେ ଜିଲ୍ଲାସ୍ତରୀୟ 'ମାଣ୍ଡିଆ ଦିବସ-୨୦୨୬'

ପୁରୀ (ନିପ୍ର): ଆଜି ପୂର୍ବାହ୍ନରେ ସଂସ୍କୃତି ଭବନଠାରେ ଜିଲ୍ଲା ପ୍ରଶାସନ ତଥା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ 'ମାଣ୍ଡିଆ ଦିବସ-୨୦୨୬' ଅତ୍ୟନ୍ତ ଉତ୍ସାହ ଓ ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। ଚଳିତ ବର୍ଷର ଏହି କାର୍ଯ୍ୟକ୍ରମ ପାଇଁ ଏକ ସ୍ୱତନ୍ତ୍ର ଏବଂ ଯୁଗୋପଯୋଗୀ ଥିମ୍ ବା ମୂଳମନ୍ତ୍ର ଧାର୍ଯ୍ୟ କରାଯାଇଥିଲା, ଯାହା ହେଲା 'କମ୍ୟୁନିଟି ସିଡ୍ ସିଷ୍ଟମ୍ ଆଣ୍ଡ ଏଗ୍ରୋ-ବାୟୋଡ଼ାଇଭର୍ସିଟି ଫର୍ ରିଜିଲିଏଣ୍ଟ ଫୁଡ୍ ସିଷ୍ଟମ୍'। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ତଥା ପ୍ରକଳ୍ପ ନିର୍ଦ୍ଦେଶକ, ଆତ୍ମା, ପୁରୀ ଶ୍ରୀ ଶିବାଶିଷ ମିଶ୍ର ସଭାପତିତ୍ୱ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ସୂର୍ଯ୍ୟ ନାରାୟଣ ମିଶ୍ର ଯୋଗଦେଇ ମାଣ୍ଡିଆ ଚାଷର ବିକାଶ ଓ ଏହାର ବିଭିନ୍ନ ବୈଷୟିକ ଦିଗ ଉପରେ ଆଲୋକପାତ କରିଥିଲେ। ସଭାରେ ସଭାପତିତ୍ୱ କରି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶିବାଶିଷ ମିଶ୍ର ଗୁରୁତ୍ୱପୂର୍ଣ୍ଣ ବକ୍ତବ୍ୟ ପ୍ରଦାନ କରି କହିଥିଲେ ଯେ, ଆଗାମୀ ଦିନର ମାନବ ସଭ୍ୟତା ଏବଂ ସ୍ୱାସ୍ଥ୍ୟ ସମ୍ପୂର୍ଣ୍ଣ ଭାବେ ପୁଷ୍ଟିକର ମିଲେଟ ବା ମାଣ୍ଡିଆ ଉପରେ ନିର୍ଭରଶୀଳ ହେବାକୁ ଯାଉଛି। ବର୍ତ୍ତମାନର ପରିବର୍ତ୍ତିତ ଜଳବାୟୁ ଏବଂ ପରିବେଶ ସ୍ଥିତିରେ ମାଣ୍ଡିଆ ପରି ଜଳକଷ୍ଟ-ସହିଷ୍ଣୁ ଫସଲ ଚାଷ କରିବା ଦ୍ୱାରା ଖାଦ୍ୟ ନିରାପତ୍ତା ସୁନିଶ୍ଚିତ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥି ତଥା ବରିଷ୍ଠ ବୈଜ୍ଞାନିକ ସୂର୍ଯ୍ୟ ନାରାୟଣ ମିଶ୍ର ତାଙ୍କ ଅଭିଭାଷଣରେ ମିଲେଟର ଅନନ୍ୟ ବିଶେଷତ୍ୱ, ଉଚ୍ଚ ଗୁଣବତ୍ତା ଏବଂ ମାନବ ଶରୀର ପାଇଁ ଏହାର ଅମୂଲ୍ୟ ଲାଭ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସେ ପ୍ରକାଶ କରିଥିଲେ ଯେ ମାଣ୍ଡିଆରେ ପ୍ରଚୁର ପରିମାଣରେ କ୍ୟାଲସିୟମ୍, ଆୟର୍ନ, ଡାଏଟାରୀ ଫାଇବର ଏବଂ ଆବଶ୍ୟକୀୟ ପୋଷକ ତତ୍ତ୍ୱ ରହିଛି, ଯାହା ଶରୀରର ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ଏବଂ ମଧୁମେହ, ରକ୍ତଚାପ ଓ ଅଧିକ ଓଜନ ଭଳି ସମସ୍ୟାକୁ ଦୂର କରିବାରେ ଅତ୍ୟନ୍ତ ଫଳପ୍ରଦ ଅଟେ।

ପୋଲିସ ଚଢ଼ଉ: ୬ଲକ୍ଷ ଟଙ୍କାର ବେଆଇନ ବାଣ ଜବତ

ନିମାପଡ଼ା(ନିପ୍ର): ନିମାପଡ଼ା ଥାନା ଅଂଚଳର ବିଭିନ୍ନ ସ୍ଥାନରେ ବେଆଇନ ବାଣ ପ୍ରସ୍ତୁତ ଚାଲିଥିବା ନେଇ ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ଗୁରୁବାର ଦିନ ବିଷ୍ଣୁପୁର ଗ୍ରାମରେ ଚଢ଼ାଉ କରିଥିବା ଥାନା ସୂତ୍ରରୁ ପ୍ରକାଶ। ଗ୍ରାମର ଫଗୁଆ ନନ୍ଦଙ୍କ ଘରେ ବିନା ଲାଇସେନ୍ସରେ ବାଣ ପ୍ରସ୍ତୁତ ହୋଇ ଆସୁଛି। ଏ ସଂକ୍ରାନ୍ତରେ ସ୍ଥାନୀୟ ଗ୍ରାମବାସୀ ଅତିଷ୍ଠ ହୋଇ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ବିଫଳ ହୋଇଥିଲେ। ପୋଲିସ ଉକ୍ତ ଗ୍ରାମରେ ସ୍ୱତନ୍ତ୍ର ଦୃଷ୍ଟି ରଖି ଆସୁଥିଲେ। ଗୁରୁବାର ଦିନ ସାଦା ପୋଷାକରେ ପୋଲିସ ଗ୍ରାମକୁ ଯାଇ ସମସ୍ତ ତଥ୍ୟ ହାସଲ କରିବା ପରେ ମଧ୍ୟାହ୍ନରେ ଥାନା ନିରୀକ୍ଷକ ସମରେନ୍ଦ୍ର ପାଇକରାୟ ଚଢ଼ାଉର ନେତୃତ୍ୱ ନେଇଥିଲେ। ସଦଳବଳେ ଗ୍ରାମର ଏକ ଘରେ କେହି ନଥିବା ବେଳେ ପୋଲିସ ଚଢ଼ାଉ କରି ପ୍ରାୟ ୬ ଲକ୍ଷ ଟଙ୍କା ମୂଲ୍ୟର ବାଣ, ବାଣ ପ୍ରସ୍ତୁତ ସାମଗ୍ରୀ, ବାରୁଦ ଆଦି ଜବତ ହୋଇଥିବା ଜଣାପଡ଼ିଛି। କେହି ଗିରଫ ହୋଇ ନଥିବା ବେଳେ ପୋଲିସ ଏକ ମୋକଦ୍ଦମା (ନଂ-୩୩୦/୨୬) ରୁଜୁ କରି ଭାରତୀୟ ନ୍ୟାୟ ସଂହିତା ଦଫା ୨୮୮/୯ (ଖ)(୧)(କ) ଭାରତୀୟ ବିସ୍ଫୋରକ ଦ୍ରବ୍ୟ ଆଇନ ସେକ୍ସନ ୫ ଧାରା ଓଡ଼ିଶା ଫାୟାର ୱାର୍କସ ଏବଂ ଭାରତ ସ୍କିକର ଆକ୍ଟରେ ତଦନ୍ତ ଜାରି ଥିବା ଥାନା ସୂତ୍ରରୁ ପ୍ରକାଶ। ଆଗାମୀ ଦିପାବଳୀ ଉତ୍ସବକୁ ଶୃଙ୍ଖଳା ସହ ପାଳନ କରିବା ପାଇଁ ଥାନା ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ଇନଡ଼ୋର ଷ୍ଟାଡ଼ିୟମ୍ ପଡ଼ିଆରେ ବାଣ ବିକ୍ରି ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥିବା ପୌର ପରିଷଦ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।

ଜରାଜୀର୍ଣ୍ଣ ଖନ୍ଦାପୋଲ ଯାତ୍ରୀଙ୍କ ପାଇଁ ସାଜିଛି ଯମଦୂତ

୭ ବର୍ଷର ପ୍ରତିଶ୍ରୁତି ପରେ ବି ଶୋଇଛି ଏନ୍‌ଏଚ୍‌ଏଆଇ !

ରେଢ଼ାଖୋଲ,(ନିପ୍ର): ପଶ୍ଚିମ ଓଡ଼ିଶାର ପ୍ରବେଶ ଦ୍ୱାର ତଥା ଗୁରୁତ୍ୱପୂର୍ଣ୍ଣ ଯାତାୟାତ ଓ ବାଣିଜ୍ୟିକ କେନ୍ଦ୍ର ଭାବେ ପରିଚିତ ରେଢ଼ାଖୋଲ ସହର। ଏହି ସହର ଦେଇ ବୌଦ୍ଧ, ଦେବଗଡ଼, ସମ୍ବଲପୁର ଏବଂ ଅନୁଗୁଳକୁ ସଂଯୋଗ କରୁଥିବା ମୁଖ୍ୟ ଏନ୍‌ଏଚ୍ ୫୫ ଜାତୀୟ ରାଜପଥରେ ରହିଛି ଇଂରେଜ ଅମଳର ଏକ ପୁରାତନ ସେତୁ 'ଖନ୍ଦାପୋଲ'। କିନ୍ତୁ ଦୁର୍ଭାଗ୍ୟର ବିଷୟ, ବର୍ତ୍ତମାନ ଏହି ଐତିହାସିକ ପୋଲଟି ଅତ୍ୟନ୍ତ ଜରାଜୀର୍ଣ୍ଣ ଓ ସଙ୍କଟାପନ୍ନ ଅବସ୍ଥାରେ ଗତି କରୁଥିବାବେଳେ କର୍ତ୍ତୃପକ୍ଷଙ୍କ ନିଦ ଭାଙ୍ଗୁ ନାହିଁ । ରେଢ଼ାଖୋଲର କେରାଣ୍ଡିଯୋର ଉପରେ ବହୁ ବର୍ଷ ପୂର୍ବେ ଇଂରେଜ ଅମଳରେ ନିର୍ମିତ ଏହି ଖନ୍ଦାପୋଲର ଖମ୍ବଗୁଡ଼ିକ ଇଟା, ମାଙ୍କଡ଼ା ପଥର ଓ ସିମେଣ୍ଟରେ ତିଆରି ହୋଇଥିଲା। ସମୟ ଗଡ଼ିବା ସହ ରକ୍ଷଣାବେକ୍ଷଣର ଅଭାବରୁ ପୋଲଟି ଏବେ ସମ୍ପୂର୍ଣ୍ଣ ଦୁର୍ବଳ ହୋଇ ପଡ଼ିଛି। ପୋଲର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଫାଟ ଦେଖାଦେବା ସହିତ ଦୁଇ ପାର୍ଶ୍ୱରେ ଥିବା ସୁରକ୍ଷା ଖୁମ୍ବଗୁଡ଼ିକ ଭାଙ୍ଗିବାକୁ ବସିଲାଣି। ଏପରିକି ପୋଲର ଖମ୍ବ ଓ ପାରିପାର୍ଶ୍ୱରେ ବଡ଼ ବଡ଼ ଗଛ ଉଠି ଏହାର ମୂଳଦୁଆକୁ ଆହୁରି କ୍ଷତିଗ୍ରସ୍ତ କରୁଛି। ଯେକୌଣସି ମୁହୂର୍ତ୍ତରେ ଏକ ବଡ଼ଧରଣର ଅଘଟଣ ଘଟିପାରେ ବୋଲି ଆଶଙ୍କା ପ୍ରକାଶ କରୁଛନ୍ତି ସ୍ଥାନୀୟ ବାସିନ୍ଦା। ବର୍ତ୍ତମାନ ଏହି ପୋଲ ଉପର ଦେଇ ଦିନରାତି ଶହଶହ ସଂଖ୍ୟାରେ ଭାରିଯାନ ଏବଂ ଯାତ୍ରୀବାହୀ ବସ୍ ରାଜ୍ୟ ତଥା ରାଜ୍ୟ ବାହାରକୁ ଯାତାୟାତ କରୁଛି। କିନ୍ତୁ ପୋଲ ଉପରର ପିଚୁ ସମ୍ପୂର୍ଣ୍ଣ ଭାବେ ଉଠିଯାଇ ବଡ଼ ବଡ଼ ଗାତ ସୃଷ୍ଟି ହୋଇଛି। ଫଳରେ ଗାଡ଼ିମୋଟର ଚଳାଚଳରେ ପ୍ରବଳ ସମସ୍ୟା ଦେଖାଦେବା ସହ ସାଧାରଣ ଲୋକେ ଏହି ପୋଲ ଉପରେ ଚାଲିବାକୁ ମଧ୍ୟ ଭୟ କରୁଛନ୍ତି। ରେଢ଼ାଖୋଲର ଜନସାଧାରଣ ନିଜର ଦୈନନ୍ଦିନ କାର୍ଯ୍ୟ, ଅଫିସ କାମ ଏବଂ ଉନ୍ନତ ସ୍ୱାସ୍ଥ୍ୟସେବା ପାଇଁ ସମ୍ବଲପୁର କିମ୍ବା ଝାରସୁଗୁଡ଼ା ସହରକୁ ଯିବାକୁ ହେଲେ ଏହି ଏକମାତ୍ର ପୋଲ ଉପରେ ନିର୍ଭର କରିବାକୁ ପଡ଼େ।



କିନ୍ତୁ ରାସ୍ତା ଓ ପୋଲର ଏପରି ଦୟନୀୟ ଅବସ୍ଥା ଯାତ୍ରୀମାନଙ୍କ ପାଇଁ ଯମଦୂତ ସାଜିଛି। ଏତେ ହେଲାପରେବି ଜାଣିଶୁଣି ଏନ୍ ଏଚ୍ ଏ ଆଇ କର୍ତ୍ତୃପକ୍ଷ ଏହି ସମସ୍ୟା ପ୍ରତି ସମ୍ପୂର୍ଣ୍ଣ ଆଖିବୁଜି ବସିଛନ୍ତି। ରାସ୍ତା ଓ ପୋଲର ମରାମତି ନେଇ ରେଢ଼ାଖୋଲ ନାଗରିକ କମିଟି ସହ ସ୍ଥାନୀୟ ଲୋକଙ୍କ ତରଫରୁ ବାରମ୍ବାର ଆନ୍ଦୋଳନ କରାଯିବା ସହ ପ୍ରଶାସନ ଓ ଏନ୍.ଏଚ୍.ଏ.ଆଇ. ପକ୍ଷରୁ କାମ ଶେଷ କରିବାର କେବଳ ପ୍ରତିଶ୍ରୁତି ମିଳିଥିଲା। ମାତ୍ର ଦୁର୍ଭାଗ୍ୟର କଥା, ଆଜିକୁ ୭ ବର୍ଷ ବିତି ଯାଇଥିଲେ ମଧ୍ୟ କାମ କେବଳ କାଗଜପତ୍ରରେ ସୀମିତ ରହିଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଏପରି ବେପରୁଆ ନୀତିକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଏବଂ ଉତ୍ତେଜନା ଦେଖାଦେଇଛି। ଜନସାଧାରଣଙ୍କ ଦାବି ଆଗକୁ କୌଣସି ଅଘଟଣ ଘଟିବା ପୂର୍ବରୁ ତୁରନ୍ତ ଏହି ଇଂରେଜ ଅମଳର ଖନ୍ଦାପୋଲର ପୁନଃନିର୍ମାଣ କିମ୍ବା ଦୃଢ଼ ମରାମତି କରା ନଗଲେ ଆଗାମୀ ଦିନରେ ରେଢ଼ାଖୋଲବାସୀ ଏକ ବଡ଼ଧରଣର ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି।

ତିଥି :(ଦ୍ୱାଦଶୀ): (ହସ୍ତା କନ୍ୟା)
ଅମୃତ ବେଳା: ଦିବା ଘ ୬।୪୧ ମଧ୍ୟେ ଘ୭।୨୯ ଗତେ

ଆଜିର ଅନୁଚିନ୍ତନ

ଦ୍ରବ୍ୟମୟ ଯଜ୍ଞ ଠାରୁ ଜ୍ଞାନ ଶ୍ରେଷ୍ଠ।। - ଶ୍ରୀମଦ୍ ଭଗବଦ୍ ଗୀତା

ଝଟ୍‌କାରୁ ଶିଖିବେ କି ଟ୍ରମ୍ପ

ଆମେରିକାରେ ଗତ ମଙ୍ଗଳବାର ଅନୁଷ୍ଠିତ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ଡେମୋକ୍ରାଟିକ ପାର୍ଟିର ବିପୁଳ ବିଜୟ ଘଟିବା ଓ ଟ୍ରମ୍ପଙ୍କ ରିପବ୍ଲିକାନ ଦଳ ଧରାଶାୟୀ ହେବା ଘଟଣାରେ ଆଶା କରାଯାଉଛି ଯେ ଆଗକୁ ରାଷ୍ଟ୍ରଗୁଡ଼ିକରେ ସଂପର୍କରେ ନୂଆ ପର୍ଯ୍ୟାୟ ବା ସମୀକରଣ ଆରମ୍ଭ ହୋଇପାରେ। ବିରୋଧୀଙ୍କ ହାତକୁ ସଂସଦ ଯାଇଥିଲେ ବି ୨୦୨୯ ଜାନୁଆରୀ ପର୍ଯ୍ୟନ୍ତ ଟ୍ରମ୍ପ ରାଷ୍ଟ୍ରପତି ଆସନରେ ରହିବେ। ବର୍ତ୍ତମାନ ଠାରୁ ଅବଶିଷ୍ଟ କାର୍ଯ୍ୟକାଳ ତାଙ୍କ ପାଇଁ ନିଶ୍ଚୟ ଆହ୍ୱାନପୂର୍ଣ୍ଣ ରହିବ। ଇରାନ ସହ ଯୁଦ୍ଧ କାରଣରୁ ଆମେରିକାରେ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ଘଟିଲା, ଲୋକେ ଅତିଷ୍ଠ ଥିଲେ। ତାହାର ପରିଣାମ ଟ୍ରମ୍ପ ନିର୍ବାଚନରେ ଭୋଗିଲେ। ଏହାସତ୍ତ୍ୱେ ତାଙ୍କର ଚେତନା ଉଦୟ ହେବ କି ନାହିଁ, ତାହା ଆଗାମୀ ସମୟ କହିବ। ପରାଜୟ ସତ୍ତ୍ୱେ ମନ ଭିତରୁ ତାଙ୍କର ବହପ କମିବା ଲକ୍ଷ୍ୟ କରାଯାଉନାହିଁ। ଏବେ ବି ଇରାନ ଉପରେ ଆକ୍ରମଣ ନିଷ୍ପତ୍ତିକୁ ସେ ଉଚିତ ମନେ କରୁଛନ୍ତି। ଯଦି ଇରାନ ବିରୋଧରେ କାର୍ଯ୍ୟାନୁଷ୍ଠାନର ସୁଯୋଗ ମିଳେ ତାହାକୁ ହାତଛଡ଼ା କରିବେ ନାହିଁ ବୋଲି ନିକଟରେ ଦେଇଥିବା ସାକ୍ଷାତକାରକୁ ଲକ୍ଷ୍ୟ କଲେ କୁହାଯିବା ଅଯଥାର୍ଥ ହେବନାହିଁ ଯେ ନିର୍ବାଚନର ଫଳାଫଳ ପ୍ରଭାବ ତାଙ୍କ ଉପରେ ପଡ଼ିଛି।

ଇରାନ ବିନା ସର୍ତ୍ତରେ ମୁଣ୍ଡ ନୁଆଉଁ, ଏହା ଆମେରିକା ଚାହିଁବ ନାହିଁ। ନିର୍ବାଚନ ଫଳାଫଳ ସତ୍ତ୍ୱେ ସଂପର୍କରେ ପରିବର୍ତ୍ତନ ଆସିବା ସମ୍ଭାବନା କ୍ୱଚିତ୍। ଏଥିରେ ଦ୍ୱିଧା ନାହିଁ ଯେ ଟ୍ରମ୍ପଙ୍କ ବିଦେଶୀ ନୀତିରେ ଅସ୍ଥିରତା ସାଙ୍ଗକୁ 'ଆମେରିକା ପ୍ରଥମ' ଭୂତ ସବାର ହେତୁ ମନଇଚ୍ଛା ଶୁଳ୍କ ବୃଦ୍ଧି କରିବାକୁ ସେ ପଛାଉନାହାନ୍ତି। ଯୁଦ୍ଧ କାରଣରୁ ପ୍ରତିରକ୍ଷା ବ୍ୟବହାର ବୃଦ୍ଧି କାରଣରୁ ଦେଶରେ ମୁଦ୍ରାସ୍ଫୀତି ଓ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଦରଦାମ୍ ବୃଦ୍ଧି ଘଟିଲା। ଏହାକୁ ସେ କିପରି ବୁଝିପାରୁନାହାନ୍ତି ବଡ଼ ଆଶ୍ଚର୍ଯ୍ୟର ବିଷୟ। କିନ୍ତୁ ଆମେରିକୀୟମାନେ ଅତିଷ୍ଠ ହୋଇ ଟ୍ରମ୍ପଙ୍କ ବିରୋଧରେ ରହିବାରୁ ତାଙ୍କ ସାମ୍ରାଜ୍ୟ ଏବେ ଦୋହଲିଯାଇଛି।

ସାରା ବିଶ୍ୱକୁ ନାନା ଭାବରେ ଥରହର କରୁଥିବା ଟ୍ରମ୍ପଙ୍କ ଅବ୍ୟବସ୍ଥିତ ତଥା ଅହଂକାର ଚିତ୍ତର ଏହା ପରିଣାମ ଏଥିରେ ଅନ୍ୟଥା ନାହିଁ। ଏକବିଂଶ ଶତାବ୍ଦୀରେ ବର୍ଷ ବର୍ଷ ଧରି ଯୁଦ୍ଧ ଲାଗିରହିବା ସୂଚାଏ ଯେ ମଣିଷ ନିଜକୁ ଯେତିକି ସଭ୍ୟ ବୋଲାଉଛି ନିଜର ହିଂସ୍ର ପ୍ରବୃତ୍ତି କମାଇବାକୁ ବା ଅନ୍ତ ଘଟାଇବାକୁ ଚାହୁଁନାହିଁ। ଏ ହିଂସ୍ରପ୍ରବୃତ୍ତିକୁ ଇନ୍ଧନ ଯୋଗାଉଛି ଲୋଭ ଓ ଅହେତୁକ ବାଣିଜ୍ୟିକ ରଣନୀତି। ମନେ ରଖିବାକୁ ହେବ ଯେ ସଭ୍ୟତା ଆରମ୍ଭ ପରଠାରୁ ଏଯାବତ୍ ରକ୍ତପାତ କେବେହେଲେ ସଂଘର୍ଷର ଅବସାନ ଘଟାଇ ନାହିଁ କି ସମାଧାନର ପନ୍ଥା ବାହାର କରିବାରେ ସମର୍ଥ ହୋଇନାହିଁ। ଶାନ୍ତିର ମାର୍ଗ ହିଁ ଶ୍ରେଷ୍ଠ ତଥା ଅନ୍ତିମ, ଏ ବାବଦେ ଭାରତ ବହୁବାର ଯୁଦ୍ଧଖୋର ଆମେରିକା ହେଉ କି ରୁଷ୍ ହେଉ ସେମାନଙ୍କୁ ବୁଝାଇସାରିଛି। ଆମେରିକାର ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ପ୍ରମୁଖ ଭାବରେ ଉଭା ରହିଥିଲା ନାଗରିକଙ୍କ ସାଧାରଣ ଜୀବନଯାତ୍ରା ନିର୍ବାହରେ କ୍ରମବର୍ଦ୍ଧିଷ୍ଣୁ ଖର୍ଚ୍ଚ, ମୁଦ୍ରାସ୍ଫୀତି, ଟ୍ରମ୍ପ ସରକାରଙ୍କ ନୀତି, ଇରାନ ସହ ଯୁଦ୍ଧକୁ ନେଇ ଜନଅସନ୍ତୋଷ, ଆମଦାନି ଶୁଳ୍କ ନୀତି, ସରକାରୀ ଦୁର୍ନୀତି ଅଭିଯୋଗ ପ୍ରଭୃତି।

ମହାନ ବିଦ୍ୱାନ ଭାରବିଙ୍କ ଏକ ପ୍ରଖ୍ୟାତ ଶ୍ଳୋକ ରହିଛି। ତାହା ହେଉଛି - 'ସହସା ବିଦଧୀତ ନ କ୍ରିୟାମ ଅବିବେକଃ ପରମା ପଦାଂପଦମ, ବୃଣୁତେ ହି ବିମୃଶ୍ୟକାରିଣଂ ଗୁଣାଲୁବ୍ଧାଃ ସ୍ୱୟମେବ ସମ୍ପଦଃ।' ଅର୍ଥାତ୍, ଛୋଟ ହେଉ କି ବଡ଼ ତରବରିଆ ଭାବରେ ବିନା ବିଚାର-ବିବେଚନାରେ କରାଯାଇଥିବା କାର୍ଯ୍ୟର ପରିଣାମ ଅଧିକାଂଶ ସମୟରେ ପୀଡ଼ାଦାୟକ। ଏ ଶ୍ଳୋକର ମର୍ମ ଯଦି ଟ୍ରମ୍ପ ବୁଝିପାରି କାର୍ଯ୍ୟରେ ଲଗାନ୍ତି, ଏବେ ବି ସମୟ ଅଛି ତାଙ୍କୁ ଓ ପୃଥିବୀକୁ ନୂଆ ରାହା ନିଶ୍ଚୟ ମିଳିପାରିବ।

ଆମେରିକା ନିର୍ବାଚନ : ଭାରତ ଉପରେ ପ୍ରଭାବ

ଡ. ପ୍ରମୋଦ କୁମାର ପଣ୍ଡା

> "ଭାରତକୁ ସବୁବେଳେ ଉଭୟ ରିପବ୍ଲିକାନ ଏବଂ ଡେମୋକ୍ରାଟିକ ପାର୍ଟିର ସମର୍ଥନ ମିଳିଆସିଛି । ତେଣୁ ଡୋନାଲଡ ଟ୍ରମ୍ପଙ୍କ ପରାଜୟ ଭାରତ ଉପରେ କୌଣସି ନକାରାତ୍ମକ ପ୍ରଭାବ ପକାଇ ନ ପାରେ। ବରଂ ଭାରତ ବିପକ୍ଷରେ କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ତାଙ୍କୁ ତାଙ୍କ ଦେଶ ବିରୋଧୀଙ୍କ ସାମନା କରିବାକୁ ପଡ଼ିବ। ଟାରିଫ ସ୍ଥିର ରହିଲେ ବା ହ୍ରାସ ହେଲେ ଭାରତୀୟ ସାମଗ୍ରୀର ରପ୍ତାନିରେ ବୃଦ୍ଧି ଆସିବ। ଆମେରିକା ସହ ବାଣିଜ୍ୟିକ ଓ କୂଟନୈତିକ ସମ୍ପର୍କ ସୁଦୃଢ଼ ହେବ।

ଆମେରିକା ଏକ ସାମ୍ବିଧାନିକ ସଂଘୀୟ ଗଣତନ୍ତ୍ର। ପ୍ରତିନିଧି ଲୋକତନ୍ତ୍ର। ପ୍ରତିନିଧି ସଭା ଏବଂ ସିନେଟକୁ ନେଇ ଆମେରିକୀୟ ସଂସଦ ଗଠିତ। ଆମେରିକାର ପ୍ରତିନିଧି ସଭା ଭାରତର ଲୋକସଭା ସଦୃଶ। କାର୍ଯ୍ୟକାଳ ଦୁଇ ବର୍ଷ। ସାଂସଦ ସଂଖ୍ୟା ୪୩୫। ସିନେଟକୁ ୧୦୦ ଜଣ ସିନେଟର୍ ନିର୍ବାଚିତ ହୁଅନ୍ତି। ଏହା ଭାରତର ରାଜ୍ୟସଭା ଭଳି। କାର୍ଯ୍ୟକାଳ ଛଅ ବର୍ଷ। ପ୍ରତି ଦୁଇ ବର୍ଷରେ ଏକ-ତୃତୀୟାଂଶ ନୂତନ ସିନେଟର୍ ନିର୍ବାଚିତ ହୋଇଥାନ୍ତି। ଆମେରିକୀୟ ରାଷ୍ଟ୍ରପତି ଏବଂ ସଂସଦର ଉଭୟ ସଦନର ସାଂସଦଙ୍କ ନିର୍ବାଚନ ଅଲଗା ଅଲଗା ହୋଇଥାଏ। ଭାରତ ଭଳି ବହୁମତ ହାସଲ କରିଥିବା ରାଜନୈତିକ ଦଳ ସରକାର ଗଠନ କରିବା ବ୍ୟବସ୍ଥା ଆମେରିକାରେ ନାହିଁ। ରାଷ୍ଟ୍ରପତି ସଂସଦର ବହୁମତରେ ନିର୍ବାଚିତ ହୁଅନ୍ତି ନାହିଁ। ସେ ଆମେରିକାର ଶାସନ ମୁଖ୍ୟ। କାର୍ଯ୍ୟକାଳ ଚାରି ବର୍ଷ। ଠିକ୍ ମଝିରେ ସରକାରଙ୍କୁ ରାଜନୈତିକ ପରୀକ୍ଷା ଦେବାକୁ ପଡେ। ଏହା ଖୁବ୍ କଠିନ। ଜନତା ଭୋଟ ମାଧ୍ୟମରେ ସରକାରଙ୍କ କାର୍ଯ୍ୟର ସମୀକ୍ଷା କରନ୍ତି। ଏହାକୁ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ କୁହାଯାଇଥାଏ। ସଂସଦରେ ବହୁମତ ପ୍ରାପ୍ତ ନ ହେଲେ ସୁଦ୍ଧା ସରକାର ଭାଙ୍ଗେ ନାହିଁ। ରାଷ୍ଟ୍ରପତି ତାଙ୍କ ଚାରି ବର୍ଷର କାର୍ଯ୍ୟକାଳ ପୂରା କରିଥାନ୍ତି। ରାଷ୍ଟ୍ରପତି ଗୋଟିଏ ପାର୍ଟିର ଓ ସଂସଦର ବହୁମତ ଅନ୍ୟ ଏକ ପାର୍ଟିର ମଧ ହୋଇପାରେ। ଭାରତୀୟ



ଗଣତନ୍ତ୍ରରେ ଏଭଳି ବ୍ୟବସ୍ଥା ନ ଥାଏ। ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ଦୁଇବର୍ଷ ପରେ ରାଷ୍ଟ୍ରପତିଙ୍କ ଲୋକପ୍ରିୟତାକୁ ଦର୍ଶାଏ। ବର୍ତ୍ତମାନ ଡୋନାଲଡ ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି। ତାଙ୍କ ଦୁଇ ବର୍ଷର କାର୍ଯ୍ୟକାଳ ପୂର୍ଣ୍ଣ ହୋଇଛି। ତେଣୁ ତାଙ୍କୁ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନର ସମ୍ମୁଖୀନ ହେବାକୁ ପଡିଛି। ସେଠିକା ନିର୍ବାଚନ ବ୍ୟବସ୍ଥାର ଏହା ଏକ ଅଂଶ।

ନଭେମ୍ବର ୩, ୨୦୨୬ ରେ ଆମେରିକାର ସମସ୍ତ ୫୦ ଗୋଟି ରାଜ୍ୟରେ ପ୍ରତିନିଧି ସଦନର ୪୩୫ ଏବଂ ସିନେଟର ୩୫ ଆସନ ପାଇଁ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ଥିଲା। ଏହା ସହିତ ୩୬ ଗୋଟି ରାଜ୍ୟର ଗଭର୍ଣ୍ଣର ନିର୍ବାଚନ ମଧ ଅନୁଷ୍ଠିତ ହୋଇଛି। ପଚାଶ ରାଜ୍ୟରେ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ଭିନ୍ନ ଭିନ୍ନ ସମୟରେ ହୋଇଛି। କାରଣ ଏଠାକାର ବିଭିନ୍ନ ରାଜ୍ୟରେ ସମୟର ବ୍ୟବଧାନ । ଆମେରିକାର ପୂର୍ବାଞ୍ଚଳ ରାଜ୍ୟମାନଙ୍କରେ ପଶ୍ଚିମାଞ୍ଚଳ ରାଜ୍ୟମାନଙ୍କ ଅପେକ୍ଷା ଦୁଇରୁ ତିନି ଘଣ୍ଟା ପୂର୍ବରୁ ସୂର୍ଯ୍ୟୋଦୟ ହୁଏ। ସଂସଦର ଉଭୟ ଗୃହରେ ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପଙ୍କ ରିପବ୍ଲିକାନ ପାର୍ଟିର ବହୁମତ ଥିଲା। ପ୍ରତିନିଧି ସଦନରେ ରିପବ୍ଲିକାନ ପାର୍ଟିର ୨୧୮ ଜଣ ସାଂସଦ ଥିବା ବେଳେ ଡେମୋକ୍ରାଟିକ ପାର୍ଟିର ୨୧୪ ଜଣ ସାଂସଦ ଥିଲେ।

ସେହିପରି ସିନେଟରେ ରିପବ୍ଲିକାନ ଏବଂ ଡେମୋକ୍ରାଟ ପାର୍ଟିର ଯଥାକ୍ରମେ ୫୩ ଓ ୪୫ ଜଣ ସିନେଟର୍ ଥିଲେ। ଉଭୟ ପକ୍ଷ ମଧ୍ୟରେ କଡ଼ା ମୁକାବିଲା ଥିଲା। ମଙ୍ଗଳବାର ମତଦାନ ପୂର୍ବାଞ୍ଚଳର ଆଠ ଗୋଟି ରାଜ୍ୟରୁ ଆରମ୍ଭ ହୋଇଥିଲା। ଏଥର ୫.୭୦ କୋଟି ମତଦାତା ତାଙ୍କର ମତଦାନ ଅଧିକାର ସାବ୍ୟସ୍ତ କରିଛନ୍ତି। ତିନି କୋଟି କୋଡିଏ ଲକ୍ଷ ମତଦାନ କେନ୍ଦ୍ରରେ ଏବଂ ଦୁଇ କୋଟି ପଚାଶ ଲକ୍ଷ ମେଲ ବାଲଟ ମାଧ୍ୟମରେ। ୨୦୨୨ ମସିହା ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ୪.୬ କୋଟି ଲୋକ ଭୋଟ ପ୍ରଦାନ କରିଥିବା ବେଳେ ୨୦୨୬ ରେ ଏହା ୫.୭୦ କୋଟିକୁ ପହଞ୍ଚିଛି। ୫୭ ଜଣ ଭାରତୀୟ ବଂଶୋଦ୍ଭବ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ଲଢ଼ିଛନ୍ତି। ନିର୍ବାଚନ ପୂର୍ବରୁ ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପଙ୍କ ଲୋକପ୍ରିୟତା ୩୧% ରେ ପହଞ୍ଚିଛି। ଏହା ତାଙ୍କର ସର୍ବକାଳୀନ ସର୍ବନିମ୍ନ ଲୋକପ୍ରିୟତା । ତାଙ୍କୁ ତାଙ୍କ ଦେଶର ୬୯% ଜନତା ରାଷ୍ଟ୍ରପତି ଭାବେ ପସନ୍ଦ କରୁନାହାନ୍ତି।

ଏଥିପାଇଁ ତାଙ୍କର ମନମାନି ଓ ସ୍ୱେଚ୍ଛାଚାରୀ ନୀତି ଅଧିକାଂଶରେ ଦାୟୀ। ତାଙ୍କ ଶାସନକାଳ ମଧ୍ୟରେ ଇରାନ ଯୁଦ୍ଧ ହୋଇଛି। ଡିଜେଲ ଦର ୭୦% ଓ ପେଟ୍ରୋଲ ଦର ୫୦% ବୃଦ୍ଧି ପାଇଛି। ଯୁଦ୍ଧରେ ଅଜସ୍ର ଖର୍ଚ୍ଚ ହେଉଛି। ବିଗତ ଦୁଇ ବର୍ଷରେ ନଅ ଲକ୍ଷରୁ ଅଧିକ ଲୋକ ଦେଶାନ୍ତର ହୋଇଛନ୍ତି। ଅପରାଧିକ ରେକର୍ଡ ନ ଥିବା ଲୋକ ମଧ୍ୟ ଏଥିରେ ସାମିଲ ଅଛନ୍ତି। ଚାଷ ଏବଂ ଭିତ୍ତିଭୂମି ଉପରେ ଏହାର ଗଭୀର ନକାରାତ୍ମକ ପ୍ରଭାବ ପଡ଼ିଛି। ଶ୍ରମିକ ଅଭାବ ଦେଖାଦେଇଛି। ଅନ୍ୟ ଦେଶ ଉପରେ ଅତିରିକ୍ତ ଟାରିଫ ବୃଦ୍ଧି ଯୋଗୁଁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀରେ ଅଭାବ ଦେଖାଦେଇଛି। ଜବାବୀ ସୀମା ପ୍ରଶୁଳ୍କ ଆମେରିକୀୟ ବ୍ୟବସାୟୀଙ୍କୁ କ୍ଷତି ପହଞ୍ଚାଇଛି।

୧୯୩୮ ମସିହାରୁ ହୋଇଥିବା ୨୨ ଗୋଟି ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ମଧ୍ୟରୁ ୨୦ ଗୋଟି ନିର୍ବାଚନର ଫଳାଫଳ ତତ୍କାଳୀନ କ୍ଷମତାସୀନ ସରକାରଙ୍କ ବିରୁଦ୍ଧରେ ଓ ୨ ଗୋଟି ସରକାରଙ୍କ ସପକ୍ଷରେ ଆସିଛି। ଥରେ ୧୯୯୮ ମସିହା ଡେମୋକ୍ରାଟିକ ପାର୍ଟିର ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନଙ୍କ ଶାସନ କାଳରେ। ଆଉ ଥରେ ୨୦୦୨ ମସିହା ରିପବ୍ଲିକାନ ପାର୍ଟି ରାଷ୍ଟ୍ରପତି ଜର୍ଜ ଡବ୍ଲ୍ୟୁ ବୁଶଙ୍କ ଶାସନକାଳରେ। ରାଷ୍ଟ୍ରପତି ଟ୍ରମ୍ପ ତାଙ୍କ ପ୍ରଥମ ଶାସନ କାଳ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ପରାଜିତ ହୋଇଥିଲେ। ସେତେବେଳେ ତାଙ୍କର ଆପ୍ରୁଭାଲ ରେଟିଂ ଏତେ ଖରାପ ନ ଥିଲା।

ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ଟ୍ରମ୍ପଙ୍କ ପରାଜୟର ପ୍ରଭାବ କେବଳ ଭାରତ ନୁହେଁ ସମଗ୍ର ବିଶ୍ୱ ଉପରେ ପଡ଼ିବ। ସଂଖ୍ୟାଲଘୁତ୍ୱ ତାଙ୍କ ପାଇଁ ଅଡୁଆ ହେବ। ସେ ଆଗ ଭଳି ମନମାନି କରିପାରିବେନାହିଁ। ବ୍ୟକ୍ତିଗତ ସ୍ତରରେ ବଡ଼ ଓ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାର କ୍ଷମତା ହରାଇବେ । ବିପକ୍ଷୀଙ୍କ ଉପରେ ତାଙ୍କୁ ନିର୍ଭର କରିବାକୁ ପଡ଼ିବ। ସହଜରେ ନୂଆ ନିଷ୍ପତ୍ତି ନେବା ଓ ବିଲ୍ ପାସ୍ କରାଇବା କଠିନ ହେବ। ସେ ଚାପରେ ରହିବେ। ପ୍ରାୟ ବିରୋଧର ସମ୍ମୁଖୀନ ହେବେ। ଏହାଦ୍ୱାରା ଭାରତକୁ ଟାରିଫରେ ଲାଭ ମିଳିପାରେ। ଭିସା ଏବଂ ଛାତ୍ର ଭିସା ଏଚ୍-୧ବି ନିୟମ ପରିବର୍ତ୍ତନର ଦାବି ଉଠିପାରେ।

ଭାରତକୁ ସବୁବେଳେ ଉଭୟ ରିପବ୍ଲିକାନ ଏବଂ ଡେମୋକ୍ରାଟିକ ପାର୍ଟିର ସମର୍ଥନ ମିଳିଆସିଛି । ତେଣୁ ଡୋନାଲଡ ଟ୍ରମ୍ପଙ୍କ ପରାଜୟ ଭାରତ ଉପରେ କୌଣସି ନକାରାତ୍ମକ ପ୍ରଭାବ ପକାଇ ନପାରେ। ବରଂ ଭାରତ ବିପକ୍ଷରେ କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ତାଙ୍କୁ ତାଙ୍କ ଦେଶ ବିରୋଧୀଙ୍କ ସାମନା କରିବାକୁ ପଡ଼ିବ। ଟାରିଫ ସ୍ଥିର ରହିଲେ ବା ହ୍ରାସ ହେଲେ ଭାରତୀୟ ସାମଗ୍ରୀର ରପ୍ତାନିରେ ବୃଦ୍ଧି ଆସିବ। ଆମେରିକା ସହ ବାଣିଜ୍ୟିକ ଓ କୂଟନୈତିକ ସମ୍ପର୍କ ସୁଦୃଢ଼ ହେବ। ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ଫଳାଫଳ ଆମେରିକା ଭିତରେ ଏକ ପ୍ରକାରର ରାଜନୈତିକ ପ୍ରତିବନ୍ଧକ ସୃଷ୍ଟି କରିବ। ଏହାଦ୍ୱାରା ଭାରତ ଉପରୁ କିଛି ମାତ୍ରାରେ ଏକତରଫା ବାଣିଜ୍ୟିକ ଚାପ କମିବ ସତ, କିନ୍ତୁ ଭୂ-ରାଜନୀତି ଏବଂ ରୁଷିଆ-ଇରାନ ସମ୍ପର୍କକୁ ନେଇ ଭାରତ ପାଇଁ ନୂଆ ଆହ୍ୱାନ ମଧ ସାମ୍ନାକୁ ଆସିପାରେ। ଆମେରିକାର ରାଜନୈତିକ ପରିବର୍ତ୍ତନ ସିଧାସଳଖ ଭାରତର ଅର୍ଥନୀତି, ବାଣିଜ୍ୟ ଏବଂ ବୈଦେଶିକ ନୀତି ଉପରେ ଗଭୀର ପ୍ରଭାବ ପକାଇବ ବୋଲି ମନେ କରାଯାଉଛି।

ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ, ସମ୍ବଲପୁର
ମୋ-୭୯୭୮୨୮୩୧୯୦

ଗଣତନ୍ତ୍ରର ପ୍ରାରମ୍ଭିକ ଏବଂ ଅନ୍ତିମ ପ୍ରହରୀ

ସୁଧାଂଶୁ ପାତ୍ର

ପ୍ରତ୍ୟେକ ଭାରତୀୟ ନାଗରିକ ନିଜର ଅଧିକାରର ସୁରକ୍ଷା, ସ୍ଥିତି ତଥା ପ୍ରତିଷ୍ଠା ଏବଂ ସର୍ବୋପରି କାନୁନ ସମ୍ମତ ନିଷ୍ପତ୍ତି ପାଇଁ ସର୍ବଦା ନ୍ୟାୟପାଳିକାର ଦ୍ୱାରସ୍ଥ ହୁଏ । ତେଣୁ ଯଥାଶୀଘ୍ର ସମ୍ଭବ ବିଳମ୍ବ ନ କରି ନ୍ୟାୟ ପ୍ରଦାନ କରିବା ଉଚିତ ଏବଂ ବିଳମ୍ବିତ ନ୍ୟାୟିକ ପ୍ରକ୍ରିୟା କେବେ ହେଲେ ଗ୍ରହଣୀୟ ନୁହେଁ । ନଚେତ୍ ବିକାଶଶୀଳ ରାଷ୍ଟ୍ରରେ ରାଷ୍ଟ୍ରୀୟ ପ୍ରଗତି ଓ ବିକାଶର ଗତିରୋଧ ସୃଷ୍ଟି ହେବ । ଏବଂ ରାଷ୍ଟ୍ରୀୟ ସାମାଜିକ, ଆର୍ଥିକ ପ୍ରଗତିରେ ବହୁ ପ୍ରଭାବ ପଡ଼ିବ । ଏହି ମର୍ମରେ ବିଳମ୍ବିତ ନ୍ୟାୟ ପ୍ରକ୍ରିୟାର ସୁଧାର ଅନିବାର୍ଯ୍ୟ । ସେଥିପାଇଁ ପ୍ରତ୍ୟେକ ନ୍ୟାୟାଳୟ ଏବଂ ନ୍ୟାୟାଧୀଶ ଧ୍ୟାନ ଦେବାର ଆବଶ୍ୟକତା ରହିଛି ।

ନିକଟରେ ବିଳମ୍ବିତ ନ୍ୟାୟ ସମ୍ପର୍କରେ ପ୍ରାପ୍ତ ଏକ ରିପୋର୍ଟ ଅନୁସାରେ ଦେଶର ଉଚ୍ଚତମ ନ୍ୟାୟାଳୟରେ ଲମ୍ବୁଥିବା ବା ଦୀର୍ଘକାଳୀନ ମାମଲାର ସଂଖ୍ୟା ୬୫ ଲକ୍ଷରୁ ଅଧିକ । ଏପରି ମାମଲାକୁ ନେଇ ପ୍ରତ୍ୟେକ ସ୍ତରରେ ଆଲୋଚନା ତଥା ଚିନ୍ତା ପ୍ରକଟ ପରିଲକ୍ଷିତ ହେଉଛି ସତ, ମାତ୍ର ଏହାର ହ୍ରାସ ଦିଗରେ କୌଣସି ନିଷ୍ପତ୍ତି ନେବା ପରିବର୍ତ୍ତେ କିଛି ସମୟ ଅତିବାହିତ ହେବା ପରେ ପରିସ୍ଥିତି ଯଥା ପୂର୍ବଂ ତଥା ପରଂ ସ୍ତରରେ ହିଁ ସୀମିତ ହୋଇ ରହୁଛି । ବିକାଶଶୀଳ ଦେଶମାନଙ୍କରେ ଯଦି ତ୍ୱରିତ୍ ନ୍ୟାୟ ନ ମିଳିବ ତେବେ ଆଇନ ଶୃଙ୍ଖଳା ନିୟନ୍ତ୍ରଣ କରିବା କଷ୍ଟକର ହେବା ନିଶ୍ଚିତ । ଏହି ବିଳମ୍ବିତ ନ୍ୟାୟ ପ୍ରଦାନ କେବଳ ଜନସାଧାରଣଙ୍କୁ ହତାଶା ଭିତରକୁ ନେଉ ନାହିଁ, ଅଧିକନ୍ତୁ ଆର୍ଥିକ ପ୍ରଗତିର ମଧ୍ୟ ଅବରୋଧ ସୃଷ୍ଟି କରୁଛି । ଅନ୍ୟ ପକ୍ଷରେ ଦେଶର ଉଚ୍ଚ ନ୍ୟାୟଳୟରେ ବିଳମ୍ବିତ ନ୍ୟାୟ ପ୍ରକ୍ରିୟା ସଂଖ୍ୟା ଯେତିକି ଯେତିକି ବଢୁଛି ସେହି ଅନୁପାତରେ ଦେଶରେ ଉଚ୍ଚତମ ନ୍ୟାୟାଳୟ ମାମଲା ସଂଖ୍ୟା ବଢ଼ିବାରେ ଲାଗିଛି । ଉଚ୍ଚତମ ନ୍ୟାୟାଳୟରେ ଉପରେ ଅଧିକ ଚାପ ସୃଷ୍ଟି କରୁଛି । ହାଇକୋର୍ଟରେ ପଡ଼ିରହିଥିବା ଲମ୍ବା ମାମଲାର ଶୀଘ୍ର ଫଇସଲା ପାଇଁ ନିର୍ଦ୍ଦେଶ ଦେବାକୁ ଅଧିକାଂଶ ପିଟିସନ ମଧ୍ୟ ସୁପ୍ରିମ୍‌କୋର୍ଟରେ ଫାଇନ୍ ଦେବାରେ ଲାଗିଛି । ଯାହାକି ଉଚ୍ଚତମ ନ୍ୟାୟାଳୟ ପାଇଁ ମୁଣ୍ଡବ୍ୟଥାର କାରଣ ହେଉଛି । ଏହି ରିପୋର୍ଟ ଅନୁସାରେ ସବୁଠାରୁ ଅଧିକ ପଡ଼ି ରହିଥିବା ଲମ୍ବା ମାମଲା ତଥା ସବୁଠାରୁ ଅଧିକ ମାମଲା ଆହ୍ଲାବାଦ ହାଇକୋର୍ଟ ଓ ମାନ୍ଦ୍ରାସ, କର୍ଣ୍ଣାଟକ ଓ ମଧ୍ୟପ୍ରଦେଶରେ ରହିଛି । ସାଧାରଣ ଜନତାଠାରୁ ଆରମ୍ଭ କରି କର୍ପୋରେଟ ଜଗତ ଓ ଶାସକ ପ୍ରଶାସନ ସମସ୍ତେ ଚିନ୍ତିତ , ଏହି ବିଳମ୍ବିତ ନ୍ୟାୟ ପ୍ରକ୍ରିୟାକୁ ନେଇ । ଚାର୍ଜସିଟ ଦାଖଲ ହେବା ମାତ୍ରେ କୋର୍ଟ ତାଙ୍କ ତରଫରୁ ତୁରନ୍ତ ଆରୋପ ନିର୍ଣ୍ଣୟ କରିବା ଉଚିତ । କାରଣ ଏହା ନ୍ୟାୟ ପାଇବାର ପ୍ରଥମ ପାହାଚ । ଭାରତୀୟ ଦଣ୍ଡବିଧି ସଂହିତା ଏବଂ ଏବେକାର ନାଗରିକ ସୁରକ୍ଷା ସଂହିତାରେ ଚାର୍ଜସିଟ୍ ଫାଇଲ ହେବା ପରେ ପରେ ମାଜିଷ୍ଟ୍ରେଟ କୋର୍ଟ ତୁରନ୍ତ କଗ୍‌ନିଜେନ୍ସ ନେଇ ମକଦ୍ଦମା ଆଗକୁ କଢ଼ାଇବାର ପ୍ରବନ୍ଧ ରହିଛି । ମାତ୍ର ବାସ୍ତବରେ ଏହି ପ୍ରକ୍ରିୟା ପାଇଁ ୨/୩ ବର୍ଷ ଲାଗିବା ଦ୍ୱାରା ନ୍ୟାୟ ପ୍ରକ୍ରିୟା ଆଗକୁ ବଢ଼ିପାରୁନାହିଁ ଏବଂ ନ୍ୟାୟ ମିଳିବାରେ ବର୍ଷବର୍ଷ ଧରି ବିଳମ୍ବ ଘଟୁଛି । ବିଚାରାଧୀନ କଏଦି ବର୍ଷବର୍ଷ ଧରି ଜେଲରେ ରହୁଛନ୍ତି ।

ଏହି ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟ ସମସ୍ୟାର ସମାଧାନ ପାଇଁ କଡ଼ା ପଦକ୍ଷେପ ନେବାର ସଙ୍କେତ ମଧ୍ୟ ଦେଇସାରିଛନ୍ତି । ୧୯୭୯ ମକଦ୍ଦମା ତଥା ହୁସେନ ଆରାଖାତୁନ୍ ବନାମ ବିହାର ଷ୍ଟେଟ ଓ କାଶ୍ମୀର ସିଂ ବନାମ ପଞ୍ଜାବ ଷ୍ଟେଟ ମାମଲାର ଉଦାହରଣ ସହ ସୁପ୍ରିମକୋର୍ଟ କହିସାରିଛନ୍ତି ଯେ, ଏଭଳି ସ୍ଥିତିରେ ଅଭିଯୁକ୍ତ ସତ ଜାମିନ ପାଇବା ପାଇଁ ହକ୍‌ଦାର । ତେଣୁ ପରିସ୍ଥିତି ଯଦି ଯଥା ପୂର୍ବଂ ତଥା ପରଂ ରହେ ଏବଂ ଚାର୍ଜସିଟ୍ ଦାଖଲ ପରେ କଗ୍‌ନିଜେନ୍‌ସ୍ ନେବାରେ ଯଦି ନିମ୍ନ ଅଦାଲତ ଅହେତୁକ ବିଳମ୍ବ କରନ୍ତି ତେବେ, କଡ଼ା ପଦକ୍ଷେପ ସ୍ୱରୂପ ସୁପ୍ରିମକୋର୍ଟ ନିମ୍ନ କୋର୍ଟମାନଙ୍କ ପାଇଁ ମାର୍ଗଦର୍ଶିକା ଜାରି କରିବେ । ଯେଉଁଥିପାଇଁ ସମସ୍ତେ ଅପେକ୍ଷାରତ । ମାତ୍ର ଏହାର ସମାଧାନର ବାଟ ବାହାରି ପାରୁନାହିଁ । କାରଣ ନ୍ୟାୟଧୀଶଙ୍କ ଅଭାବ ବୋଲି କେତେବେଳେ ଦର୍ଶାଯାଉଛି ତ କେତେବେଳେ ଭାବାତ୍ମକ ନ୍ୟାୟିକ ପ୍ରଣାଳୀ ବୋଲି କୁହାଯାଇଛି । ସମସ୍ୟାର ସମାଧାନ ସେତେବେଳ ପର୍ଯ୍ୟନ୍ତ ସମ୍ଭବ ନୁହେଁ, ଯେ ପର୍ଯ୍ୟନ୍ତ ସରକାର, ନ୍ୟାୟାଧୀଶ ଏବଂ ଓକିଲ ସଂଘ ଆଲୋଚନା ମାଧ୍ୟମରେ ଏହାର ସମାଧାନର ବାଟ ବାହାର କରିନାହାନ୍ତି ।

ଜୟଦେବ ବିହାର,ଭୁବନେଶ୍ୱର,ମୋ-୯୦୯୦୩୨୩୨୬୦

ଏବେ ଗାଁ'ମୁହାଁ ଯୁବପିଢ଼ି

ଇଂ. ଅମର ବେହେରା

> "ସ୍ମାର୍ଟ କୃଷିରେ ସବୁଠାରୁ ବଡ଼ ଶକ୍ତି ପାଲଟିଛି କୃତ୍ରିମ ବୁଦ୍ଧିମତ୍ତା । ଆଜିର ଆଧୁନିକ ଯୁବ ଚାଷୀମାନେ ନିଜ ମୋବାଇଲ୍ ଫୋନ୍‌ରେ କୃତ୍ରିମ ବୁଦ୍ଧିମତ୍ତା-ଭିତ୍ତିକ ଆପ୍ ବ୍ୟବହାର କରି ପତ୍ରର ଛବି ନେଇ କୀଟ ଆକ୍ରମଣ ଓ ରୋଗ ନିରୂପଣ କରୁଛନ୍ତି । ସ୍ମାର୍ଟ ସେନସର ଏବଂ ଜଳସେଚନ ଯନ୍ତ୍ରାଂଶ ମାଧ୍ୟମରେ ମାଟିର ଆର୍ଦ୍ରତା ଓ ପୋଷକ ତତ୍ତ୍ୱ ମାପି ପ୍ରୟୋଜନୀୟ ଜଳ ଓ ସାର ପ୍ରଦାନ କରାଯାଉଛି । କୃତ୍ରିମ ବୁଦ୍ଧିମତ୍ତା ମାଧ୍ୟମରେ ପାଣିପାଗର ପୂର୍ବାନୁମାନ ଏବଂ ବଜାର ଦରର ଆକଳନ କରି ଯୁବ ଚାଷୀମାନେ ସଠିକ୍ ସମୟରେ ଫସଲ ଅମଳ କରି ପ୍ରଚୁର ଲାଭବାନ ହୋଇପାରୁଛନ୍ତି । ଏହାସହିତ ବ୍ୟବସାୟ ପରିଚାଳନା ଏବଂ ବିକ୍ରୟ ପାଇଁ ମଧ ସ୍ୱୟଂଚାଳିତ କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାର କରାଯାଉଛି ।

ସମୟ ବଦଳିବା ସହିତ ମଣିଷର ଚିନ୍ତାଧାରା ଓ ଜୀବନଶୈଳୀରେ ମଧ ବ୍ୟାପକ ପରିବର୍ତ୍ତନ ଆସିଛି । ଦିନ ଥିଲା, ଯେତେବେଳେ ଉଚ୍ଚଶିକ୍ଷିତ ଯୁବକଯୁବତୀମାନେ ଗାଁର ମାଟି, ପାଣି ଓ ପବନକୁ ପଛରେ ପକାଇ ସହରୀ ଚାକଚକ୍ୟ ଏବଂ ମେଟ୍ରୋ ସିଟିର ମୋଟା ଅଙ୍କର ଦରମା ପଛରେ ଦୌଡୁଥିଲେ । ଓଡ଼ିଶାରୁ ବାହାର ରାଜ୍ୟକୁ କିମ୍ବା ବିଦେଶକୁ ପେଟ ପୋଷିବା ପାଇଁ ଯାଉଥିବା ଲୋକଙ୍କ କାହାଣୀ ପ୍ରତିଦିନ ଖବରକାଗଜର ପୃଷ୍ଠା ମଣ୍ଡନ କରୁଥିଲା । ମାତ୍ର ବର୍ତ୍ତମାନ ଏହି ଚିତ୍ରପଟ୍ଟରେ ଏକ ବଡ଼ ସକାରାତ୍ମକ ପରିବର୍ତ୍ତନ ଦେଖିବାକୁ ମିଳିଛି, ଯାହାକୁ ଆମେ 'ଓଲଟା ପ୍ରବାସନ' ବା 'ରିଭର୍ସ ମାଇଗ୍ରେସନ' ବୋଲି କହିପାରିବା। ସହରର କୋଳାହଳପୂର୍ଣ୍ଣ ଏବଂ ଯାନ୍ତ୍ରିକ ଜୀବନକୁ ବାଏ ବାଏ କରି ଓଡ଼ିଶାର ଉଚ୍ଚଶିକ୍ଷିତ ଯୁବପିଢ଼ି ଏବେ ନିଜ ନିଜ ଗାଁ ଅଭିମୁଖେ ଫେରିବା ଆରମ୍ଭ କରିଛନ୍ତି । ନିଜ ଭିଟାମାଟିକୁ ଫେରି ସେମାନେ ଆଧୁନିକ ଚାଷ, କୃଷିଭିତ୍ତିକ ନୂତନ ଉଦ୍ୟୋଗ ଏବଂ ସ୍ଥାନୀୟ ଶିଳ୍ପ ମାଧ୍ୟମରେ ଗ୍ରାମୀଣ ଅର୍ଥନୀତିର ଚେହେରା ବଦଳାଇ ଦେଉଛନ୍ତି । ଏହି ଶିକ୍ଷିତ ଯୁବକମାନେ ନିଜ ସଫଳତା ବଳରେ ଆଜି ଗ୍ରାମୀଣ ଓଡ଼ିଶାରେ ଏକ ନୂଆ କୃଷି ଓ ଆର୍ଥିକ ବିପ୍ଳବର ସୂତ୍ରପାତ କରିଛନ୍ତି ।

ସେମାନେ ସହରୀ ଚାକିରିର ବ୍ୟାବସାୟିକ ଦକ୍ଷତା, କାର୍ଯ୍ୟ ପରିଚାଳନା ଜ୍ଞାନ ଏବଂ ସମୟାନୁବର୍ତ୍ତିତାକୁ କୃଷି କ୍ଷେତ୍ରରେ ପ୍ରୟୋଗ କରୁଛନ୍ତି । ପୂର୍ବରୁ ଗାଁକୁ ଫେରିବା କହିଲେ କେବଳ ପାରମ୍ପରିକ ପଦ୍ଧତିରେ ଚାଷ କରିବାକୁ ବୁଝାଉଥିଲା, କିନ୍ତୁ ଆଜିର ଯୁବକମାନେ ଏହାକୁ ଏକ ଲାଭଜନକ ଆଧୁନିକ ବ୍ୟବସାୟର ରୂପ ଦେଇଛନ୍ତି । ସେମାନେ ନିୟନ୍ତ୍ରିତ ପରିବେଶରେ ଗ୍ରୀନ୍‌ହାଉସ୍ ଚାଷ, ମୃତ୍ତିକାହୀନ ଜଳକୃଷି, ଅସାମୟିକ ପନିପରିବା, ଅର୍ଗାନିକ୍ ଉତ୍ପାଦନ, ବାୟୋଫ୍ଲୋକ୍ ମାଛଚାଷ, ଛତୁ(ମସରୁମ୍)ଏବଂ ମହୁମାଛି ପାଳନ ଭଳି ଲାଭଜନକ ଚାଷ କରି ମାସକୁ ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି । ଏହାସହିତ ମୋବାଇଲ୍ ଆପ୍ ଏବଂ ସାମାଜିକ ଗଣମାଧ୍ୟମ ଜରିଆରେ ନିଜ ଗାଁର ଉତ୍ପାଦକୁ ସିଧାସଳଖ ଗ୍ରାହକଙ୍କ ପାଖରେ ପହଞ୍ଚାଇ ମାଧ୍ୟମୀୟ ଦଲାଲଙ୍କ ଶୋଷଣରୁ ମୁକ୍ତି ପାଉଛନ୍ତି।

ଏହି ସ୍ମାର୍ଟ କୃଷିରେ ସବୁଠାରୁ ବଡ଼ ଶକ୍ତି ପାଲଟିଛି କୃତ୍ରିମ ବୁଦ୍ଧିମତ୍ତା । ଆଜିର ଆଧୁନିକ ଯୁବ ଚାଷୀମାନେ ନିଜ ମୋବାଇଲ୍ ଫୋନ୍‌ରେ କୃତ୍ରିମ ବୁଦ୍ଧିମତ୍ତା-ଭିତ୍ତିକ ଆପ୍ ବ୍ୟବହାର କରି ପତ୍ରର ଛବି ନେଇ କୀଟ ଆକ୍ରମଣ ଓ ରୋଗ ନିରୂପଣ କରୁଛନ୍ତି । ସ୍ମାର୍ଟ ସେନସର ଏବଂ ଜଳସେଚନ ଯନ୍ତ୍ରାଂଶ ମାଧ୍ୟମରେ ମାଟିର ଆର୍ଦ୍ରତା ଓ ପୋଷକ ତତ୍ତ୍ୱ ମାପି ପ୍ରୟୋଜନୀୟ ଜଳ ଓ ସାର ପ୍ରଦାନ କରାଯାଉଛି । କୃତ୍ରିମ ବୁଦ୍ଧିମତ୍ତା ମାଧ୍ୟମରେ ପାଣିପାଗର ପୂର୍ବାନୁମାନ ଏବଂ ବଜାର ଦରର ଆକଳନ କରି ଯୁବ ଚାଷୀମାନେ ସଠିକ୍ ସମୟରେ ଫସଲ ଅମଳ କରି ପ୍ରଚୁର ଲାଭବାନ୍ ହୋଇପାରୁଛନ୍ତି । ଏହାସହିତ ବ୍ୟବସାୟ ପରିଚାଳନା ଏବଂ ବିକ୍ରୟ ପାଇଁ ମଧ ସ୍ୱୟଂଚାଳିତ କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାର କରାଯାଉଛି ।

ଓଡ଼ିଶାର ଏହି ଯୁବ କୃଷି ଉଦ୍ୟୋଗୀମାନେ ଯେଉଁ ଆଧୁନିକ ଆଗ୍ରୋ କୃଷି ବ୍ୟବସ୍ଥା ଆପଣାଇଛନ୍ତି, ତାହାର ବହୁବିଧ ଲାଭ ରହିଛି ଯାହା ଗ୍ରାମୀଣ ବିକାଶକୁ ତ୍ୱରାନ୍ୱିତ କରୁଛି। ପ୍ରଥମତଃ, ଏହି ସମନ୍ୱିତ ଆଗ୍ରୋ କୃଷି ପଦ୍ଧତି କେବଳ ଗୋଟିଏ ଫସଲ ଉପରେ ନିର୍ଭର ନ କରି ମାଛ ଚାଷ, କୁକୁଡ଼ା ପାଳନ,



ଏବଂ ବିଭିନ୍ନ ପନିପରିବା ଚାଷକୁ ଏକାଠି ଯୋଡ଼ିଥାଏ । ଏହାଦ୍ୱାରା ଚାଷୀମାନଙ୍କ ପାଇଁ ଆର୍ଥିକ ବିପଦ ବହୁତ କମିଯାଏ, କାରଣ ଗୋଟିଏ ଉତ୍ପାଦରୁ କ୍ଷତି ହେଲେ ମଧ ଅନ୍ୟ ଉତ୍ପାଦରୁ ଭରଣା ହୋଇଯାଏ ଏବଂ ବର୍ଷସାରା ନିୟମିତ ଆୟ ଜାରି ରହେ ।

ଦ୍ୱିତୀୟତଃ, ଏହି ଆଧୁନିକ ଆଗ୍ରୋ ଫାର୍ମିଂ ଜୈବିକ ପଦ୍ଧତି ଉପରେ ପର୍ଯ୍ୟବେସିତ ହେଉଥିବାରୁ ଏହା ମାଟିର ଉର୍ବରତା ରକ୍ଷା କରିବା ସହ ପରିବେଶର ସନ୍ତୁଳନ ବଜାୟ ରଖେ । କୃତ୍ରିମ ସାର ବା କୀଟନାଶକର ବ୍ୟବହାର ନ ହେବା ଫଳରେ ଉତ୍ପାଦିତ ଖାଦ୍ୟ ଶରୀର ପାଇଁ ସମ୍ପୂର୍ଣ୍ଣ ନିରାପଦ ଓ ସ୍ୱାସ୍ଥ୍ୟକର ହୋଇଥାଏ, ଯାହାର ଚାହିଦା ଆଜିକାଲି ବଜାରରେ ବହୁତ ଅଧିକ । ତୃତୀୟତଃ, ଏହି ଜ୍ଞାନକୌଶଳଭିତ୍ତିକ ଚାଷ କମ୍ ଜାଗାରେ ଏବଂ ଅଳ୍ପ ପାଣିରେ ମଧ ଅତ୍ୟାଧୁନିକ ପ୍ରଣାଳୀ ଯଥା ହାଇଡ୍ରୋପୋନିକ୍ସ ବ୍ୟବହାର କରି ବିପୁଳ ଉତ୍ପାଦନ ଦେଇଥାଏ । ଏହା ଗ୍ରାମାଞ୍ଚଳରେ ପ୍ରଚୁର କର୍ମସଂସ୍ଥାନ ସୃଷ୍ଟି କରିବାରେ ସାହାଯ୍ୟ କରେ, ଫଳରେ ସ୍ଥାନୀୟ ଶ୍ରମିକ ଏବଂ ମହିଳାମାନଙ୍କୁ ନିଜ ଗାଁରେ ହିଁ ରୋଜଗାର ମିଳିପାରେ । ସର୍ବୋପରି, ଏହି ଆଗ୍ରୋ କୃଷି ବ୍ୟବସ୍ଥା ଗ୍ରାମୀଣ କଞ୍ଚାମାଲକୁ ନେଇ କ୍ଷୁଦ୍ର ଶିଳ୍ପ ଓ ଷ୍ଟାର୍ଟଅପ୍ ଗଠନ କରିବାରେ ସହାୟକ ହୋଇଥାଏ, ଯାହା ଦୀର୍ଘସ୍ଥାୟୀ ଅର୍ଥନୈତିକ ସ୍ଥିରତା ଆଣିଥାଏ । ଏହି ଯୁବପିଢ଼ିକୁ ଆଗକୁ ନେବାରେ ସରକାରୀ ଯୋଜନାଗୁଡ଼ିକ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି । ଓଡ଼ିଶା ସରକାରଙ୍କ 'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା' ମାଧ୍ୟମରେ କୃଷି ଏବଂ ଆନୁଷଙ୍ଗିକ ଉଦ୍ୟୋଗ ପାଇଁ ସାଧାରଣ ବର୍ଗର ଯୁବକଙ୍କୁ ଚାଳିଶ ପ୍ରତିଶତ ଏବଂ ମହିଳା, ଅନୁସୂଚିତ ଜାତି, ଜନଜାତି ଓ କୃଷି ସ୍ନାତକଙ୍କୁ ପଚାଶ ପ୍ରତିଶତ ଅନୁଦାନ (ସର୍ବାଧିକ ଏକ କୋଟି ଟଙ୍କା ପର୍ଯ୍ୟନ୍ତ) ଯୋଗାଇ ଦିଆଯାଉଛି । ଏଥିପାଇଁ ସରକାରଙ୍କ ଗୋ-ସୁଗମ ପୋର୍ଟାଲ ମାଧ୍ୟମରେ ସହଜରେ ଆବେଦନ କରାଯାଇପାରୁଛି । ଏହାଛଡ଼ା 'ଷ୍ଟାର୍ଟଅପ୍ ଓଡ଼ିଶା' ଯୋଜନାରେ ନୂତନ ଆଗ୍ରୋ-ଷ୍ଟାର୍ଟଅପ୍ ପାଇଁ ମାସିକ ଭତ୍ତା ଓ ପ୍ରାରମ୍ଭିକ ପୁଞ୍ଜି ଅନୁଦାନ ମିଳୁଛି । କେନ୍ଦ୍ର ସରକାରଙ୍କ 'ପ୍ରଧାନମନ୍ତ୍ରୀ କ୍ଷୁଦ୍ର ଖାଦ୍ୟ ପ୍ରସଂସ୍କରଣ ଉଦ୍ୟୋଗ ଯୋଜନା' ଦ୍ୱାରା ଖାଦ୍ୟ ପ୍ରସଂସ୍କରଣ ଶିଳ୍ପ ପାଇଁ ପଞ୍ଚତିରିଶ ପ୍ରତିଶତ ରିହାତି ଏବଂ 'କୃଷି ଭିତ୍ତିଭୂମି ପାଣ୍ଠି' ମାଧ୍ୟମରେ ଶୀତଳ ଭଣ୍ଡାର ଓ ଗୋଦାମ ଘର ନିର୍ମାଣ ପାଇଁ କମ୍ ସୁଧରେ ଋଣ ସୁବିଧା ମିଳୁଛି । ଓଡ଼ିଶା କୃଷି ଓ ନିର୍ମାଣ ବିଶ୍ୱବିଦ୍ୟାଳୟ ଏବଂ ବିଭିନ୍ନ ବୈଷୟିକ ଅନୁଷ୍ଠାନ ଏହି ଯୁବକମାନଙ୍କୁ ପ୍ରଶିକ୍ଷଣ ଓ ବୈଷୟିକ ସହାୟତା ଯୋଗାଉଛନ୍ତି।

ଏହି ସମସ୍ତ ସଫଳ କାହାଣୀ ଓ ଆଗ୍ରୋ କୃଷିର ଉପକାରିତା ପ୍ରମାଣ କରୁଛି ଯେ ଆଜିର ଓଡ଼ିଆ ଯୁବପିଢ଼ି କେବଳ ଚାକିରି ପଛରେ ଗୋଡ଼ାଇବା ଅପେକ୍ଷା ନିଜେ ଜଣେ ଜଣେ ନିଯୁକ୍ତିଦାତା ହେବାକୁ ଅଧିକ ପସନ୍ଦ କରୁଛନ୍ତି । ଯୁବପିଢ଼ିଙ୍କର ଏହି ଗାଁ ମୁହାଁ ଅଭିଯାନ ଓଡ଼ିଶାର ଗ୍ରାମୀଣ ବିକାଶ ତଥା ଅର୍ଥନୀତି ପାଇଁ ଏକ ଶୁଭ ସଙ୍କେତ । ସେମାନଙ୍କର ଉଚ୍ଚଶିକ୍ଷା, ବୈଷୟିକ ଜ୍ଞାନ ଏବଂ ଆଧୁନିକ ଚିନ୍ତାଧାରା ଓଡ଼ିଶାର ପାରମ୍ପରିକ କୃଷି କ୍ଷେତ୍ରକୁ ଏକ ଲାଭଜନକ ଶିଳ୍ପର ରୂପ ଦେବାରେ ସଫଳ ହୋଇଛି । ଯଦି ଏହି ଧାରା ଏମିତି ଜାରି ରହେ, ତେବେ ଆଗାମୀ ଦିନରେ ଓଡ଼ିଶାର ଗାଁଗୁଡ଼ିକ ଆତ୍ମନିର୍ଭରଶୀଳ ହେବା ସହ ରାଜ୍ୟରୁ ବେକାରି ସମସ୍ୟା ଦୂର ହୋଇପାରିବ । ଶେଷରେ ଏତିକି କୁହାଯାଇପାରେ ଯେ, ଗାଁକୁ ଫେରିବାର ଏହି ଆହ୍ୱାନ ଆଜିର ଯୁବପିଢ଼ିଙ୍କ ପାଇଁ କେବଳ ଏକ ବିକଳ୍ପ ନୁହେଁ, ବରଂ ନୂତନ ଓ ସମୃଦ୍ଧ ଓଡ଼ିଶା ଗଠନର ଏକ ଦୃଢ଼ ସ୍ତମ୍ଭ ସାଜିଛି ।

ବରଡିହି, ଅସ୍ତରଙ୍ଗ, ପୁରୀ
ମୋ: ୯୭୪୨୯୮୨୭୪୧

ସର୍ଭେ କାର୍ଯ୍ୟର ଅନୁଧ୍ୟାନ କଲେ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ

ମାଲକାନଗିରି,(ନିପ୍ର): ମାଲକାନଗିରି ଜିଲ୍ଲାରେ ଚାଲିଥିବା ଘରକୁ ଘର ବୁଲି ସର୍ଭେ କାର୍ଯ୍ୟକ୍ରମର ଅନୁଧ୍ୟାନ ଓ ସମୀକ୍ଷା କରିଛନ୍ତି ଜିଲ୍ଲା ପାଇଁ ନିଯୁକ୍ତ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ତଥା ଅତିରିକ୍ତ ଶାସନ ସଚିବ ସଂଗ୍ରାମ ଶେଖର ପଣ୍ଡା।

ପର୍ଯ୍ୟବେକ୍ଷକ ଶ୍ରୀ ପଣ୍ଡା ମାଲକାନଗିରି ପୌରପରିଷଦ, ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନଏସି) ସମେତ ମାଲକାନଗିରି, କୋରୁକୋଣ୍ଡା ଓ ଚିତ୍ରକୋଣ୍ଡା ବ୍ଲକର ବିଭିନ୍ନ ଅଞ୍ଚଳ ଗସ୍ତ କରି ସର୍ଭେ କାର୍ଯ୍ୟର କ୍ଷେତ୍ର ସ୍ତରୀୟ ତଦାରଖ କରିଥିଲେ। କ୍ଷେତ୍ର ସ୍ତରରେ ନିୟୋଜିତ କର୍ମଚାରୀଙ୍କ ସହ ଆଲୋଚନା କରି ସର୍ଭେର ଅଗ୍ରଗତି ସମ୍ପର୍କରେ ତଦାରଖ କରିବା ସହ ସଠିକ୍ ତଥ୍ୟ ଆକଳନ ପାଇଁ ଆବଶ୍ୟକ ମାର୍ଗଦର୍ଶନ ପ୍ରଦାନ କରିଥିଲେ।



ସର୍ଭେ କାର୍ଯ୍ୟର ସମୀକ୍ଷା କରି ପର୍ଯ୍ୟବେକ୍ଷକ ଶ୍ରୀ ପଣ୍ଡା କହିଛନ୍ତି, ଘରକୁ ଘର ସର୍ଭେ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ ପ୍ରକ୍ରିୟା। କ୍ଷେତ୍ର ସ୍ତରରେ କାର୍ଯ୍ୟରତ ସମସ୍ତ ଅଧିକାରୀ ଓ କର୍ମଚାରୀ ନିଷ୍ଠାର ସହ ପ୍ରତ୍ୟେକ ପରିବାର ପାଖରେ ପହଞ୍ଚି ନିର୍ଭୁଲ ଏବଂ ସଠିକ୍ ତଥ୍ୟ ସଂଗ୍ରହ କରିବା ସୁନିଶ୍ଚିତ କରନ୍ତୁ, ଯେପରି କୌଣସି ଯୋଗ୍ୟ ନାଗରିକ ଏଥିରୁ ବଞ୍ଚିତ ନ ହୁଅନ୍ତି। ମାଲକାନଗିରି ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ଜିଲ୍ଲା ପଞ୍ଚାୟତ ଅଧିକାରୀ (ଡିପିଓ) ବିମଳ କୁମାର ଲେଙ୍କା, ସମ୍ପୃକ୍ତ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ), ଏନଏସି ଓ ପୌରପରିଷଦର ନିର୍ବାହୀ ଅଧିକାରୀ (ଇଓ), ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ (ଜିପିଡିଓ) ଏବଂ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲଓ) ପ୍ରମୁଖ ଉପସ୍ଥିତ ଥିଲେ।

ବରିଷ୍ଠ ସାମ୍ବାଦିକ ନିରୁଦ୍ଦିଷ୍ଟ

କେଗାଁ ଥାନାରେ ଅଭିଯୋଗ

ଗୋଲାମୁଣ୍ଡା,(ନି.ପ୍ର): କଳାହାଣ୍ଡି ଜିଲ୍ଲା କେଗାଁ ଥାନା ଅନ୍ତର୍ଗତ କେଗାଁ ଗ୍ରାମର ବରିଷ୍ଠ ସାମ୍ବାଦିକ ସୁଶାନ୍ତ କୁମାର ଦଳେଇ (୪୨) ଭୁବନେଶ୍ୱର ପହଞ୍ଚିବା ପରେ ନିଖୋଜ ହୋଇଯାଇଛନ୍ତି। ଏନେଇ ତାଙ୍କ ପତ୍ନୀ ଅନୁପମା ଦଳେଇ କେଗାଁ ଥାନାରେ ଅଭିଯୋଗ କରିଛନ୍ତି। ଘଟଣାକୁ ନେଇ ପରିବାର ଲୋକେ ଚିନ୍ତିତ ଥିବାବେଳେ ତାଙ୍କର ସନ୍ଧାନ ପାଇଁ ନିବେଦନ କରିଛନ୍ତି। ପ୍ରାପ୍ତ ସୂଚନା ଅନୁଯାୟୀ, ଗତ ୨ ନଭେମ୍ବର ୨୦୨୬ ସନ୍ଧ୍ୟା ପ୍ରାୟ ୬ଟା ସମୟରେ ସୁଶାନ୍ତ ନିଜ ଗ୍ରାମ କେଗାଁରୁ ଭୁବନେଶ୍ୱର ଯିବା ପାଇଁ ବାହାରିଥିଲେ। ତେବେ ୩ ନଭେମ୍ବର ରାତି ପ୍ରାୟ ୯ଟା ସମୟରେ ପରିବାର ଲୋକେ ତାଙ୍କ ସହ



ଯୋଗାଯୋଗ କରିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ତାଙ୍କ ମୋବାଇଲ ଫୋନ୍ ସ୍ୱିଚ୍ ଅଫ୍ ଥିବା ଜଣାପଡ଼ିଥିଲା। ଏହାପରେ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ ତାଙ୍କର କୌଣସି ସନ୍ଧାନ ପାଇନଥିଲେ। ଶେଷରେ ସୁଶାନ୍ତଙ୍କ ପତ୍ନୀ ଅନୁପମା ଦଳେଇ କେଗାଁ ଥାନାରେ ନିଖୋଜ ସମ୍ପର୍କରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ କେଗାଁ ଥାନା ପକ୍ଷରୁ ୪ ନଭେମ୍ବର ୨୦୨୬ରେ ନିଖୋଜ ବ୍ୟକ୍ତି ପଞ୍ଜିକରଣ ନମ୍ବର ୬୬/୨୦୨୬ରେ ମାମଲା ପଞ୍ଜିକରଣ କରାଯାଇଛି। ପୋଲିସ ପକ୍ଷରୁ ତାଙ୍କ ସନ୍ଧାନ ପାଇଁ ପଦକ୍ଷେପ ନିଆଯାଉଥିବା ଜଣାପଡ଼ିଛି। ତାଙ୍କ ସମ୍ପର୍କରେ କୌଣସି ସୂଚନା ମିଳିଲେ ନିକଟସ୍ଥ ପୋଲିସ ଥାନା କିମ୍ବା କେଗାଁ ଥାନାକୁ ଜଣାଇବା ପାଇଁ ପରିବାର ପକ୍ଷରୁ ସର୍ବସାଧାରଣଙ୍କୁ ଅନୁରୋଧ କରାଯାଇଛି।

କାର୍ତ୍ତିକରେ ଆକାଶ ଦୀପ ପ୍ରଜ୍ୱଳନ

କାଶୀନଗର,(ନିପ୍ର): କାଶୀନଗର ପରି ଏକ ଐତିହ୍ୟ ସହରରେ ପବିତ୍ର କାର୍ତ୍ତିକ ମାସ ଆରମ୍ଭରୁ ପୁଣ୍ୟ ଅର୍ଜନ ସକାଶେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ସେଥିମଧ୍ୟରୁ ଆକାଶ ଦୀପ ଅନ୍ୟତମ। ଚାଲିଛି ଧର୍ମର ମାସ କାର୍ତ୍ତିକ । କୋଟି ଜନ୍ମର ପୁଣ୍ୟ ଅର୍ଜନ ଲାଗି ଆଧ୍ୟାତ୍ମିକ ପ୍ରେମୀ ମହିଳାମାନେ ନିଷ୍ଠାର ସହ କାର୍ତ୍ତିକ ବ୍ରତ ପାଳନ କରୁଛନ୍ତି। ମାସ ସାରା ମର୍ଯ୍ୟାଦା ସମ୍ପନ୍ନ ପରମ୍ପରାକୁ ବଜାୟ ରଖି କାଶୀନଗର ଠାରେ ଥିବା ବିଭିନ୍ନ ଦେବ ଦେବୀ ଓ ଶୈବ ପୀଠମାନଙ୍କରେ ଆକାଶ ଦୀପ ଜାଳି ପୁଣ୍ୟ ଅର୍ଜନ କରିଥାନ୍ତି। ଏହି ମାସରେ 'ଆକାଶଦୀପ' ପରମ୍ପରା ରହିଛି। ଗ୍ରାମାଞ୍ଚଳ ଓ ସହରାଞ୍ଚଳର ତୁଳସୀ ମଣ୍ଡପ ହେଉ କିମ୍ବା କୌଣସି ଦେବାଳୟ ଠାରେ ପୋତାଯାଇଥାଏ ଏକ ଲମ୍ବା ବାଉଁଶ । ସେଥିରେ ଦଉଡ଼ି ସଂଲଗ୍ନ ହୋଇ ଶିକାରେ ଏକ ମାଟି ହାଣ୍ଡି ଭିତରେ ପ୍ରଦୀପ ପ୍ରଜ୍ୱଳନ କରି ଆକାଶ ଦୀପ ଲଗାଯାଇଥାଏ ।ସନ୍ଧ୍ୟା ପୂର୍ବରୁ କାର୍ତ୍ତିକ ମାସଟି ସାରା ଏହି ଦୀପଦାନ କରାଯାଇ ଥାଏ । ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ଉକ୍ତ ଆକାଶଦୀପରେ ନିଆଁ ମିଞ୍ଜି ମିଞ୍ଜି ହୋଇ ଜଳୁଥାଏ ।

ରାତିରେ ରେଙ୍ଗାଲି ସେତୁରେ ଅନ୍ଧାର ରାଜୁତି

- ୮୨.୯୬ ଲକ୍ଷ ବ୍ୟୟ ସତ୍ତ୍ୱେ ଆଲୋକୀକରଣ ବିପର୍ଯ୍ୟସ୍ତ
- ୧୧୫ ଲାଇଟ୍‌ରୁ ଅଧାରୁ ଅଧିକ ଅଚଳ, ଯାତାୟାତ ଓ ସୁରକ୍ଷାକୁ ନେଇ ଚିନ୍ତା

ଝାରସୁଗୁଡ଼ା,(ନିପ୍ର): ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ସେତୁର ସୌନ୍ଦର୍ଯ୍ୟ ବୃଦ୍ଧି ସହ ରାତ୍ରିକାଳୀନ ଯାତାୟାତକୁ ସୁରକ୍ଷିତ କରିବା ପାଇଁ ହୋଇଥିବା ଆଲୋକୀକରଣ ବ୍ୟବସ୍ଥା ଏବେ ଅଚଳ ହୋଇପଡ଼ିଛି। ରେଙ୍ଗାଲି ସେତୁରେ ଲାଗିଥିବା ୧୧୫ଟି ଲାଇଟ୍ ମଧ୍ୟରୁ ଅଧାରୁ ଅଧିକ ଜଳୁ ନ ଥିବାରୁ ରାତିରେ ସେତୁ ଉପରେ ଅନ୍ଧାରର ରାଜୁତି ଚାଲିଛି। ୮୨.୯୬ ଲକ୍ଷ ଟଙ୍କା ବ୍ୟୟ ସତ୍ତ୍ୱେ ଆଲୋକୀକରଣ ବ୍ୟବସ୍ଥାର ଏଭଳି ଦୁରବସ୍ଥାକୁ ନେଇ ରକ୍ଷଣାବେକ୍ଷଣ ଓ ଯାତ୍ରୀଙ୍କ ସୁରକ୍ଷା ଉପରେ ପ୍ରଶ୍ନ ଉଠିଛି। ହଜାର ହଜାର ଲୋକଙ୍କ ଯାତାୟାତର ଜୀବନରେଖା ପାଲଟିଥିବା ଏହି ସେତୁ କେବଳ ଯୋଗାଯୋଗର ମାଧ୍ୟମ ନୁହେଁ, ଏହାର ମନୋରମ ସୌନ୍ଦର୍ଯ୍ୟ ମଧ୍ୟ ପଥଚାରୀଙ୍କୁ ଆକର୍ଷିତ କରିଥାଏ। ସେତୁ ଉପରେ ଯାତାୟାତ ସମୟରେ ଆଲୋକିତ ପରିବେଶ ଓ ଆକର୍ଷଣୀୟ ଦୃଶ୍ୟ ଦେଖି ଅନେକ ଲୋକ କିଛି ସମୟ ପାଇଁ ଅଟକି ଯାଇଥାନ୍ତି। ମାତ୍ର ରକ୍ଷଣାବେକ୍ଷଣ ଅଭାବରୁ ଏବେ ସେତୁର ଅଧାରୁ ଅଧିକ ଲାଇଟ୍ ଅଚଳ ହୋଇପଡ଼ିଥିବା ଅଭିଯୋଗ ହୋଇଛି। ଲାଇଟ୍ ମରାମତି ଦିଗରେ କୌଣସି ଠୋସ୍ ପଦକ୍ଷେପ ନିଆଯାଉ ନ ଥିବାରୁ ରାତିରେ ସେତୁର ଅନେକ ଅଂଶ ଅନ୍ଧାର ରହୁଛି। ଫଳରେ ଯାତାୟାତ ସମୟରେ ଦୁର୍ଘଟଣାର ଆଶଙ୍କା ବଢ଼ିବା ସହ ଯାତ୍ରୀଙ୍କ ସୁରକ୍ଷା ନେଇ ଚିନ୍ତା ପ୍ରକାଶ ପାଇଛି।

ଅତୀତରେ ସେତୁ ଅଞ୍ଚଳ ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଥିବା ଅଭିଯୋଗ ରହିଥିଲା। ଅପରାଧ ଓ



ଅସାମାଜିକ କାର୍ଯ୍ୟକଳାପ ରୋକିବା ପାଇଁ ଅଞ୍ଚଳବାସୀଙ୍କ ଦାବି ପରେ ସେତୁ ନିକଟରେ ପୁଲିସ ବିଟ୍ ହାଉସ୍ ସ୍ଥାପନ କରାଯାଇଥିଲା। ଏଭଳି ସ୍ଥିତିରେ ସେତୁର ଆଲୋକୀକରଣ ବ୍ୟବସ୍ଥା ଅଚଳ ହେବା ସୁରକ୍ଷା ଚିନ୍ତାକୁ ଆହୁରି ବଢ଼ାଇଛି।

ସୂଚନା ଅନୁଯାୟୀ, ୨୦୨୧ ଜାନୁଆରୀ ୧୮ ତାରିଖରେ ଜିଲ୍ଲା ଖଣିଜ ପାଣ୍ଠି (ଡିଏମ୍ଏଫ୍) ଅନୁଦାନରେ ସେତୁର ଆଲୋକୀକରଣ କାର୍ଯ୍ୟ ପାଇଁ ଶିଳାନ୍ୟାସ ହୋଇଥିଲା। ଏଥିପାଇଁ ଡିଏମ୍ଏଫ୍ ପାଣ୍ଠିରୁ ୮୨.୯୬ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା।

ସେତୁର ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱ ପର୍ଯ୍ୟନ୍ତ ମୋଟ ୧୧୫ଟି ଲାଇଟ୍ ଲଗାଇବା ପାଇଁ ଟେଣ୍ଡର ହୋଇଥିବା ବେଳେ ଏହି କାର୍ଯ୍ୟ ଏକ ସଂସ୍ଥାକୁ ମିଳିଥିଲା। କାର୍ଯ୍ୟ ଶେଷ ହେବା ପରେ ସେତୁ ଆଲୋକିତ ହୋଇଥିଲା ଏବଂ ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି ପୂରଣ ହୋଇଥିଲା। ପରବର୍ତ୍ତୀ ସମୟରେ ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ସେତୁର ସମସ୍ତ ଲାଇଟ୍ ମରାମତି କରାଯିବା ସହ ତ୍ରିରଙ୍ଗା ରଙ୍ଗର ଆଲୋକମାଳା ସେତୁର ସୌନ୍ଦର୍ଯ୍ୟକୁ ଆହୁରି ବଢ଼ାଇଥିଲା। ମାତ୍ର କିଛି ମାସ ଠିକ୍ ଭାବେ ଜଳିବା ପରେ ପୁଣି ଲାଇଟ୍‌ଗୁଡ଼ିକ ଅଚଳ ହୋଇପଡ଼ିଛି। ଏବେ ଅଧାରୁ ଅଧିକ ଲାଇଟ୍ ଜଳୁ ନଥିବାରୁ ସେତୁର ଅନେକ ଅଂଶ ରାତିରେ ଅନ୍ଧାର ରହୁଛି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ତେଣୁ ଜିଲ୍ଲା ପ୍ରଶାସନ ଏହି ସମସ୍ୟାକୁ ଗୁରୁତର ସହ ନେଇ ଆଲୋକୀକରଣ ବ୍ୟବସ୍ଥାର ରକ୍ଷଣାବେକ୍ଷଣ ଦାୟିତ୍ୱ କାହାର, ତାହା ସ୍ପଷ୍ଟ କରିବା ସହ ଅଚଳ ଲାଇଟ୍‌ଗୁଡ଼ିକର ତୁରନ୍ତ ମରାମତି ପାଇଁ ପଦକ୍ଷେପ ନେଉ ବୋଲି ଦାବି ହେଉଛି। ନଚେତ୍ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ଆଲୋକୀକରଣ ବ୍ୟବସ୍ଥା ଧୀରେ ଧୀରେ ଅକାମୀ ହୋଇଯିବାର ଆଶଙ୍କା ରହିଛି।

'ଆଠଗଡ଼ ବିକାଶରେ ମୋ ସହଯୋଗ' ଶୀର୍ଷକ ଆଲୋଚନାଚକ୍ର

ଆଠଗଡ଼,(ନିପ୍ର): ଆଠଗଡ଼ର ଅଗ୍ରଣୀ ସାମ୍ବାଦିକ ସଙ୍ଘ ଆଠଗଡ଼ ମିଡିଆ ହାଉସ ପକ୍ଷରୁ ଆଠଗଡ଼ ବିକାଶରେ ମୋ' ସହଯୋଗ ଶୀର୍ଷକ ଏକ ଆଲୋଚନା ଚକ୍ର ଆଠଗଡ଼ ସ୍ଥିତ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ଅନୁଷ୍ଠିତ ହୋଇଯାଇଛି । ମିଡିଆ ହାଉସର ସଭାପତି ସଚ୍ଚିଦାନନ୍ଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାହିତ୍ୟିକ, ସମାଜସେବୀ ପ୍ରଫେସର ଡ. ନାରାୟଣ ପଣ୍ଡା ଯୋଗଦେଇ ତାଙ୍କର ଓଜସ୍ୱିନୀ ଭାଷଣ ମାଧ୍ୟମରେ ଆଠଗଡ ମିଡିଆ ହାଉସର ଏଭଳି କାର୍ଯ୍ୟକ୍ରମର ପ୍ରଶଂଶା କରିବା ସହ ସାମ୍ବାଦିକମାନେ ସତ୍ୟ ତଥା ନିରପେକ୍ଷ ସମ୍ବାଦ ପରିବେଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସମସ୍ତଙ୍କର ସହଯୋଗ ରହିଲେ ଆଠଗଡ଼ ବିକାଶ ପାଇଁ ଯାହା ପ୍ରସ୍ତାବ ଆସିବ ସେ ଉଚ୍ଚପଦସ୍ଥ ଅଧିକାରୀ ତଥା ସରକାରଙ୍କ ପାଖରେ ପ୍ରସ୍ତାବ ଆଗତ କରିବେ ବୋଲି ଆଠଗଡ଼ ଉପଖଣ୍ଡ ସୂଚନା ଅଧିକାରିଣୀ ଶାଶ୍ୱତି ପାଢ଼ୀ କହିଥିଲେ । ଆଠଗଡ଼, ତିଗିରିଆ, ବଡ଼ମ୍ବା, ନରସିଂପୁର (ଏଟିବିଏନ) ଓକିଲ ସଂଘର ସଭାପତି ତଥା ଲକ୍ଷ୍ମୀ ବଜାର କମିଟି ସଭାପତି ଆଡଭୋକେଟ ଫଣୀ ଭୂଷଣ ରଥ ପ୍ରମୁଖ ଯୋଗଦେଇ ଆଠଗଡ଼ ବିକାଶରେ ମୋର



ସହଯୋଗ ଶୀର୍ଷକ ଆଲୋଚନା ଉପରେ ତାଙ୍କର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ । ପ୍ରଥମ କରି ଆଠଗଡ଼ ମିଡିଆ ହାଉସର ଏଭଳି ଏକ ସୁଚିନ୍ତିତ ତଥା ସମୟୋପଯୋଗୀ ପ୍ରସ୍ତାବ ଓ କାର୍ଯ୍ୟକ୍ରମ ଆମ୍ଭମାନଙ୍କୁ ବିଶେଷ ଭାବେ ପ୍ରେରଣା ଦେବା ସହିତ ଆଠଗଡର ବିକାଶରେ ବିଭିନ୍ନ ଅଭିଯୋଗ ଓ ଅସୁବିଧା ସମ୍ପର୍କରେ ଦଳମତ ଊର୍ଦ୍ଧ୍ୱରେ ରହି ସିଧାସଳଖ ମିଡିଆ ହାଉସ ସହିତ ସହଯୋଗ କରିବ ବୋଲି ରଘୁନାଥ ବଜାର କମିଟିର ସଭାପତି ରୁଦ୍ର ଚରଣ ମହାନ୍ତି, ଦୁର୍ଗାବଜାର କମିଟି ସଭାପତି ସନ୍ତୋଷ କୁମାର ସେନାପତି ପ୍ରମୁଖ ନିଜ ବ୍ୟକ୍ତବ୍ୟରେ କହିଥିଲେ ।

କାର୍ଯ୍ୟକ୍ରମ ଆରମ୍ଭରେ ମିଡିଆ ହାଉସର କାର୍ଯ୍ୟକାରୀ ସଭାପତି ବିଷ୍ଣୁ ପ୍ରସାଦ ଦାସ ଅତିଥି ପରିଚୟ ପ୍ରଦାନ ଓ କାର୍ଯ୍ୟକ୍ରମର ଉଦେଶ୍ୟ ସମ୍ପର୍କରେ କହିଥିଲେ । ଅନ୍ୟ ସାମ୍ବାଦିକମାନଙ୍କ ମଧ୍ୟରେ ଅଜୟ କୁମାର ପଣ୍ଡା ଓ ଗୌର ଚନ୍ଦ୍ର ସାହୁ ଆଠଗଡ଼ ମିଡିଆ ହାଉସର ଆଭିମୁଖ୍ୟ ଉପରେ ନିଜ ନିଜର ମତାମତ ଉପସ୍ଥାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଚାନ୍ଦବାଲି ଛକ ବଜାର ସଭାପତି ହେମନ୍ତ କୁମାର ସାହୁ, ସହସମ୍ପାଦକ ଅମିତ କୁମାର ପଟ୍ଟନାୟକ, ଦୁର୍ଗାବଜାର କମିଟି ସମ୍ପାଦକ ପ୍ରଶାନ୍ତ କୁମାର ସାହୁ, ବିରକିଶୋରପୁର ବଜାର କମିଟି ସଭାପତି ପବିତ୍ର କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

କେସିଙ୍ଗା ବ୍ଲକସ୍ତରୀୟ 'ସୁରଭି' : ପ୍ରତିଭାର ବିକାଶ ଉପରେ ଗୁରୁତ୍ୱ

କେସିଙ୍ଗା,(ନିପ୍ର): କେସିଙ୍ଗା ବ୍ଲକ ଶିକ୍ଷା ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେଏ ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି।

ଏହି ଉପଲକ୍ଷେ ଆୟୋଜିତ ଉଦଘାଟନୀ ସଭାରେ କେସିଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଚାରୀ ଶବର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ କେସିଙ୍ଗା ପଞ୍ଚାୟତ ସମିତି ଅଧ୍ୟକ୍ଷ ଚନ୍ଦନ କୁମାର ସେନାପତି ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ଅତିଥି ଭାବେ କଳାହାଣ୍ଡି ସାଂସଦଙ୍କ କେସିଙ୍ଗା ପ୍ରତିନିଧି ଖଗେନ୍ଦ୍ର ଭୋଇ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସମ୍ପତି ଚୁରା, ସୋମନାଥ ମଙ୍ଗରାଜ, ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟ ବରିଷ୍ଠ ପ୍ରଧାନ ଶିକ୍ଷକ ହେମାନନ୍ଦ ବରିହା, ପ୍ରାଥମିକ ଶିକ୍ଷକ ସଂଘର ସଭାପତି ସୁରେନ୍ଦ୍ର କୁମାର ଦୋରା, ବରିଷ୍ଠ ଶିକ୍ଷକ ପ୍ରମୋଦ କୁମାର ସେନାପତି, ପ୍ରଧାନ ଶିକ୍ଷକ ହେମନ୍ତ ବାଗ ଏବଂ ନୋଡାଲ ସି ଆର୍ ସି ସି ରୋହିତ କୁମାର ସାହୁ ମଞ୍ଚାସୀନ ଥିଲେ। ଅତିଥିମାନେ ନିଜ ବକ୍ତବ୍ୟରେ ଶିଶୁମାନଙ୍କ ଅନ୍ତର୍ନିହିତ ଗୁଣର ବିକାଶ ତଥା ସୁରଭି କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ବ୍ଲକ ସ୍ତରୀୟ ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ୩୯୦ ରୁ ଅଧିକ ଛାତ୍ରଛାତ୍ରୀ



ଅଂଶଗ୍ରହଣ କରି ନିଜର କୃତିତ୍ୱ ପ୍ରଦର୍ଶନ କରିଥିଲେ। ବିଶେଷ କରି ସାଂସ୍କୃତିକ କାର୍ଯ୍ୟକ୍ରମରେ ୧୩ଟି ସାଂସ୍କୃତିକ ଦଳ ଦ୍ୱାରା ଚିତ୍ତାକର୍ଷକ ପାରମ୍ପରିକ ଓ ସାଂସ୍କୃତିକ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ସାଂସ୍କୃତିକ ପ୍ରତିଯୋଗିତାରେ ବିଚାରକ ଭାବେ ଗୋବିନ୍ଦ ବ୍ରହ୍ମା, ନଳିନୀକାନ୍ତ ଦାଶ ଏବଂ ଗୋବିନ୍ଦ ବାଗ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ଚୟନ କରିଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ସଫଳ କରିବାରେ ମଞ୍ଚ ପରିଚାଳନା ଦାୟିତ୍ୱରେ ଥିବା ତପନ କୁମାର ଦାଶ, ଜି. କୃଷ୍ଣା ରେଡ୍ଡୀ,ହେମନ୍ତ କୁମାର ମାଝୀ, ୧୩ ଟି କ୍ଲଷ୍ଟରର ସି ଆର ସି ସି ତଥା ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ପ୍ରାୟ ଛାତ୍ର ଛାତ୍ରୀ ଓ ୫୦ ରୁ ଊର୍ଦ୍ଧ୍ୱ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସଫଳ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲା ସ୍ତରକୁ ମନୋନୀତ ହୋଇଥିବା ଛାତ୍ର ଛାତ୍ରୀ ତଥା ପ୍ରଥମ ହୋଇଥିବା ସାଂସ୍କୃତିକ ଦଳ ପଷ୍ଟିକୁଡ଼ି କ୍ଲଷ୍ଟରଙ୍କୁ ଆଗାମୀ ୬ ନଭେମ୍ବର ୨୦୨୬ ତାରିଖ ଦିନ ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ରେ ସଫଳତା ଆଣିବା ପାଇଁ ସମସ୍ତେ ଶୁଭେଚ୍ଛା ଜଣାଇଥିଲେ ।

ବୁହାହେଲେ ଗର୍ଭବତୀ, ପହଞ୍ଚିପାରିଲାନି ଆମ୍ବୁଲାନ୍ସ

ରାୟଗଡ଼ା,(ନିପ୍ର): ଗାଁକୁ ପକ୍କା ରାସ୍ତା ନ ଥିବାରୁ ପହଞ୍ଚିପାରିଲାନି ୧୦୮ ଆମ୍ବୁଲାନ୍ସ। ଶେଷରେ ୫ କିମିରୁ ଊର୍ଦ୍ଧ୍ୱ କାଦୁଅ ଓ ପଥୁରିଆ ରାସ୍ତାରେ ଭାରରେ ବୁହା ହୋଇ ଆମ୍ବୁଲାନ୍ସ ନିକଟରେ ପହଞ୍ଚିଲେ ଜଣେ ଗର୍ଭବତୀ। ରାୟଗଡ଼ା ଜିଲ୍ଲା ପଦ୍ମପୁର ବ୍ଲକ୍‌ର ସାଟା ଗ୍ରାମରୁ ଆସିଥିବା ଏହି ଘଟଣା ଗ୍ରାମାଞ୍ଚଳର ରାସ୍ତାଘାଟ ବିକାଶକୁ ନେଇ ପୁଣି ପ୍ରଶ୍ନ ଉଠାଇଛି। ସୂଚନା ଅନୁଯାୟୀ, ସାଟା ଗ୍ରାମର ଏସୋ ମାଝୀଙ୍କ ପତ୍ନୀ ରିବିକା ମାଝୀଙ୍କର ମଙ୍ଗଳବାର ପ୍ରସବ ଯନ୍ତ୍ରଣା ଆରମ୍ଭ ହେବାରୁ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ ଓ ମାତ୍ର ପକ୍କା ରାସ୍ତା ନଥିବା ଆମ୍ବୁଲାନ୍ସ ଗାଁରେ ପହଞ୍ଚି ପାରିନଥିଲା । ଫଳରେ ଆମ୍ବୁଲାନ୍ସ କର୍ମଚାରୀ, ଆଶାକର୍ମୀ ଗ୍ରାମବାସୀଙ୍କ ସହାୟତାରେ ତାଙ୍କୁ ସାଟାରୁ ପାଜିଲିବନ୍ଧ ପର୍ଯ୍ୟନ୍ତ ୫ କିମିରୁ ଅଧିକ ବାଟ ଭାରରେ ବୋହି ନିଆଯାଇଥିଲା ଓ ପରେ ତାଙ୍କୁ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ଗ୍ରାମବାସୀ ଅଭିଯୋଗ ଅନୁଯାୟୀ, ଗାଁକୁ ପକ୍କା ରାସ୍ତା ନଥିବାରୁ ବର୍ଷାଦିନେ ଯାତାୟାତ ଦୁର୍ବିଷହ ହୋଇପଡୁଛି । ବିଶେଷକରି ଗର୍ଭବତୀ ଓ ରୋଗୀଙ୍କୁ ଡାକ୍ତରଖାନା ନେବାରେ ନାନା ସମସ୍ୟା ହେଉଛି। ତେଣୁ ତୁରନ୍ତ ରାସ୍ତା ନିର୍ମାଣ ପାଇଁ ସେମାନେ ସରକାରଙ୍କୁ ନିବେଦନ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଗତ ମେ ୧ ତାରିଖରେ ରାୟଗଡ଼ା ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ଗ୍ରାମାଞ୍ଚଳ ଭିତ୍ତିଭୂମି ବିକାଶ ପାଇଁ ୭୦୦ କୋଟି ଟଙ୍କାର ଅନୁଦାନ ଘୋଷଣା କରିଥିବା ଖବର ରହିଛି। ଜିଲ୍ଲାରେ ଏଭଳି ଘଟଣାର ପୁନରାବୃତ୍ତି ହେଉଥିବାରୁ ଅନୁଦାନର ବିନିଯୋଗ ଓ ଗ୍ରାମାଞ୍ଚଳ ରାସ୍ତାର ବାସ୍ତବ ସ୍ଥିତିକୁ ନେଇ ପ୍ରଶ୍ନ ଉଠୁଛି। ଗତ ୧୫ ଦିନ ମଧ୍ୟରେ ଜିଲ୍ଲାରେ ଏଭଳି ୫ଟି ଘଟଣା ସାମ୍ନାକୁ ଆସିଥିବା ଜଣାପଡ଼ିଛି। ଏହି ସମୟରେ ଆମ୍ବୁଲାନ୍ସ ଟେକ୍ନିସିଆନ୍ ଯଶବନ୍ତ ନାୟକ, ପାଇଲଟ୍ ବିନୋଦ କୁମାର ସାହୁକାର, ଆଟେଣ୍ଡାଣ୍ଟ ପ୍ରମୋଦ ଜେନା ଓ ଆଶାକର୍ମୀ ସୁମତି ମାଝୀଙ୍କ ସମେତ ଗ୍ରାମବାସୀ ସହଯୋଗ କରି କରିଥିଲେ।

ତରଭାରେ ଜିଲ୍ଲାସ୍ତରୀୟ ଭଲିବଲ ଓ ତୀରନ୍ଦାଜ ପ୍ରତିଯୋଗିତା

ତରଭା,(ନିପ୍ର): ବୁଧବାର ତରଭାରେ ଜିଲ୍ଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ବାଳିକା ଉଚ୍ଚ ବିଦ୍ୟାଳୟ ଦ୍ୱାରା ଜିଲ୍ଲା ସ୍ତରୀୟ ଭଲିବଲ ଓ ତୀରନ୍ଦାଜ ପ୍ରତିଯୋଗିତା ପି.ଏମ.ଶ୍ରୀ ବାଳକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୋନପୁର ଜିଲ୍ଲାର ବିଭିନ୍ନ ବ୍ଲକ ର ୧୭ ବର୍ଷରୁ କମ୍ ବାଳକ ଓ ବାଳିକା ମାନେ ଭାଗ ନେଇଥିଲେ। ଉଦ୍ଘାଟନୀ ଉତ୍ସବରେ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆଶିଷ ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ



ଅତିଥି ଭାବରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବାନନ୍ଦ କର୍ମୀ, ସମ୍ମାନିତ ଅତିଥି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଧେଶ୍ୟାମ କୁଅଁର , ପି. ଏମ. ଶ୍ରୀ ବାଳକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରଜ ସେଠି, କଲେଜ ଖେଳ ଶିକ୍ଷକ ସଂଜୀବ ସାହୁ, ପ୍ରମୁଖ ମଞ୍ଚାସୀନ ଥିଲେ। ଖେଳ ଦ୍ୱାରା ଶରୀର ସୁସ୍ଥ, ଶୃଙ୍ଖଳିତ ନିଷ୍ଠା, ଓ ଧୈର୍ଯ୍ୟ ରହିବା ସହିତ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ ବୋଲି ମଞ୍ଚାସୀନ ଅତିଥିବୃନ୍ଦ ମତ ପ୍ରକାଶ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ ଉଦଯାପନୀ ଉତ୍ସବ ରେ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ,ବାଲାଜୀ ବିଶ୍ୱନାଥ,ଜିଲ୍ଲା ବିଜ୍ଞାନ ସୁପରଭାଇଜର ଅମ୍ଳାନ ପାଣ୍ଡିଆ, ବାଳକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରଜ ସେଠି ବ୍ଲକ କ୍ରୀଡା ସମ୍ପାଦକ ଜୟନାରାୟଣ ବାରିକ ପ୍ରମୁଖ ମଞ୍ଚାସୀନ ଥିଲେ। ଭଲିବଲ ପ୍ରତିଯୋଗିତାରେ ଡୁଙ୍ଗୁରିପାଲି ବ୍ଲକ ଚାମ୍ପିୟାନ ହୋଇଥିବା ବେଳେ ସୋନପୁର ବ୍ଲକ ରନର୍ସ ହୋଇଥିଲା । ତିରନ୍ଦାଜ୍ ପ୍ରତିଯୋଗିତାରେ ସୋନପୁର ଗାୟତ୍ରୀ ଆବାସିକ ବିଦ୍ୟାଳୟର ଛାତ୍ରୀମାନେ ଚାମ୍ପିୟନ ହୋଇଥିଲେ। ଅତିଥିମାନଙ୍କ ଦ୍ୱାରା କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଖେଳ ଶିକ୍ଷକ ଜ୍ୟୋତିକାନ୍ତ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। କ୍ରୀଡ଼ାକୁ ଜିଲ୍ଲାର ବିଭିନ୍ନ ବ୍ଲକର ଖେଳ ଶିକ୍ଷକମାନେ ଯୋଗ ଦେଇ ସହଯୋଗ କରିଥିଲେ।

ରେଢ଼ାଖୋଲ ଗଜଲକ୍ଷ୍ମୀ ପୂଜା ଭସାଣିରେ ବିଭ୍ରାଟ

ରେଢ଼ାଖୋଲ,(ନିପ୍ର): ଧୁମ୍‌ଧାମରେ ସରିଲା ରେଢ଼ାଖୋଲ ସହରର ମା' ଗଜ ଲକ୍ଷ୍ମୀଙ୍କ ପୂଜା, କିନ୍ତୁ ଭସାଣୀ ଉତ୍ସବରେ ଦେଖାଦେଇଛି ଅସନ୍ତୋଷ, ଟ୍ରାଫିକ୍ ଜାମ୍ ଏବଂ ଗୋଷ୍ଠୀଗତ ବିବାଦର ଏକ ଅସ୍ଥିର ପରିବେଶ । ପୂଜା ପୂର୍ବରୁ ଥାନା ପରିସରରେ ଶାନ୍ତି କମିଟିର ବୈଠକ ବସି ପ୍ରଶାସନ ପକ୍ଷରୁ ଯେତେ ବଡ଼ବଡ଼ କଥା କୁହାଯାଇଥିଲେ ହେଁ, ବାସ୍ତବରେ ମ୍ୟାନେଜମେଣ୍ଟର ବିଫଳତା ଯୋଗୁଁ ପୁଣିଥରେ ପଦାକୁ ଆସିଛି ପ୍ରଶାସନିକ ଅଚଳାବସ୍ଥା ।



ଏବେ ସବୁଠୁ ବଡ଼ ପ୍ରଶ୍ନ ପୋଲିସ ଓ ପ୍ରଶାସନର କଡ଼ା ନିୟମ ଏବଂ ଅନୁମତି ସତ୍ତ୍ୱେ ଏଭଳି ପରିସ୍ଥିତି ସୃଷ୍ଟି ହେଲା କେମିତି ? ପ୍ରଶାସନ ଗୋଟିଏ ଦିନରେ ଏକାଥରକେ ୬ଟି ପୂଜା ମଣ୍ଡପକୁ ଭସାଣୀ ପାଇଁ ଅନୁମତି ଦେବା ନିଷ୍ପତ୍ତି ସବୁଠୁ ବଡ଼ ଭୁଲ୍ ବୋଲି ପ୍ରମାଣିତ ହୋଇଛି। ଫଳରେ ସମ୍ବଲପୁର-କଟକ ୫୫ ନମ୍ବର ଜାତୀୟ ରାଜପଥର ରେଢ଼ାଖୋଲ ଭୀମଭୋଇ ମୁଖ୍ୟ ଛକରେ ଏକାଠି ହୋଇଥିଲା ୫ଟି ମେଢ଼। ଫଳରେ ରାଜରାସ୍ତା ଉପରେ ଏକାଧିକ ମେଢ଼ ମୁହାଁମୁହିଁ ହେବାରୁ ଉଭୟ ପାର୍ଶ୍ୱରେ ପ୍ରାୟ ୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଶହ ଶହ ଯାନବାହନ ଫସି ରହିଥିଲା। ଏପରିକି ଜରୁରୀକାଳୀନ ସେବା ଯୋଗାଉଥିବା ଆମ୍ବୁଲାନ୍ସ ମଧ୍ୟ ଏହି ଜାମ୍ ଭିତରେ ଛଟପଟ ହୋଇଥିବା ଦେଖିବାକୁ ମିଳିଥିଲା । ଡିଜେ ସାଉଣ୍ଡ, ଦୁଲଦୁଲି ବାଜା ଓ ବାଣର ଧୂଆଁରେ ଅତିଷ୍ଠ ହୋଇପଡ଼ିଥିଲେ ସାଧାରଣ ଯାତ୍ରୀ ଓ ସ୍ଥାନୀୟ ବାସିନ୍ଦା । ଗୋଟିଏ ସ୍ଥାନରେ ୫ଟି ମେଢ଼ ଏକାଠି ହେବା କାରଣରୁ ପୂଜା କମିଟିଗୁଡ଼ିକ ମଧ୍ୟରେ ବାଦବିବାଦ ଆରମ୍ଭ ହୋଇଯାଇଥିଲା। ଗୋଟିଏ ଗୋଷ୍ଠୀ ନିଜର ନିର୍ଦ୍ଦିଷ୍ଟ ଅନୁମୋଦିତ ରୁଟ୍ ଦେଇ ମେଢ଼ ନେବାକୁ ଜିଦ୍ ଧରିଥିବାବେଳେ, ଅନ୍ୟ ଏକ ଗୋଷ୍ଠୀ ସେହି ରାସ୍ତାରେ ଯିବାକୁ କଡ଼ା ବିରୋଧ କରିଥିଲା। ଏହି ଗୋଷ୍ଠୀଗତ ଅସନ୍ତୋଷ ଓ ତର୍କବିତର୍କକୁ ନିୟନ୍ତ୍ରଣ କରିବାରେ ପୋଲିସ ପ୍ରଶାସନ ସମ୍ପୂର୍ଣ୍ଣ ନିରୁପାୟ ଦେଖାଯାଇଥିଲା। ବିପୁଳ ଜନସମାଗମ ତୁଳନାରେ ପୋଲିସ ଫୋର୍ସ ଅମ୍ଳାନ ଥିବାରୁ ଭିଡ଼ ହଟାଇବା, ଟ୍ରାଫିକ୍ କ୍ଲିୟର କରିବା କିମ୍ବା ବିବାଦର ସମାଧାନ କରିବାରେ ପୋଲିସ ଏବଂ ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ ହୋଇଥିଲା। ଏହି ଭସାଣି ବିବାଦକୁ ନେଇ ଗୁରୁବାର ରେଢ଼ାଖୋଲ ଅଞ୍ଚଳର ବ୍ୟାଙ୍କ ଛକ ଠାରେ ଉତ୍ତେଜନା ଦେଖାଦେଇଥିବା ବେଳେ ସୁରକ୍ଷା ଦୃଷ୍ଟିରୁ ପୋଲିସ ପକ୍ଷରୁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି।

ଆଗକୁ ଆସୁଛି ଦୀପାବଳି : ମାଟି ଦୀପ ତିଆରିରେ ବ୍ୟସ୍ତ କାରିଗର

ସୋନପୁର,(ନିପ୍ର): ଆଲୋକର ପର୍ବ ଦୀପାବଳି ପାଖେଇ ଆସୁଥିବା ବେଳେ ସୋନପୁର ଅଞ୍ଚଳର ବହୁ କୁମ୍ଭକାର ପରିବାର ଏବେ ମାଟି ଦୀପ ତିଆରିରେ ବ୍ୟସ୍ତ ଅଛନ୍ତି। ବର୍ଷ ତମାମ ବେକାର ହୋଇ ବସୁଥିବା ଏହି କାରିଗରମାନଙ୍କ ପାଇଁ ଦୀପାବଳି ହିଁ କିଛି ରୋଜଗାରର ଆଶା ନେଇ ଆସିଥାଏ। ତେଣୁ ପରିବାରର ସମସ୍ତ ସଦସ୍ୟ ଏବେ ଦିନରାତି ଏକ କରି ଦୀପ ଓ ଅନ୍ୟାନ୍ୟ ମାଟି ସାମଗ୍ରୀ ପ୍ରସ୍ତୁତ କରୁଥିବା ଦେଖିବାକୁ ମିଳୁଛି।

କିନ୍ତୁ ଦୁଃଖର ବିଷୟ, ଆଧୁନିକତାର ପ୍ରଭାବ ଯୋଗୁଁ କୁମ୍ଭକାରମାନଙ୍କର ଏହି କୌଳିକ ବୃତ୍ତି ଦିନକୁ ଦିନ ହ୍ରାସ ପାଇବାକୁ ଲାଗିଛି। ଗୋଟିଏ ସମୟ ଥିଲା ଯେତେବେଳେ ପ୍ରତି ଘରେ ରୋଷେଇ ଠାରୁ ଆରମ୍ଭ



କରି ପୂଜାପାର୍ବଣ ପର୍ଯ୍ୟନ୍ତ ମାଟି ପାତ୍ରର ବ୍ୟବହାର ଅଧିକ ଥିଲା। ଲୋକେ ମାଟି ହାଣ୍ଡି, ମାଟିଆ, ସୁରେଇ ଆଦି ଦୈନନ୍ଦିନ ଜୀବନରେ ବ୍ୟବହାର କରୁଥିଲେ ଏବଂ ଏହାଦ୍ୱାରା କୁମ୍ଭକାର ପରିବାର ବେଶ୍ ଦୁଇ ପଇସା ରୋଜଗାର କରି ଗୁଜୁରାଣ ମେଣ୍ଟାଉଥିଲେ।

ମାତ୍ର ବର୍ତ୍ତମାନ ଲୋକଙ୍କ ରୁଚି ବଦଳିଛି; ସାଧାରଣ ଲୋକେ ମାଟି ପାତ୍ର ବଦଳରେ ବିଭିନ୍ନ ଧାତବ ବାସନକୁଣ୍ଡ ବ୍ୟବହାର କରିବାକୁ ପସନ୍ଦ କରୁଛନ୍ତି। ଫଳରେ ମାଟି ସାମଗ୍ରୀର ଚାହିଦା ବଜାରରେ କମି କମି ଯାଉଛି।

ଏଭଳି ପରିସ୍ଥିତିରେ ନିଜର ପୂର୍ବପୁରୁଷଙ୍କ ପୈତୃକ ବୃତ୍ତିକୁ ବଞ୍ଚାଇ ରଖିବା ପାଇଁ ସୋନପୁର ଅଞ୍ଚଳର କୁମ୍ଭକାର ପରିବାରମାନେ ଏକ ପ୍ରକାର କଠୋର ସଂଘର୍ଷ କରୁଛନ୍ତି।

କେବଳ ଦୀପାବଳି ବା ଅନ୍ୟାନ୍ୟ ପୂଜାପାର୍ବଣରେ ଲୋକେ ମାଟି ଦୀପ ଏବଂ କଳସ ଖୋଜୁଥିବାରୁ, ଏହି ସମୟରେ ସେମାନଙ୍କ ହାତକୁ ଦିପଇସା ଆସିଥାଏ। ବେପାର ମାନ୍ଦା ହେଉଥିଲେ ମଧ କେବଳ ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ ଏହି କାରିଗରମାନେ ବହୁ କଷ୍ଟରେ ନିଜର ଏହି କୌଳିକ ବୃତ୍ତିକୁ ଜାରି ରଖିଛନ୍ତି। ଉପଯୁକ୍ତ ପ୍ରୋତ୍ସାହନ ଏବଂ ସାମଗ୍ରୀର ସଠିକ୍ ମୂଲ୍ୟ ନମିଳିବା ଏବେ କୁମ୍ଭକାର ସମ୍ପ୍ରଦାୟ ପାଇଁ ଚିନ୍ତାର କାରଣ ପାଲଟିଛି।

ଚିକେନ୍ ପକୋଡ଼ାରୁ ଚିକେନ୍ ଗାଏବ

ଗ୍ରାହକଙ୍କ ଅଭିଯୋଗ

ଡାବୁଗାଁ,(ନିପ୍ର): ବଜାରରେ ଏବେ ଚିକେନ୍ ପକୋଡ଼ା ନାଁରେ ଗ୍ରାହକଙ୍କୁ ଠକା ଯାଉଥିବା ଅଭିଯୋଗ ହୋଇଛି।ଚିକେନ୍ ପକୋଡ଼ାରୁ ଚିକେନ୍ ଗାଏବ। ପକୋଡ଼ାରେ ଚିକେନ୍



ଅପେକ୍ଷା ଅଟା ଓ ବେସନ ଅଧିକ ମିଶା ଯାଉଥିବା ଗ୍ରାହକ କହୁଛନ୍ତି। ଅଧିକାଂଶ ଚିକେନ ପକୋଡା ଦୋକାନରେ ବିକ୍ରି ହେଉଥିବା ନେଇ ଏବେ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ଚିକେନ୍ ନାଁରେ ଗ୍ରାହକଙ୍କୁ ଅଟାଗୋଳା ଖୁଆ ଯାଉଥିବା କହି ସେମାନେ ଅଭିଯୋଗ କରିଛନ୍ତି।

6. 11.2026.pmd 1 11/5/2026, 6:25 AM

ଡିଆରଡିଓ ପକ୍ଷରୁ କ୍ୱାସି-ବାଲିଷ୍ଟିକ୍ କ୍ଷେପଣାସ୍ତ୍ର 'ପ୍ରଳୟ'ର ସଫଳ ପରୀକ୍ଷଣ


ନୂଆଦିଲ୍ଲୀ,୫।୧୧(ପିଆଇବି): ଭାରତୀୟ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆରଡିଓ) ପକ୍ଷରୁ ୫ ନଭେମ୍ବର ୨୦୨୬ରେ ପୂର୍ବାହ୍ନ ପ୍ରାୟ ୧୧ଟା ୧୦ ମିନିଟ୍ ସମୟରେ ଓଡ଼ିଶା ଉପକୂଳସ୍ଥିତ ଡକ୍ଟର ଏପିଜେ ଅବଦୁଲ କଲାମ ଦ୍ୱୀପରୁ କ୍ୱାସି-ବାଲିଷ୍ଟିକ୍ କ୍ଷେପଣାସ୍ତ୍ର 'ପ୍ରଳୟ'ର ସଫଳ ଉଡ଼ାଣ ପରୀକ୍ଷଣ କରାଯାଇଛି । ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ କେନ୍ଦ୍ର (ଆଇଟିଆର) ପକ୍ଷରୁ ନିୟୋଜିତ ବିଭିନ୍ନ ରେଞ୍ଜ ଯନ୍ତ୍ରପାତି ମାଧ୍ୟମରେ ସଂଗୃହୀତ ପରୀକ୍ଷଣ ତଥ୍ୟରୁ ଏହି କ୍ଷେପଣାସ୍ତ୍ରର ସମସ୍ତ ନିର୍ଦ୍ଧାରିତ ପରୀକ୍ଷଣ ଲକ୍ଷ୍ୟ ସଫଳତାର ସହ ପୂରଣ ହୋଇଥିବା ସ୍ପଷ୍ଟ ହୋଇଛି । ହାଇଦ୍ରାବାଦର ଇମାରତ ଗବେଷଣା କେନ୍ଦ୍ର ସହିତ ଅନ୍ୟ ଡିଆରଡିଓ ପରୀକ୍ଷାଗାର ସ୍ୱଦେଶୀ ଭାବରେ ଏହି କ୍ଷେପଣାସ୍ତ୍ର ବିକଶିତ କରିଛି । ବିକାଶ ଏବଂ ଉତ୍ପାଦନ ଭାଗୀଦାରମାନଙ୍କ ମଧ୍ୟରୁ ଅନ୍ୟତମ, ଭାରତ ଡାଇନାମିକ୍ସ ଲିମିଟେଡ୍ ଏହି ପ୍ରଣାଳୀ ଉତ୍ପାଦନ କରିଛି । ଉପଭୋକ୍ତା ମୂଲ୍ୟାଙ୍କନ ପରୀକ୍ଷଣର ଅଂଶ ଭାବରେ ଡିଆରଡିଓର ବରିଷ୍ଠ ଅଧିକାରୀ, ଶିଳ୍ପ ଏବଂ ପ୍ରତିରକ୍ଷା ବାହିନୀର ପ୍ରତିନିଧିମାନଙ୍କ ଉପସ୍ଥିତିରେ ଉଡ଼ାଣ ପରୀକ୍ଷଣ କରାଯାଇଥିଲା । ଏହି ସଫଳ ପରୀକ୍ଷଣ ପରେ କ୍ଷେପଣାସ୍ତ୍ର ପ୍ରଣାଳୀକୁ ପ୍ରତିରକ୍ଷା ବାହିନୀରେ ସାମିଲ କରିବା ପ୍ରକ୍ରିୟା ଖୁବ୍ ଶୀଘ୍ର ଆରମ୍ଭ ହେବାର ପଥ ପରିଷ୍କାର ହୋଇଛି ।

ଦିଲ୍ଲୀରେ ଜହର ପାଲଟିଲା ପବନ, ଏକ୍ୟୁଆଇ ୪୫୯ ପାର୍



ନୂଆଦିଲ୍ଲୀ,୫।୧୧ : ବର୍ତ୍ତମାନ ଦିଲ୍ଲୀର ବାୟୁ ଗୁଣବତ୍ତା ଅତି ଖରାପ ସ୍ତରରେ ପହଞ୍ଚିଛି । ସାମଗ୍ରିକ ଭାବେ ଏକ୍ୟୁଆଇ ୩୬୭ ରେକର୍ଡ ହୋଇଥିବା ବେଳେ କିଛି ଅଞ୍ଚଳରେ ସ୍ଥିତି ଆହୁରି ଭୟଙ୍କର । ଉତ୍ତର ଦିଲ୍ଲୀର ଜାହାଙ୍ଗୀରପୁରୀରେ ଏକ୍ୟୁଆଇ ସର୍ବାଧିକ ୪୫୯ ରେକର୍ଡ ହୋଇଛି । ସେହିପରି ଆଇଆଇଟି ଦିଲ୍ଲୀ ଓ ପଞ୍ଜାବୀ ବାଗରେ ମଧ୍ୟ ଏକ୍ୟୁଆଇ ୪୪୫ ରହିଛି । ବାୟୁରେ ପିଏମ ୨.୫ ଭଳି ସୂକ୍ଷ୍ମ କଣିକାର ମାତ୍ରା ବଢ଼ିବା ଯୋଗୁଁ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ଗମ୍ଭୀର ପ୍ରଭାବ ପଡୁଛି । ଘନ ଧୂଆଁ ଯୋଗୁଁ ରାସ୍ତାଘାଟରେ ଦୃଶ୍ୟମାନତା କମିଯାଇଛି । ଏପରିକି ଇଣ୍ଡିଆ ଗେଟ୍ ଭଳି ଐତିହାସିକ ସ୍ଥାନ ମଧ୍ୟ ଧୂଆଁର ଆସ୍ତରଣ ଭିତରେ ଲୁଚିଯାଇଛି । ଶ୍ୱାସକ୍ରିୟା ଜନିତ ସମସ୍ୟାରେ ଛଟପଟ ହେଉଛନ୍ତି ଲୋକେ । ତେବେ ପ୍ରଶ୍ନ ଉଠୁଛି, କୃତ୍ରିମ ବର୍ଷା କ'ଣ ଏବଂ ଏହା କେମିତି କାମ କରେ । ପ୍ରକୃତରେ ମେଘରେ ଥିବା ଜଳକଣାକୁ ବର୍ଷାରେ ପରିଣତ କରିବା ପାଇଁ ଏକ ବୈଜ୍ଞାନିକ ପ୍ରକ୍ରିୟା ଆପଣାଯାଏ । ଏହାକୁ କ୍ଲାଉଡ୍ ସିଡିଂ କୁହାଯାଏ । ଏଥିରେ ସିଲଭର ଆୟୋଡାଇଡ୍ କିମ୍ବା ଶୁଖିଲା ବରଫ ଭଳି ପଦାର୍ଥ ମେଘ ଭିତରେ ଛିଞ୍ଚାଯାଏ ।

ଆମେରିକାର ପ୍ରଥମ ମହିଳା ମେଲାନିଆ ଟ୍ରମ୍ପଙ୍କୁ ୟୁକ୍ରେନର ସର୍ବୋଚ୍ଚ ନାଗରିକ ସମ୍ମାନ



କିଭ୍,୫।୧୧ : ଆମେରିକାର ପ୍ରଥମ ମହିଳା ମେଲାନିଆ ଟ୍ରମ୍ପଙ୍କୁ ୟୁକ୍ରେନ୍ ସର୍ବୋଚ୍ଚ ନାଗରିକ ସମ୍ମାନ ପ୍ରଦାନ କରିଛି । ରୁଷ୍-ୟୁକ୍ରେନ ଯୁଦ୍ଧବିରତି ପାଇଁ ମଧ୍ୟସ୍ଥତା, ରୁଷ୍ ଅଧିକୃତ ଅଞ୍ଚଳରୁ ସାଧାରଣ ନାଗରିକଙ୍କୁ ସୁରକ୍ଷିତ ଉଦ୍ଧାର କରିବା ଲାଗି କରିଥିବା ଉଦ୍ୟମ ପାଇଁ ୟୁକ୍ରେନ ରାଷ୍ଟ୍ରପତି ବୋଲଡିମିର ଜେଲେନସ୍କି ତାଙ୍କୁ ଦେଶର ଏକ ସମ୍ମାନଜନକ ନାଗରିକ ପୁରସ୍କାର 'ଅର୍ଡର ଅଫ୍ ପ୍ରିନ୍ସେସ୍ ଓଲଗା' ସମ୍ମାନ ପ୍ରଦାନ କରିଛନ୍ତି । ୟୁକ୍ରେନ୍ ରାଷ୍ଟ୍ରପତିଙ୍କ ସରକାରୀ ୱେବସାଇଟରେ ପ୍ରକାଶିତ ଆଦେଶ ଅନୁଯାୟୀ, ୟୁକ୍ରେନକୁ ମାନବିକ ସହାୟତା ଯୋଗାଇବାରେ ମେଲାନିଆଙ୍କ ବ୍ୟକ୍ତିଗତ ଅବଦାନ ଏବଂ ମାନବାଧିକାର କାର୍ଯ୍ୟରେ ସକ୍ରିୟ ଭୂମିକାକୁ ସ୍ୱୀକୃତି ଦେଇ ଏହି ସମ୍ମାନ ଦିଆଯାଇଛି । ଗତ ମାସରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପତ୍ନୀ ମେଲାନିଆ ଦକ୍ଷିଣ ଯୁଦ୍ଧକ୍ଷେତ୍ରରେ ଥିବା ରୁଷ୍ ଅଧିକୃତ ଓଲେସ୍କି ସହରର ବାସିନ୍ଦାଙ୍କୁ ସେଠାରୁ ଚାଲିଯିବାର ସୁଯୋଗ ଦେବା ପାଇଁ ଏକ ସ୍ଥାନୀୟ ଯୁଦ୍ଧବିରତି ଘୋଷଣା କରିଥିଲେ । ଖାଦ୍ୟ ଓ ଔଷଧର ଅଭାବ ମଧ୍ୟରେ ସେଠାକାର ଲୋକେ ଦୀର୍ଘ ସପ୍ତାହ ଧରି ଅସୁବିଧାରେ ରହୁଥିଲେ ।

ଇରାନକୁ ସହାୟତା ଅଭିଯୋଗରେ ଭାରତୀୟ ଦମ୍ପତିଙ୍କ ଉପରେ ଆମେରିକାର କଟକଣା

ନୂଆଦିଲ୍ଲୀ,୫।୧୧: ଇରାନର ତୈଳ ବାଣିଜ୍ୟ ଉପରେ ଆମେରିକାର କଟକଣାକୁ ଏଡ଼ାଇବାରେ ସହାୟତା କରିବା ଅଭିଯୋଗରେ ଭାରତରେ ରହୁଥିବା ଏକ ଦମ୍ପତି ଓ ସେମାନଙ୍କ ସହ ସମ୍ପୃକ୍ତ ଅନେକ କମ୍ପାନି ଉପରେ ଆମେରିକା କଟକଣା ଜାରି କରିଛି । ଇରାନର ତୈଳ ପରିବହନ କରୁଥିବା ଜାହାଜଗୁଡ଼ିକୁ ଜାଲ୍ ପଞ୍ଜୀକରଣ ଓ ନୌବାଣିଜ୍ୟ ସମ୍ପର୍କିତ ପ୍ରମାଣପତ୍ର ଯୋଗାଇ ଦେଇ ସେମାନେ ଆମେରିକାର କଟକଣା ଏଡ଼ାଇବାରେ ସହାୟତା କରୁଥିବା ଆମେରିକାର ଅର୍ଥ ବିଭାଗ ଅଭିଯୋଗ କରିଛି । ଆମେରିକାର ଅର୍ଥମନ୍ତ୍ରୀ ସ୍କଟ୍ ବେସେଣ୍ଟ୍ ଏହି କଟକଣା ଘୋଷଣା କରିବା ସହ ଇରାନକୁ ସହାୟତା କରୁଥିବା ଦେଶ ଓ ସଂସ୍ଥାଗୁଡ଼ିକୁ କଡ଼ା ଚେତାବନୀ ଦେଇଛନ୍ତି । ସେ କହିଛନ୍ତି, ଆମର ଆଭିମୁଖ୍ୟ ସ୍ପଷ୍ଟ । ଆପଣ ଆମ ସହ ଅଛନ୍ତି ଅଥବା ଆମ ବିରୋଧରେ । ଇରାନ ସରକାରଙ୍କୁ ସ୍ଥଳ, ଜଳ କିମ୍ବା ଆକାଶପଥରେ ଯେଉଁମାନେ ସହାୟତା କରିବେ, ସେମାନଙ୍କ ବିରୋଧରେ କଟକଣା ଲାଗୁ କରାଯିବ ବୋଲି ସେ କହିଛନ୍ତି । ଆମେରିକାର ଅର୍ଥ ବିଭାଗ ଅନୁଯାୟୀ, ଭାରତରେ ରହୁଥିବା ସୁନୀଲ କୁମାର ଶର୍ମା ଓ ତାଙ୍କ ପତ୍ନୀ ଜସପ୍ରୀତ ସାହିଦ୍ ଏକ ଜାଲ୍ ସାମୁଦ୍ରିକ ପଞ୍ଜୀକରଣ ନେଟୱର୍କ ଚଳାଉଥିଲେ । ସେମାନେ ବିଭିନ୍ନ ଦେଶର ଅନୁମତି ନଥାଇ ସେହି ଦେଶଗୁଡ଼ିକର ନାମରେ ଜାହାଜ ପଞ୍ଜୀକରଣ ଓ ବର୍ଗୀକରଣ ସେବା ଯୋଗାଉଥିବା ୱେବସାଇଟ୍ ତିଆରି କରିଥିଲେ । ଏହା ମାଧ୍ୟମରେ ଇରାନର ତୈଳ ପରିବହନ କରୁଥିବା କଟକଣାଭୁକ୍ତ ଜାହାଜଗୁଡ଼ିକୁ ଜାଲ୍ ଜାତୀୟ ପତାକା ଓ ପଞ୍ଜୀକରଣ ପ୍ରମାଣପତ୍ର ଯୋଗାଇ ଦିଆଯାଉଥିଲା । ଏହି କାର୍ଯ୍ୟକଳାପ ୨୦୧୪ରୁ ଚାଲିଥିବା ଆମେରିକା ଅଭିଯୋଗ କରିଛି ।

ତିରୁପତି ଲଡୁ ଅପମିଶ୍ରଣ ଘଟଣା

ମାମଲା ସ୍ଥାନାନ୍ତର ଦାବିକୁ ଖାରଜ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୫।୧୧ : ସୁପ୍ରିମକୋର୍ଟ ତିରୁପତି ଲଡୁ ଅପମିଶ୍ରଣ ମାମଲାକୁ ଆନ୍ଧ୍ରପ୍ରଦେଶରୁ ପଡ଼ୋଶୀ ରାଜ୍ୟକୁ ସ୍ଥାନାନ୍ତର କରିବା ପାଇଁ ଏକ ଆବେଦନକୁ ଖାରଜ କରିଦେଇଛନ୍ତି । ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ ଏବଂ ବିଚାରପତି ଜୟମାଲ୍ୟ ବାଗଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ସ୍ପଷ୍ଟ ଭାବରେ କହିଛନ୍ତି ଯେ, ମାମଲାକୁ ସ୍ଥାନାନ୍ତର କରିବା ପାଇଁ କୌଣସି ପ୍ରର୍ଯ୍ୟାପ୍ତ କାରଣ ନାହିଁ । ମହାରାଷ୍ଟ୍ରର ଜଣେ ଦୁଗ୍ଧ ଉଦ୍ୟୋଗୀ ଆବେଦନକାରୀ ମଚ୍ଛିନ୍ଦ୍ର ଶାନ୍ତାରାମ ଲଙ୍କେଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ସିଦ୍ଧାର୍ଥ ଦଭେ ଯୁକ୍ତି ଦେଇଥିଲେ ଯେ, ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀ ନିରନ୍ତର ରାଜନୈତିକ ମନ୍ତବ୍ୟ ଦେଉଛନ୍ତି, ଯାହା ଦ୍ୱାରା ରାଜ୍ୟରେ ନିରପେକ୍ଷ ବିଚାର ନେଇ ଆଶଙ୍କା ସୃଷ୍ଟି ହେଉଛି । ଆବେଦନକୁ ଖାରଜ ଅଭିଯୋଗ ନିରପେକ୍ଷ ହେବା ଉଚିତ୍ । ମାମଲାକୁ ଅନ୍ୟ ପଡ଼ୋଶୀ ରାଜ୍ୟକୁ ସ୍ଥାନାନ୍ତର କରାଯିବା ଆବଶ୍ୟକ ଯେଉଁଠାରେ ପ୍ରସଙ୍ଗକୁ ନେଇ ଭାବପ୍ରବଣତା ନଥିବ । ଖଣ୍ଡପୀଠ କହିଛନ୍ତି ଯେ, ଏହା ପୂର୍ବରୁ ଏସମ୍ପର୍କରେ ଏକ ନିର୍ଦ୍ଦେଶ ଦିଆସରିଛି । ସୂର୍ଯ୍ୟକାନ୍ତ ଟିପ୍ପଣୀ ଦେଇଛନ୍ତି, ଆମେ ଆମର ନିର୍ଦ୍ଦେଶ ସହିତ ସମସ୍ତଙ୍କୁ ଚୁପ୍ କରିଦେଇଛୁ । ଯଦି କିଛି ଘଟେ, ତେବେ ଆପଣ ଆମ ପାଖକୁ ଆସିପାରିବେ । ଏହାସହ କୋର୍ଟ ଆବେଦନକୁ ଗ୍ରହଣ କରିବାକୁ ମନା କରିଦେଇଥିଲେ । ତିରୁପତି ବାଲାଜୀ ମନ୍ଦିରର ଲଡୁ ପ୍ରସାଦ ଲକ୍ଷ ଲକ୍ଷ ଭକ୍ତଙ୍କ ବିଶ୍ୱାସ ସହିତ ଜଡିତ । ଅଭିଯୋଗ ଆସିଥିଲା ଯେ, ଲଡୁ ତିଆରି ପାଇଁ ବ୍ୟବହୃତ ଘିଅ ଅପମିଶ୍ରିତ ।



ଅଭିଯୋଗ ହୋଇଥିଲା, ଶୁଦ୍ଧ ଗାଇ ଘିଅକୁ କୃତ୍ରିମ କିମ୍ବା ଅପମିଶ୍ରିତ ଘିଅ ସହିତ ବଦଳାଯାଇଛି । ଏହି ବିବାଦ ରାଜନୈତିକ ମୋଡ଼ ନେଇଥିଲା । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ଏକ ସ୍ୱତନ୍ତ୍ର ତଦନ୍ତ ଦଳ (ଏସଆଇଟି) ଦ୍ୱାରା ତଦନ୍ତ କରାଯାଇଥିଲା । ଅଭିଯୁକ୍ତମାନଙ୍କ ମଧ୍ୟରେ ଯୋଗାଣକାରୀ କମ୍ପାନି ଏବଂ ସମ୍ପୃକ୍ତ ବ୍ୟକ୍ତିବିଶେଷ ଅନ୍ତର୍ଭୁକ୍ତ । ଏହି ମାମଲା ସମ୍ବେଦନଶୀଳ କାରଣ ଏଥିରେ ଲୋକଙ୍କ ବିଶ୍ୱାସ, ମନ୍ଦିର ପରିଚାଳନା ଏବଂ ଦୁର୍ନୀତି ଜଡିତ । ସେପ୍ଟେମ୍ବର ୨୦୨୪ରେ ଏକ ତଦନ୍ତ ରିପୋର୍ଟରୁ ଜଣାପଡିଥିଲା ଯେ, ତିରୁପତି ବାଲାଜୀ ମନ୍ଦିରର ପ୍ରସାଦ ପ୍ରସ୍ତୁତି ପାଇଁ ବ୍ୟବହୃତ ଘିଅରେ ପଶୁ ଚର୍ବି ଥିଲା । ଏହା ଦେଶବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଥିଲା । ଅନେକ ହିନ୍ଦୁ ସଂଗଠନ ଏହି ମାମଲାକୁ ସୁପ୍ରିମକୋର୍ଟକୁ ନେଇଯାଇଥିଲେ, ଯାହା ଫଳରେ ଏକ ଏସଆଇଟି ଗଠନ କରାଯାଇଥିଲା ।

କରନାଲରେ କଂଗ୍ରେସକୁ ଶାହଙ୍କ ନିଶାଣ

ଅନୁପ୍ରବେଶକାରୀଙ୍କୁ ଖୋଜି ଖୋଜି ଦେଶରୁ ବାହାର କରିବୁ



ନୂଆଦିଲ୍ଲୀ,୫।୧୧: କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଆଜି ହରିୟାଣା ଗସ୍ତରେ ଅଛନ୍ତି । ଏହି ଅବସରରେ ସେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କରନାଲରୁ ଏକ କିଲୋମିଟର ଯାଏଁ 'ଗଣତନ୍ତ୍ର ବଞ୍ଚାଅ, ଅରାଜକତା ହଟାଅ' ପଦଯାତ୍ରାର ନେତୃତ୍ୱ ନେଇଥିଲେ । ମଞ୍ଚରୁ ସମ୍ବୋଧିତ କରି ଅମିତ ଶାହ କହିଛନ୍ତି ଯେ କଂଗ୍ରେସର ଅରାଜକତା ଏବଂ ତୁଷ୍ଟୀକରଣ ରାଜନୀତି ଏବେ ସମ୍ପୂର୍ଣ୍ଣ ଭାବରେ ଏକ୍ସପୋଜ୍ ହୋଇସାରିଛି । ଦେଶବାସୀ ଏହା ବିରୋଧରେ ରାସ୍ତାକୁ ଓହ୍ଲାଇଛନ୍ତି । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି, 'ଆଜି ଆମର ବିଜେପି ଦ୍ୱାରା ଆୟୋଜିତ 'ଗଣତନ୍ତ୍ର ବଞ୍ଚାଅ, ଅରାଜକତା ହଟାଅ' ରାଲିର ଶେଷ ଦିନ । ଅକ୍ଟୋବର୨୨ ରୁ ନଭେମ୍ବର ୫ ପର୍ଯ୍ୟନ୍ତ, ଏହି ରାଲି ଦେଶବ୍ୟାପୀ ଦଳୀୟ ମୁଖ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ସବୁଠି, ଆମେ ସମାନ ଉତ୍ସାହ ଏବଂ ପ୍ରବଳ ଭିଡ଼ ଦେଖିଲୁ । ଦେଶର ରାସ୍ତାଗୁଡ଼ିକ ଆମର ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତି ପ୍ରଚଣ୍ଡ ଜନ ସମର୍ଥନ ଦେଖାଇଥିଲା' ରାହୁଲ ଗାନ୍ଧୀଙ୍କୁ ୩ କୋଟି ଅନୁପ୍ରବେଶକାରୀଙ୍କ ଚିନ୍ତା । ଆମେ ଏସଆଇର ଉପରେ ବିଶେଷ ଅଧିବେଶନ ଡକାଇବାକୁ ପ୍ରସ୍ତୁତ । ଆମେ ଅନୁପ୍ରବେଶକାରୀଙ୍କୁ ଖୋଜିଖୋଜି ଦେଶରୁ ବାହାର କରିବାକୁ ଚେଷ୍ଟା କରୁଛୁ । ଅମିତ ଶାହ କହିଛନ୍ତି ଯେ ଗଣତନ୍ତ୍ରରେ ସଂସଦ ଆଲୋଚନା ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନ । ରାହୁଳ ଗାନ୍ଧୀ ସଂସଦକୁ ଚାଲିବାକୁ ଦିଅନ୍ତି ନାହିଁ ଏବଂ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରନ୍ତି ନାହିଁ । କଂଗ୍ରେସ ଶବ୍ଦ ଏବଂ ସଂସଦ ବର୍ଜନକୁ ଏକ ସଂସ୍କୃତି କରିଛି । ସେମାନେ ସଂସଦ ଚାଲିବାକୁ ଚାହାଁନ୍ତି ନାହିଁ ଏବଂ ରାସ୍ତାରେ ଭିଡ଼ ଜମା କରି ବିଶୃଙ୍ଖଳା ସୃଷ୍ଟି କରନ୍ତି । କଂଗ୍ରେସ ରାଲି ପାଇଁ ନଭେମ୍ବର ୧ ତାରିଖକୁ ବାଛିଥିଲା । ୧୯୮୪ ମସିହାରେ ଏହି ଦିନ କଂଗ୍ରେସ ଶିଖ ଦଙ୍ଗାକୁ ଉସୁକାଇଥିଲା । ଶିଖ ଲୋକଙ୍କୁ ହତ୍ୟା କରାଯାଇଥିଲା । ଶାହା କହିଛନ୍ତି ଯେ ଦେଶର ଜନତା ରାହୁଳ ଗାନ୍ଧୀ, କଂଗ୍ରେସ ଏବଂ ଅଖିଳ ଭାରତୀୟ ମେଣ୍ଟ ସହିତ ନାହାନ୍ତି । ଆମର ପ୍ରତ୍ୟେକ ରାଲିରେ ହଜାର ହଜାର ଲୋକ ସାମିଲ ହୁଅନ୍ତି ।

ଡିସେମ୍ବରରେ ବାଂଲାଦେଶ ଫେରିବେ ଶେଖ୍ ହସିନା

'ମରିବାର ଥିଲେ ନିଜ ମାଟିରେ ମରିବି'



ଢ଼ାକା,୫।୧୧: ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ଆସନ୍ତା ଡିସେମ୍ବର ମାସରେ ଭାରତରୁ ନିଜ ଦେଶ ବାଂଲାଦେଶ ଫେରିବେ । ଏଥିପାଇଁ ଯେକୌଣସି ମୂଲ୍ୟ ଦେବାକୁ ପଡ଼ିଲେ ମଧ୍ୟ ସେ ବାଂଲାଦେଶ ଫେରିବା ନିଷ୍ପତ୍ତିରୁ ପଛଘୁଞ୍ଚା ଦେବେନାହିଁ ବୋଲି କହିଛନ୍ତି ହସିନା । ଏକ ଗଣମାଧ୍ୟମ ପକ୍ଷରୁ ପଚରା ଯାଇଥିବା ପ୍ରଶ୍ନର ଲିଖିତ ଉତ୍ତରରେ ହସିନା ଲେଖିଛନ୍ତି, 'ଯଦି ମୋ ଭାଗ୍ୟରେ ମୃତ୍ୟୁ ଲେଖାଅଛି, ତେବେ ନିଜ ଦେଶର ମାଟିରେ, ନିଜ ଲୋକଙ୍କ ଗହଣରେ ମରିବାକୁ ମୁଁ ପସନ୍ଦ କରିବି । ତେଣୁ ମୁଁ ବାଂଲାଦେଶ ଫେରିବି । ମୋର ଏହି ନିଷ୍ପତ୍ତିରେ କୌଣସି ପରିବର୍ତ୍ତନ ହୋଇନାହିଁ ।'ଉଲ୍ଲେଖଯୋଗ୍ୟ ଯେ, ବାଂଲାଦେଶର ଏକ ସ୍ୱତନ୍ତ୍ର ଟ୍ରିବ୍ୟୁନାଲ୍ ୨୦୨୫ରେ ତାଙ୍କୁ ମୃତ୍ୟୁଦଣ୍ଡ ଶୁଣାଇଥିଲା । ୨୦୨୪ ଛାତ୍ର ଆନ୍ଦୋଳନ ସମୟରେ ହୋଇଥିବା ଦମନଲୀଳାକୁ ଆଳ କରି ଟ୍ରିବ୍ୟୁନାଲ୍ ତାଙ୍କୁ ମାନବତା ବିରୋଧୀ ଅପରାଧରେ ଦୋଷୀ ସାବ୍ୟସ୍ତ କରି ଏହି ଦଣ୍ଡ ଶୁଣାଇଥିଲା । ଅଦାଲତଙ୍କ ଅନୁସାରେ, ହସିନାଙ୍କ ନିର୍ଦ୍ଦେଶରେ ଏହି ଦମନଲୀଳା ରଚାଯାଇଥିଲା ଯେଉଁଥିରେ ଶହ ଶହ ଲୋକଙ୍କ ମୃତ୍ୟୁ ଘଟିବା ସହ ହଜାର ହଜାର ଲୋକ ଆହତ ହୋଇଥିଲେ । ଅନ୍ୟପକ୍ଷରେ ଜାତିସଂଘର ଏକ ରିପୋର୍ଟରେ ଏହି ଆନ୍ଦୋଳନ ସମୟରେ ପ୍ରାୟ ୧୪୦୦ ଲୋକଙ୍କ ମୃତ୍ୟୁ ହୋଇଥିବା କୁହାଯାଇଥିଲା । ତେବେ ହସିନା ନିଜ ବିରୋଧରେ ଆସିଥିବା ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି । ଟ୍ରିବ୍ୟୁନାଲର ରାୟକୁ ସେ ସମ୍ପୂର୍ଣ୍ଣ ଅସ୍ୱୀକାର କରିବା ସହ ମାମଲାର ବିଚାର ପ୍ରକ୍ରିୟାର ବୈଧତା ଉପରେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି ।

ୟୁରୋପ ଆକାଶରେ ବୋମା ଆତଙ୍କ

ଏକାଧିକ ଯାତ୍ରୀବାହୀ ବିମାନକୁ ଧମକ

ନୂଆଦିଲ୍ଲୀ,୫।୧୧: ୟୁରୋପ ଆକାଶରେ ବୋମା ଆତଙ୍କ । ଗୋଟିଏ ପରେ ଗୋଟିଏ ଯାତ୍ରୀବାହୀ ବିମାନକୁ ମିଳୁଛି ବୋମା ଧମକ । ଆଜି ସକାଳେ ୟୁରୋପର ବିଭିନ୍ନ ଦେଶରେ ଏକାଧିକ ବିମାନକୁ ବୋମାରେ ଉଡ଼ାଇଦେବାକୁ ଧମକ ମିଳିବା ପରେ ଆତଙ୍କ ଖେଳିଯାଇଛି । ସୁରକ୍ଷା ଦୃଷ୍ଟିରୁ ଅନେକ ବିମାନର ଗତିପଥ ବଦଳାଇ ଜରୁରୀ ଅବତରଣ କରାଯାଇଛି । ଫ୍ରାନ୍ସ, ବୁଲଗେରିଆ, ବେଲଜିୟମ ଓ ଇଟାଲୀ ସମେତ ବିଭିନ୍ନ ଦେଶର ବିମାନବନ୍ଦରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି । ଆୟର୍ଲାଣ୍ଡର ଡବଲିନରୁ ଇଟାଲୀର ରୋମ୍ ଅଭିମୁଖେ ଯାଉଥିବା ଏର୍ ଲିଙ୍ଗସର EI402 ବିମାନକୁ ବୋମା ଧମକ ମିଳିବା ପରେ ଫ୍ରାନ୍ସକୁ ଡାଇଭର୍ଟ କରାଯାଇଥିଲା । ପ୍ୟାରିସଠାରୁ ପ୍ରାୟ ୧୦୦ କିଲୋମିଟର ଦୂରରେ ଥିବା ଏଭ୍ରୋ ସାମରିକ ବିମାନଘାଟିରେ ଏହା ସୁରକ୍ଷିତ ଅବତରଣ କରିଥିଲା । ବିମାନରେ ଥିବା ୧୫୧ ଜଣ ଯାତ୍ରୀ ଓ ୬ ଜଣ କ୍ରୁ ସଦସ୍ୟ ସୁରକ୍ଷିତ ଥିବା ଫ୍ରାନ୍ସ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂଚନା ଦେଇଛି । ବୋମା ନିଷ୍କ୍ରିୟକାରୀ ଦଳ ଦ୍ୱାରା ବିମାନର ଯାଞ୍ଚ କରାଯାଇଛି । ସେହିପରି ବୁଲଗେରିଆରେ ତିନୋଟି ବିମାନକୁ ବୋମା ଧମକ ମିଳିବା ପରେ ଜରୁରୀ ଅବତରଣ କରାଯାଇଛି ।

ନିମ୍ନମାନର ଔଷଧ ଉତ୍ପାଦନ କଲେ ବାତିଲ ହେବ ଲାଇସେନ୍ସ



ନୂଆଦିଲ୍ଲୀ,୫।୧୧ : ଔଷଧର ଗୁଣବତ୍ତା ନେଇ କେନ୍ଦ୍ର ସରକାର କଠୋର ହେବାକୁ ଯାଉଛନ୍ତି । ନିମ୍ନମାନର ଔଷଧ ଉତ୍ପାଦନ କରୁଥିବା କମ୍ପାନିଗୁଡ଼ିକର ଉତ୍ପାଦନ ଲାଇସେନ୍ସ ତୁରନ୍ତ ସ୍ଥଗିତ ରଖିବାକୁ ସରକାର ପ୍ରସ୍ତାବ ଦେଇଛନ୍ତି । ଏଥିପାଇଁ ୧୯୪୫ ମସିହାର ଡ୍ରଗ୍ସ ରୁଲ୍ସରେ ସଂଶୋଧନ ଆଣିବାକୁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଯୋଜନା କରିଛି । ଏହାଦ୍ୱାରା ଗୁଣବତ୍ତା ପରୀକ୍ଷାରେ ବିଫଳ ହେଉଥିବା ଔଷଧର ଉତ୍ପାଦନ ଓ ବିକ୍ରି ଉପରେ ଶୀଘ୍ର ରୋକ୍ ଲଗାଯାଇପାରିବ । ବର୍ତ୍ତମାନର ନିୟମ ଅନୁଯାୟୀ, କୌଣସି ଔଷଧ ନିମ୍ନମାନର ବୋଲି ଜଣାପଡ଼ିଲେ ଏହାର ଉତ୍ପାଦନ ଲାଇସେନ୍ସ ବାତିଲ କିମ୍ବା ସ୍ଥଗିତ କରିବା ପୂର୍ବରୁ କମ୍ପାନିକୁ କାରଣ ଦର୍ଶାଅ ନୋଟିସ୍ ଦେବା ସହ ନିର୍ଦ୍ଦିଷ୍ଟ ପ୍ରକ୍ରିୟା ପାଳନ କରିବାକୁ ପଡୁଛି । ଏହି ପ୍ରକ୍ରିୟାରେ ବିଳମ୍ବ ହେଉଥିବାରୁ ନିମ୍ନମାନର ଔଷଧ ବଜାରରେ ରହିବାର ଆଶଙ୍କା ରହୁଛି । ଏହାକୁ ରୋକିବା ପାଇଁ ସରକାର ନୂଆ ବ୍ୟବସ୍ଥା ଆଣିବାକୁ ଚାହୁଁଛନ୍ତି । ପ୍ରସ୍ତାବିତ ନିୟମ ଅନୁଯାୟୀ, ସରକାରୀ ଔଷଧ ବିଶ୍ଳେଷକଙ୍କ ପରୀକ୍ଷା ରିପୋର୍ଟରେ କୌଣସି ଔଷଧ ନିର୍ଦ୍ଧାରିତ ଗୁଣବତ୍ତା ମାନ ପୂରଣ କରୁନଥିବା ଜଣାପଡ଼ିଲେ ତୁରନ୍ତ ଉତ୍ପାଦନ ଲାଇସେନ୍ସ ସ୍ଥଗିତ କରାଯାଇପାରିବ । ଔଷଧରେ ସକ୍ରିୟ ଉପାଦାନର ମାତ୍ରା (ଆସେ), ଶରୀରରେ ଔଷଧ ଦ୍ରବୀଭୂତ ହେବାର କ୍ଷମତା (ଡିସଲ୍ୟୁସନ), ଅନ୍ୟ ପଦାର୍ଥର ଉପସ୍ଥିତି, ଅଶୁଦ୍ଧତା ଏବଂ ଜୀବାଣୁମୁକ୍ତ ରହିବା ଭଳି ଗୁରୁତ୍ୱପୂର୍ଣ୍ଣ ମାନଦଣ୍ଡରେ ତ୍ରୁଟି ଥିଲେ ଏହି କାର୍ଯ୍ୟାନୁଷ୍ଠାନ ହେବ । ତେବେ ଲାଇସେନ୍ସ ସ୍ଥଗିତ ହେବା ପରେ କମ୍ପାନିଗୁଡ଼ିକ ତୁରନ୍ତ ପୁଣି ଉତ୍ପାଦନ ଆରମ୍ଭ କରିପାରିବେ ନାହିଁ ।

ମସ୍କଙ୍କୁ ଝଟକା: ଦିନକରେ ୩୩ ବିଲିୟନ ଡଲାରର କ୍ଷତି

ୱାଶିଂଟନ,୫।୧୧ : ଆମେରିକାରେ ମିଡଟର୍ମ ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପ ରିପବ୍ଲିକାନ୍ ପାର୍ଟିକୁ ମିଳିଛି ପରାଜୟ । ଏହି ପରାଜୟ କାରଣରୁ ଦୁନିଆର ସବୁଠାରୁ ଧନୀ ବ୍ୟବସାୟୀ ଏଲନ୍ ମସ୍କଙ୍କୁ ସହିବାକୁ ପଡିଛି ବଡ଼ କ୍ଷତି । ନିର୍ବାଚନ ଫଳାଫଳ ପରେ ଏଲନ୍ ମସ୍କଙ୍କ ଇଲେକ୍ଟ୍ରିକ୍ କାର କମ୍ପାନୀ ଟେସଲା ଓ ମହାକାଶ ଗବେଷଣା କମ୍ପାନୀ ସ୍ପେସ୍ଏକ୍ସର ସେୟାର ଉପରେ ପଡିଛି । ଏହାର ସେୟାର ୩% ହ୍ରାସ ଘଟିଛି । ଏହାର ପ୍ରଭାବରେ ଉଭୟ କମ୍ପାନୀର ମୋଟ ବଜାର ମୂଲ୍ୟରୁ ପ୍ରାୟ ୧୩୦ ବିଲିୟନ ଡଲାର ହ୍ରାସ ପାଇଛି । ଏହି କ୍ଷତିର ସିଧାସଳଖ ପ୍ରଭାବ ଏଲନ୍ ମସ୍କଙ୍କ ନେଟୱର୍ଥ ଉପରେ ପଡ଼ିଛି । ବ୍ଲୁମବର୍ଗ ବିଲିୟନେୟାର ଇଣ୍ଡେକ୍ସ ଅନୁସାରେ, ଗୋଟିଏ ଦିନରେ ମସ୍କଙ୍କ ସମ୍ପତ୍ତି ୩୩ ବିଲିୟନ ଡଲାର ଅର୍ଥାତ୍ ପ୍ରାୟ ୩.୭ ପ୍ରତିଶତ ହ୍ରାସ ପାଇ ୮୭୫ ବିଲିୟନ ଡଲାରରେ ପହଞ୍ଚିଛି ।

ଦୁଇ ଇସିଙ୍କ ଆପତ୍ତି ପରେ ଫର୍ମ-୬ରୁ ଏସ୍ଆଇଆର୍ ଘୋଷଣାପତ୍ରକୁ ଅଲଗା କଲେ ନିର୍ବାଚନ କମିସନ

ନୂଆଦିଲ୍ଲୀ,୫।୧୧: ଦୁଇ ନିର୍ବାଚନ କମିସନରଙ୍କ ତୀବ୍ର ଆପତ୍ତି ପରେ ଶେଷରେ ଭାରତୀୟ ନିର୍ବାଚନ କମିସନ (ଇସିଆଇ) ଅନଲାଇନ୍ ଭୋଟର ପଞ୍ଜୀକରଣ ଫର୍ମ-୬ରୁ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର) ସମ୍ପର୍କିତ ଘୋଷଣାପତ୍ରକୁ ସମ୍ପୂର୍ଣ୍ଣ ଅଲଗା କରିଛନ୍ତି । ଏଣିକି ଏହି ଦୁଇଟି ଦସ୍ତାବିଜ୍ ଅଲଗା ଅଲଗା ଦାଖଲ କରିବାକୁ ପଡ଼ିବ । ଏଥିପାଇଁ ପୃଥକ୍ ଓଟିପି ଓ ଇ-ସ୍ୱାକ୍ଷର ଆବଶ୍ୟକ ହେବ । ଯେଉଁ ରାଜ୍ୟଗୁଡ଼ିକରେ ଏସ୍ଆଇଆର୍ ଜାରି ରହିଛି, ସେଠାରେ ଏହି ନିୟମ ଲାଗୁ ହେବ । ଫର୍ମ-୬ ହେଉଛି ନୂଆ ଭୋଟରଙ୍କ ନାମ ଭୋଟର ତାଲିକାରେ ସାମିଲ କରିବା ପାଇଁ ଉଦ୍ଦିଷ୍ଟ ବୈଧାନିକ ଆବେଦନପତ୍ର । ଏହାସହିତ ଏସ୍ଆଇଆର୍ ସମ୍ପର୍କିତ ଏକ ଘୋଷଣାପତ୍ର ମଧ୍ୟ ଯୋଡ଼ାଯାଇଥିଲା । ଏଥିରେ ଆବେଦନକାରୀଙ୍କ ନାମ କିମ୍ବା ତାଙ୍କ ପିତାମାତା ଅଥବା ଜେଜେବାପା, ଜେଜେମା'ଙ୍କ ନାମ ୨୦୦୦ ମସିହାର ପୂର୍ବବର୍ତ୍ତୀ ସଘନ ସଂଶୋଧନ ସମୟର ଭୋଟର ତାଲିକାରେ ଥିଲା କି ନାହିଁ, ସେ ସମ୍ପର୍କରେ ତଥ୍ୟ ଦେବାକୁ ପଡୁଥିଲା । ପୂର୍ବରୁ ଅନଲାଇନରେ ଏହି ଦୁଇଟି ଦସ୍ତାବିଜ୍ ଗୋଟିଏ ପ୍ରକ୍ରିୟାରେ ଦାଖଲ ହେଉଥିଲା । ଗୋଟିଏ ଓଟିପି ଓ ଇ-ସ୍ୱାକ୍ଷର ମାଧ୍ୟମରେ ଉଭୟ କାମ ହୋଇଯାଉଥିଲା । କିନ୍ତୁ ଏହାଦ୍ୱାରା ଫର୍ମ-୬ରେ ଆଇନଗତ ପରିବର୍ତ୍ତନ କରାଯାଇଥିବା ଭଳି ଧାରଣା ସୃଷ୍ଟି ହେଉଥିବାରୁ ବିବାଦ ଦେଖାଦେଇଥିଲା । ଦୁଇ ନିର୍ବାଚନ କମିସନର ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀ ଏହି ପରିବର୍ତ୍ତନକୁ ଅନଧିକୃତ ଓ ବେଆଇନ ବୋଲି ଦର୍ଶାଇଥିଲେ । ନିୟମ ଅନୁଯାୟୀ, ଫର୍ମ-୬ରେ ପରିବର୍ତ୍ତନ କରିବାର କ୍ଷମତା କେବଳ କେନ୍ଦ୍ର ସରକାରଙ୍କର ରହିଛି ବୋଲି ସେମାନେ ଯୁକ୍ତି ଦେଇଥିଲେ । ଏହି ପ୍ରସଙ୍ଗରେ ନିର୍ବାଚନ କମିସନ ଗତ ଅକ୍ଟୋବର ୨୬ ତାରିଖରେ ସୁପ୍ରିମକୋର୍ଟରେ ଦାଖଲ କରିଥିବା ସତ୍ୟପାଠରେ ସ୍ପଷ୍ଟ କରିଥିଲେ ଯେ ଫର୍ମ-୬ରେ କୌଣସି ସଂଶୋଧନ କରାଯାଇନାହିଁ । ତେବେ ଅନଲାଇନରେ ଉଭୟ ଦସ୍ତାବିଜକୁ ଗୋଟିଏ ପୃଷ୍ଠାରେ ରଖିବା ଫଳରେ ଫର୍ମରେ ପରିବର୍ତ୍ତନ ହୋଇଥିବା ଭଳି ଧାରଣା ସୃଷ୍ଟି ହେଉଥିବା କମିସନ ସ୍ୱୀକାର କରିଥିଲେ । ଏହାପରେ ଅକ୍ଟୋବର ୨୧ ତାରିଖରେ ନିର୍ବାଚନ କମିସନ ଉଭୟ ଦସ୍ତାବିଜକୁ ଅଲଗା କରିବାକୁ ନିଷ୍ପତ୍ତି ନେଇଥିଲେ । କ

ହର୍ମୁଜରେ ଭାରତକୁ ଇରାନର ସବୁଜ ସଂକେତ

ଜାହାଜ ଚଳାଚଳ କଟକଣାରୁ ମିଳିଲା ଆଶ୍ୱସ୍ତି



ନୂଆଦିଲ୍ଲୀ,୫।୧୧: ହର୍ମୁଜ୍ ପ୍ରଣାଳୀରେ ଭାରତୀୟ ଜାହାଜକୁ ନେଇ ଇରାନର ବଡ଼ ନିଷ୍ପତ୍ତି । ଭାରତୀୟ ବାଣିଜ୍ୟିକ ଜାହାଜ ଉପରେ ଲାଗିବନି ଟ୍ରାଞ୍ଜିଟ୍ କଟକଣା । ଭାରତ ସମେତ ଚୀନ୍, ଇରାକ୍ ଓ କତାରର ବାଣିଜ୍ୟିକ ଜାହାଜକୁ ଏହି ଜଳପଥ ଦେଇ ମୁକ୍ତ ଭାବେ ଯାତାୟାତ ପାଇଁ ଅନୁମତି ଦେଇଛି ଇରାନ । ଇରାନ ସଂସଦର ଜାତୀୟ ସୁରକ୍ଷା ଓ ବୈଦେଶିକ ନୀତି କମିଟିର ଉପାଧ୍ୟକ୍ଷ ଅମିର ହାୟାତ୍-ମୋଘଦମ୍ ଏନେଇ ସୂଚନା ଦେଇଛନ୍ତି । ଇରାନର ଏହି ନିଷ୍ପତ୍ତି ଭାରତ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ । କାରଣ ଦେଶର ଶକ୍ତି ଆବଶ୍ୟକତା ପୂରଣ ପାଇଁ ଭାରତ ବିପୁଳ ପରିମାଣର ଅଶୋଧିତ ତୈଳ ଓ ଗ୍ୟାସ୍ ଆମଦାନୀ ଉପରେ ନିର୍ଭର କରେ । ଭାରତର ମୋଟ ଅଶୋଧିତ ତୈଳ ଆମଦାନୀର ପ୍ରାୟ ୩୦ ପ୍ରତିଶତ ହର୍ମୁଜ୍ ପ୍ରଣାଳୀ ଦେଇ ଆସିଥାଏ । ସେହିପରି ଦେଶର ପ୍ରାୟ ୯୦ ପ୍ରତିଶତ ଏଲପିଜି ଆମଦାନୀ ଏହି ଜଳପଥ ଉପରେ ନିର୍ଭରଶୀଳ । ଏହାବ୍ୟତୀତ କତାର ଓ ୟୁଏଇରୁ ଭାରତକୁ ଆସୁଥିବା ୫୦ ପ୍ରତିଶତରୁ ଅଧିକ ଗ୍ୟାସ୍ ମଧ୍ୟ ହର୍ମୁଜ୍ ପ୍ରଣାଳୀ ଦେଇ ଆସିଥାଏ । କେବଳ ତୈଳ ଓ ଗ୍ୟାସ୍ ନୁହେଁ, ସାର ଆମଦାନୀ କ୍ଷେତ୍ରରେ ମଧ୍ୟ ଏହି ଜଳପଥର ଗୁରୁତ୍ୱ ରହିଛି । ଏପରି ସ୍ଥିତିରେ ଭାରତୀୟ ଜାହାଜ ପାଇଁ ଯାତାୟାତ କଟକଣା ନଥିବା ନିଷ୍ପତ୍ତି ଦେଶର ତୈଳ, ଗ୍ୟାସ, ସାର ଓ ଔଷଧ ଯୋଗାଣ କ୍ଷେତ୍ରରେ ଆଶ୍ୱସ୍ତି ଆଣିପାରେ । ସୂଚନା ଅନୁସାରେ, ଏହି ଜଳପଥ ଦେଇ ଯାତାୟାତ କରୁଥିବା ଭାରତୀୟ ଓ ଚୀନ୍ ଜାହାଜଠାରୁ ଇରାନ ଟ୍ରାଞ୍ଜିଟ୍ ଶୁଳ୍କ ଆଦାୟ କରୁଥିବା ନେଇ ମଧ୍ୟ ଚର୍ଚ୍ଚା ହୋଇଥିଲା । ତେବେ ଏବେ ଭାରତୀୟ ବାଣିଜ୍ୟିକ ଜାହାଜକୁ ମୁକ୍ତ ଯାତାୟାତର ଅନୁମତି ମିଳିବା ଦ୍ୱାରା ସାମୁଦ୍ରିକ ବାଣିଜ୍ୟ ଓ ଜରୁରୀ ସାମଗ୍ରୀ ଯୋଗାଣରେ ସହଜତା ଆସିବା ଆଶା କରାଯାଉଛି ।

ତପୁ ହତ୍ୟାକାଣ୍ଡର ରହସ୍ୟ ଖୋଲିଲା, ଅସାବଧାନତାରୁ ଫୁଟିଥିଲା ଗୁଳି

ସମସ୍ତେ ଗିରଫ, ବନ୍ଧୁକ ଜବତ

ନାଟକ ରଚି ଖସିଯିବାକୁ ବସିଥିଲେ ଅଭିଯୁକ୍ତ



ଭୁବନେଶ୍ୱର(ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ ଘଟିଥିବା ଗୁଳିମାଡ ଘଟଣାର ରହସ୍ୟ ଖୋଲିଛି। ଶିଶୁଭବନ ଓଭରବ୍ରିଜ ନୁହେଁ ବରଂ ଶିଶୁପାଳଗଡର ଏକ ଅଫିସ ଭିତରେ ଗୁଳିକାଣ୍ଡ ଘଟିଥିଲା। ମାଉଜର କିଣିବା ଖୁସିରେ ସାଙ୍ଗମାନେ ପାର୍ଟି ମନାଉଥିବା ବେଳେ ଅସାବଧାନତା ଯୋଗୁଁ ଗୁଳିଫୁଟି ତପୁ ନାଏକର ଛାତିରେ ବାଜିବାରୁ ତାର ମୃତ୍ୟୁ ଘଟିଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି। ଏହି ଘଟଣାରେ ଧଉଳିଥାନା ପୋଲିସ ସମସ୍ତ ୮ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ନୟାଗଡ଼ ଜିଲ୍ଲା ରଣପୁର ଥାନା ନବଘନପୁରର ଉମେଶ କୁମାର ପଟ୍ଟନାୟକ (୩୦), ଧଉଳି ଥାନା ଶିଶୁପାଳଗଡ଼ ଜେନାସାହିର ବିଷ୍ଣୁପ୍ରସାଦ ସାମନ୍ତରାୟ ଓରଫ ପିକୁନ (୨୩), ନୟାଗଡ଼ ଜିଲ୍ଲା ଇଟାମାଟି ଥାନା କେନ୍ଦୁଟିପିର ରତ୍ନାକର ସାହୁ ଓରଫ ବାବୁଲ (୨୩), ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ଥାନା ପଥରଦ୍ୱାରର ଆଲୋକ ଜେନା (୩୦), ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ମଲ୍ଲିକପୁରର ମାନସ ସ୍ୱାଇଁ (୩୯), ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ଥାନା ବିଶ୍ୱାଳପଡ଼ାର ଅକ୍ଷୟ ପ୍ରଧାନ (୩୬), କଟକ ଜିଲ୍ଲା ବଡ଼ମ୍ବା ଥାନା ରତାପାଟର କଳିଙ୍ଗ କେଶରୀ ପାତ୍ର (୨୩) ଏବଂ ଶିଶୁପାଳଗଡ଼ ନବଜ୍ୟୋତି କଲେଜ ନିକଟ ଟଇଲସାହିର ଚିତ୍ରସେନ ଗଜେନ୍ଦ୍ର (୩୨)। ପୋଲିସ ଅଭିଯୁକ୍ତମାନଙ୍କ ଠାରୁ ଗୋଟିଏ ୭.୬୫ ଏମ୍ଏମ୍ ପିସ୍ତଲ, ଗୋଟିଏ ଜୀବନ୍ତ ଗୁଳି, ଗୋଟିଏ ଖୋକା, ବିଭିନ୍ନ ଜୈବିକ ଓ ଭୌତିକ ପ୍ରମାଣ ସାମଗ୍ରୀ ଏବଂ ଓଡି-୦୨-ସିଭି-୪୬୩୩ ନମ୍ବର ବିଶିଷ୍ଟ ଗୋଟିଏ ସୁଜୁକି ଆକ୍ସେସ୍ ସ୍କୁଟର ଜବତ କରିଛି। ଏହି ଘଟଣାରେ ମୃତକ ତପୁ ନାୟକଙ୍କ ପତ୍ନୀ ମାନସୀ ନାୟକ (୨୪)ଙ୍କ ଲିଖିତ ଅଭିଯୋଗ ଆଧାରରେ ଧଉଳି ଥାନାରେ କେସ୍ ନଂ ୩୦୫, ତାରିଖ ୦୫.୧୧.୨୦୨୬ ରୁଜୁ ହୋଇଛି। ଭାରତୀୟ ନ୍ୟାୟ ସଂହିତାର ଧାରା ୧୦୩(୧)/୩(୫), ଆର୍ମସ୍ ଆକ୍ଟର ଧାରା ୨୫(୧)(କ)/୨୭ ଏବଂ ଏସ୍ସି-ଏସ୍ଟି (ଅତ୍ୟାଚାର ନିରୋଧ) ଆଇନର ଧାରା ୩(୨)(ଭି) ଅନୁଯାୟୀ ମାମଲା ରୁଜୁ କରାଯାଇଛି। ପୋଲିସ ସୂଚନା ଅନୁସାରେ, କଟକ ଜିଲ୍ଲା ବୈଦେଶ୍ୱର ଥାନା ଅନ୍ତର୍ଗତ ଗୋଲଗଣ୍ଡା ଗାଁର ତପୁ ନାୟକ ସେ ଭୁବନେଶ୍ୱରର ତପୋବନସ୍ଥିତ ସୀତାରାମ ବସ୍ତିରେ ରହୁଥିଲେ। ତପୁ, ଉମେଶ ଓ ପିକୁନ ମିଶି ଠିକାଦାରୀ କାମ କରୁଥିଲେ। ତେବେ ଗତକାଲି ରାତି ପ୍ରାୟ ୧୦ଟା ବେଳେ ଉମେଶ ଫୋନ କରି ତପୁକୁ ଡାକିଥିଲା। ପରେ ତପୁ ଘରୁ ବାହାରି ଆସିଥିଲା। ଶିଶୁପାଳଗଡ଼ରେ ଥିବା ଉମେଶ ଅଫିସରେ ସମସ୍ତେ ମିଶି ଭୋଜି-ଭାତ କରିଥିଲେ। ଏହି ସମୟରେ ଏକ ମାଉଜର କିଣିଥିବା ନେଇ ଉମେଶ କହିବା ସହ ସେମାନଙ୍କୁ ଦେଖାଇଥିଲା। ମାଉଜର ଦେଖି ସମସ୍ତେ ଖସି ହୋଇଯାଇଥିବା ବେଳେ ପିକୁନ ବନ୍ଧୁକ ଖୋଲି ଟେଷ୍ଟ କରୁଥିଲେ। ହେଲେ ବନ୍ଧୁରେ ଗୁଳିଲୋଡ ଥିବାରୁ ତାହା ହଠାତ ଫୁଟି ତପୁର ଛାତିରେ ବାଜିଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲା। ତୁରନ୍ତ ପିକୁନ ଓ ଉମେଶ ତାଙ୍କୁ ନେଇ କ୍ୟାପିଟାଲ ହସପିଟାଲ ଯାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଏକ ଘରୋଇ ହସପିଟାଲକୁ ନେଇଯାଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହା ଜାଣିବା ପରେ ସେମାନେ ଦୁହେଁ ଫେରାର ହୋଇଯାଇଥିଲେ। ଫେରାର ପୂର୍ବରୁ ରତ୍ନାକର ଉକ୍ତ ମାଉଜରକୁ ନେଇ ଗଙ୍ଗୁଆ ନାଳରେ ଫିଙ୍ଗି ଦେଇଥିଲା। ଯାହାକୁ ପୋଲିସ ଅଗ୍ନିଶମବାହିନୀ ଟିମ ସହାୟତାରେ ଜବତ କରିଛି।

ପୋଲିସକୁ ଭୁଆଁ ବୁଲାଇଥିଲେ ଉମେଶ, ପିକୁନ

ପୋଲିସ କମିଶନର ସୁରେଶ ଦେବଦତ୍ତ କହିଛନ୍ତି, ଏହି ଘଟଣା ଗତକାଲି (ଗୁରୁବାର) ରାତି ଗୋଟାଏ ବେଳେ ଆମ ନଜରକୁ ଆସିଥିଲା। ଜଣେ ଲୋକଙ୍କୁ ଗୁଳି ବାଜିଥିବା ବେଳେ ତାକୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ବୋଲି ଖବର ମିଳିଥିଲା। ପୋଲିସ ଟିମ୍ ବୁଝିବାରୁ ସେତେବେଳେ ମୃତକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର ହୋଇଯାଇଥିଲେ। ଉକ୍ତ ଘରୋଇ ହସ୍ପିଟାଲରେ ଡାକ୍ତର ମୃତ ଘୋଷଣା କରିଥିଲେ। ଯେଉଁ ଲୋକମାନେ ମୃତକଙ୍କୁ ଆଣିଥିଲେ ସେମାନଙ୍କୁ ଖୋଜାଖୋଜି କରିବା ବେଳେ ସେମାନେ ଫେରାର ହୋଇଯାଇଥିଲେ। ହେଲେ କ୍ୟାପିଟାଲ ହସ୍ପିଟାଲରେ ତାଙ୍କ ନାଁ ରହିଥିଲା । ପରେ ସେମାନଙ୍କୁ ଡ଼କାଯିବାରୁ ୩୦ ମିନିଟ ଭିତରେ ପଳାଇ ଆସିଥିଲେ। ସେମାନେ ହେଲେ ଉମେଶ ଓ ପିକୁନ। ପ୍ରଥମେ ଉମେଶ ଓ ପିକୁନ ପୋଲିସକୁ ଭୁଆଁ ବୁଲାଇଥିଲେ। ଶିଶୁ ଭବନ ଫ୍ଲାଇ ଓଭର ବ୍ରିଜ୍ ଉପରେ ରାତିରେ ଠିଆ ହୋଇ ତପନ ଓ ଆମେ ଦୁଇ ଜଣ କଥାବାର୍ତ୍ତା ହେଉଥିଲୁ। ହେଲେ ଏହି ସମୟରେ ଜଣେ ବାଇକରେ ଦୁଇ ଦୁର୍ବୃତ୍ତ ଆସିଥିଲେ । ଜଣେ ମୁଖା ଓ ଅନ୍ୟଜଣେ ହେଲମେଟ ପିନ୍ଧିଥିଲା। ସେମାନେ ଆସି ଗୋଟିଏ ରାଉଣ୍ଡ ଗୁଳିମାଡ଼ କରିଥିଲେ। ଗୁଳି ତପନଙ୍କ ଶରୀରରେ ବାଜିଥିଲା। ତାପରେ ଦୁଇ ଦୁର୍ବୃତ୍ତ ଫେରାର ହୋଇଗଲେ, ସେମାନେ କିଏ ଥିଲେ ଆମେ ଜାଣିନାହୁଁ ବୋଲି ଉଭୟ କହିଥିଲେ। ଏହାପରେ ପୋଲିସ ସିସିଟିଭି ଫୁଟେଜ ଚେକ୍ କରିବା ସହ ଅନ୍ୟାନ୍ୟ ମାଧ୍ୟମରେ ତଦନ୍ତ କରିଥିଲା। ହେଲେ ଉଭୟଙ୍କ କଥା ଅନୁଯାୟୀ, ଫ୍ଲାଇ ଓଭର ଉପରେ କୌଣସି ଘଟଣା ଘଟିନଥିଲା ବୋଲି ପୋଲିସ ସ୍ପଷ୍ଟ ହୋଇଥିଲା। ସିସିଟିଭି ଯାଞ୍ଚ ପରେ ଉଭୟ ମୃତକଙ୍କୁ ଧରି ସିଧା କ୍ୟାପିଟାଲ ହସ୍ପିଟାଲ ଆସିଥିଲେ ବୋଲି ଜଣାପଡିଥିଲା। ଏହାପରେ ରାତିରେ ଉଭୟଙ୍କୁ ପଚରାଉଚରା କରାଯିବା ପରେ ଘଟଣା ପଛର ରହସ୍ୟ ସାମ୍ନାକୁ ଆସିଥିଲା। ଶିଶୁପାଳଗଡ଼ରେ ହିଁ ତପନଙ୍କ ଶରୀରରେ ଗୁଳି ବାଜିଥିବା ବେଳେ ଚିକିତ୍ସା ପାଇଁ ଉଭୟ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ଆଣିଥିଲେ ବୋଲି ଜଣାପଡିଥିଲା ବୋଲି ପୋଲିସ କମିଶନର କହିଛନ୍ତି। ସେମାନଙ୍କ ବୟାନକୁ ଆଧାର କରି ପୋଲିସ ଟିମ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି।

ସାଇବର ଠକଙ୍କ ଦ୍ୱାରା ୨.୬ ଲକ୍ଷ ହରାଇ ଜୀବନ ହାରିଲେ ଯୁବକ



ଭାପୁର(ନିପ୍ର): ସାଇବର ଠକଙ୍କ ପ୍ରଲୋଭନରେ ପ୍ରଲୋଭିତ ହୋଇ କମ ଟଙ୍କା ବିନିମୟରେ ବହୁ ଟଙ୍କା ପାଇବା ଆଶାରେ ସାଇବର ଠକଙ୍କ ହାବୁଡ଼ରେ ପଡି ୨ଲକ୍ଷ ୬ହଜାର ଟଙ୍କା ହରେଇଥିବା ଫତେଗଡ଼ ଥାନା ଅଞ୍ଚଳର ଯୁବକ ବିଷ ପାନ କରି ଜୀବନ ହାରିଥିବା ଭଳି ଦୁଃଖଦ ଘଟଣା ଘଟିଯାଇଛି। ଘଟଣାରୁ ପ୍ରକାଶ, ଫତେଗଡ଼ ଥାନା ବାଇଗୁଣିଆ ଗ୍ରାମ ଦାଣ୍ଡସାହିର ସୁରେନ୍ଦ୍ର ମହାରଣାଙ୍କ ସାନପୁଅ ଜଗନ ମହାରଣା (୩୩)ଙ୍କ ମୋବାଇଲକୁ ମଙ୍ଗଳବାର ସକାଳୁ ଏକ ଫୋନ କଲ ଆସିଥିଲା ଏବଂ ସେପଟୁ ଜନୈକ ଯୁବକ କହିଥିଲା ତୁମେ ୧୦୦୦ ଟଙ୍କା ପଠାଅ ତୁମକୁ ମିଳିବ ୩୦୦୦ ଟଙ୍କା। ସେ ପ୍ରଦାନ କରିଥିବା ଫୋନ ପେ ନମ୍ବରରେ ଜଗନ ୧୦୦୦ ଟଙ୍କା ପଠେଇଲା ଏବଂ ୩୦୦୦ ଟଙ୍କା ମଧ୍ୟ ଆକାଉଣ୍ଟକୁ ଆସିଥିଲା। ପରେପରେ ସାଇବର ଠକ ଜଗନକୁ ଫୋନ କରି କହିଲେ ୨ ଲକ୍ଷରୁ ଅଧିକ ଟଙ୍କା ପଠାଇଲେ ତୁମକୁ ୨୫ ଲକ୍ଷ ମିଳିବ। ଏହା ଶୁଣି ଜଗନ ଲୋଭରେ ବଶୀଭୂତ ହୋଇ ୨ ଲକ୍ଷ ୬ ହଜାର ଟଙ୍କାର ଏକ ଚେକ ପଠାଇଲା । ସାଇବର ଠକମାନେ ଏହି ଟଙ୍କା ପାଇବା ପରେ ଫୋନକୁ ସ୍ୱିଚ ଅଫ କରିଦେଲେ। ଏହା ଦେଖି ଜଗନ ମାନସିକ ଭାରସାମ୍ୟ ହରେଇ ବୁଧବାର ସକାଳ ସମୟରେ ବିଷ ପିଇ ଦେଇଥିଲା । ପରିବାର ପକ୍ଷରୁ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ମଧ୍ୟ ଅବସ୍ଥା ଗୁରୁତର ରହିଥିବାରୁ ଅଧିକ ଚିକିତ୍ସା ନିମନ୍ତେ ଭୁବନେଶ୍ୱର ପଠେଇ ଦେଇଥିଲେ। କିନ୍ତୁ ସେଠାରେ ମୃତ୍ୟୁ ହୋଇଯାଇଥିବା ପରିବାର ପକ୍ଷରୁ ପ୍ରକାଶ। ତାଙ୍କର ଗୁରୁବାର ଦିନ ଗ୍ରାମ୍ୟ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି।

ଯୌତୁକ ଲୋଭରେ ରକ୍ତମୁଖା ସ୍ୱାମୀ!

କଇଁଚିରେ ହତ୍ୟା ଉଦ୍ୟମ, ଦୁଇ ଝିଅଙ୍କୁ ଛାଡ଼ି ଘରୁ ବିଦା ହେଲେ ସ୍ତ୍ରୀ

ଧାମନଗର(ନିପ୍ର): ଯୌତୁକ ଦାବିରେ ଦୀର୍ଘ ୧୨ ବର୍ଷର ଦାମ୍ପତ୍ୟ ଜୀବନରେ ଲାଗିଲା ପୂର୍ଣ୍ଣଚ୍ଛେଦ! ଅଧିକ ଯୌତୁକ ପାଇଁ ଶାରୀରିକ ଓ ମାନସିକ ନିର୍ଯାତନାର ଶିକାର ହେବା ସହ ସ୍ୱାମୀଙ୍କ କଇଁଚି ଆକ୍ରମଣରେ ହତ୍ୟା ଉଦ୍ୟମର ଶିକାର ହୋଇଥିବା ଜଣେ ମହିଳା ଅଭିଯୋଗ କରିଛନ୍ତି। ଏପରିକି ରକ୍ତାକ୍ତ ଅବସ୍ଥାରେ ଘରୁ ବାହାର କରିଦେବାରୁ ଦୁଇ ଝିଅଙ୍କୁ ଛାଡ଼ି ଘର ଛାଡ଼ିବାକୁ ପଡ଼ିଥିବା ଅଭିଯୋଗ ଏବେ ଧାମନଗର ଅଞ୍ଚଳରେ ଚର୍ଚ୍ଚା ସୃଷ୍ଟି କରିଛି। ଅଭିଯୋଗ ଅନୁଯାୟୀ, ଧାମନଗର ଥାନା ଅନ୍ତର୍ଗତ ପଳିକିରି ଗ୍ରାମର ସୁକାନ୍ତ ସ୍ୱାଇଁଙ୍କ ସହ ଗାୟତ୍ରୀ ବାରିକଙ୍କର ୨୦୧୨ ମସିହାରେ ବୈଦିକ ରୀତିରେ ବିବାହ ହୋଇଥିଲା। ବିବାହ ସମୟରେ କନ୍ୟାପକ୍ଷ ନଗଦ ଟଙ୍କା, ସୁନା-ରୁପା ଅଳଙ୍କାର ଓ ଆସବାବପତ୍ର ଦେଇଥିଲେ। ହେଲେ ବିବାହର ଦୁଇବର୍ଷ ପରେ ପ୍ରଥମ କନ୍ୟା ସନ୍ତାନ ଜନ୍ମ ହେବା ପରଠାରୁ ଅଧିକ ଯୌତୁକ ଦାବିକରି ଶାଶୂଘର ଲୋକେ ନିର୍ଯାତନା ଦେବା ଆରମ୍ଭ କରିଥିବା ଗାୟତ୍ରୀ ଅଭିଯୋଗ କରିଛନ୍ତି। ୨୦୧୭ରେ ଦ୍ୱିତୀୟ କନ୍ୟାସନ୍ତାନ ଜନ୍ମ ପରେ ନିର୍ଯାତନା ଆହୁରି ବଢ଼ିଥିବା ଏବଂ ସ୍ୱାମୀ ମାରପିଟ୍ କରୁଥିବା ଏତଲାରେ ଉଲ୍ଲେଖ ରହିଛି। ପୀଡ଼ିତାଙ୍କ ଅଭିଯୋଗ ଅନୁସାରେ, ପ୍ରାୟ ତିନି ମାସ ପୂର୍ବେ ସ୍ୱାମୀ କଇଁଚିରେ ଆକ୍ରମଣ କରି ତାଙ୍କୁ ହତ୍ୟା କରିବାକୁ ଉଦ୍ୟମ କରିଥିଲେ। ଏହାପରେ ତାଙ୍କୁ ରକ୍ତାକ୍ତ ଅବସ୍ଥାରେ ଘରୁ ବାହାର କରି ଦିଆଯାଇଥିଲା। ଫଳରେ ନିଜର ଦୁଇ ଝିଅଙ୍କୁ ଶାଶୂଘରେ ଛାଡ଼ି ସେ ଘର ଛାଡ଼ିବାକୁ ବାଧ୍ୟ ହୋଇଥିଲେ। ଏ ନେଇ ଗାୟତ୍ରୀଙ୍କ ଲିଖିତ ଅଭିଯୋଗ ଆଧାରରେ ଧାମନଗର ଥାନାରେ କେସ୍ ନଂ୪୭୩/୨୦୨୬, ତା. ୪.୧୧.୨୦୨୬ରେ ମାମଲା ରୁଜୁ ହୋଇଛି। ପୋଲିସ ବିଏନ୍ଏସ୍‌ର ଧାରା ୮୫,୨୯୬, ୧୧୫(୨), ୩୫୧(୨) ଓ ୩(୫) ଅନୁଯାୟୀ ମାମଲା ରୁଜୁ କରିଛି। ଏସ୍ଆଇ କଳ୍ପନା ରାଉତ ଏହାର ତଦନ୍ତ କରୁଛନ୍ତି। ତେବେ ଘଟଣାର ପ୍ରକୃତ ସତ୍ୟତା ପୋଲିସ ତଦନ୍ତ ପରେ ସ୍ପଷ୍ଟ ହେବ। ତେବେ ଗାୟତ୍ରୀ ନ୍ୟାୟ ପାଇଁ ଏବେ ବାର ଦ୍ୱାର ବୁଲୁଛି। ପ୍ରଥମେ ମହିଳା କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ ଏବେ ଧାମନଗର ଥାନାରେ ଦ୍ୱାରସ୍ଥ ହୋଇଛନ୍ତି।

୨୫ ଲକ୍ଷ ଟଙ୍କାର ବେଆଇନ ବାଣ ପୋତାଗଲା

ଟିଗିରିଆ(ନିପ୍ର): ପୁରୁଣା ଟିଗିରିଆରୁ ଜବତ ହୋଇଥିବା ୨୫ ଲକ୍ଷ ଟଙ୍କାର ବେଆଇନ ବାଣକୁ ବାରମାଣ ସଂରକ୍ଷିତ ଜଙ୍ଗଲରେ ଜେସିବି ସାହାଯ୍ୟରେ ଗାତ ଖୋଳି ପାଣି ପକାଇ ପୋତାଯାଇଛି । ଏଥି ସହିତ ୨ ଜଣଙ୍କ ନାମରେ ମାମଲା ରୁଜୁ କରାଯାଇଛି । ବାଣଗୁଡ଼ିକ ପୋତିବା ସମୟରେ ତହସିଲଦାର, ଥାନା ଆଇଆଇସି, ସବ୍ କଲେକ୍ଟରଙ୍କ ସମେତ ଅନ୍ୟାନ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ ।

ଯୌନ ନିର୍ଯାତନା ମାମଲା

ଜାତୀୟ ମହିଳା କମିଶନଙ୍କ ଦ୍ୱାରସ୍ଥ ହେଲେ ପୂର୍ବତନ ଚୌଦ୍ୱାର ଜେଲର

କଟକ(ନିପ୍ର): ଜାତୀୟ ମହିଳା କମିଶନଙ୍କ ଦ୍ୱାରସ୍ଥ ହୋଇଛନ୍ତି ପୂର୍ବତନ ଚୌଦ୍ୱାର ଜେଲର। ଗତ ଫେବୃଆରୀ ୫ରେ ସେ କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ ଓ ସେହି ମାସ ୧୨ ତାରିଖରେ କମିଶନ ରାଜ୍ୟ ସରକାରଙ୍କ ଗୃହ ବିଭାଗ ଅତିରିକ୍ତ ସଚିବଙ୍କୁ ଆକ୍ସନ ଟେକେନ ରିପୋର୍ଟ ଦାଖଲ କରିବାକୁ ନୋଟିସ ଜାରି କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ପୂର୍ବତନ ଜେଲ୍ ଡିଜି ସୁଶାନ୍ତ ନାଥଙ୍କ ବିରୋଧରେ ସେ ଥାନାରେ ଏତଲା ଦେଇଛନ୍ତି। ଯୌନ ନିର୍ଯାତନାର ଶିକାର ହୋଇଥିବା ନେଇ ଅଭିଯୋଗ କରିଛନ୍ତି। ଏହାସହ ତୁରନ୍ତ ଘଟଣାରେ ହସ୍ତକ୍ଷେପ ସହ ନ୍ୟାୟ ପ୍ରଦାନ ପାଇଁ ଦାବି କରିଛନ୍ତି। ଏନେଇ ପୂର୍ବରୁ ଚୌଦ୍ୱାର ଥାନାରେ ସେ ଏତଲା ଦେଇଥିଲେ। ସୂଚନାଯୋଗ୍ୟ, ଆଇପିଏସ ସୁଶାନ୍ତ ନାଥଙ୍କ ଅନ୍ତରୀଣ ସୁରକ୍ଷା ଆବେଦନର ଶୁଣାଣି ଘୁଞ୍ଚିଛି। ଅନ୍ତରୀଣ ସୁରକ୍ଷା ଓ ମୂଳ ମାମଲା ଖାରଜ ଆବେଦନ ଶୁଣାଣି ଘୁଞ୍ଚାଇଛନ୍ତି ହାଇକୋର୍ଟ। ଆସନ୍ତା ୬ ତାରିଖକୁ ହାଇକୋର୍ଟ ଶୁଣାଣି ଘୁଞ୍ଚାଇଛନ୍ତି। କଟକ ଚୌଦ୍ୱାର ଜେଲ୍‌ର ପୂର୍ବତନ ମହିଳା ଜେଲରଙ୍କ ଯୌନ ନିର୍ଯାତନା ମାମଲାରେ ଗିରଫଦାରୀରୁ ସୁରକ୍ଷା ଲୋଡ଼ି କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି ସୁଶାନ୍ତ ନାଥ। ତାଙ୍କ ବିରୋଧରେ ରୁଜୁ ମାମଲାକୁ ଖାରଜ କରିବା ସହ ଅନ୍ତରୀଣ ସୁରକ୍ଷା ଏବଂ ଜାମିନ ପାଇଁ ମଧ୍ୟ ଆବେଦନ କରିଛନ୍ତି।

ଗିରଫ ହେଲେ ଥାନା ବାବୁ

କଟକ(ନିପ୍ର): ଗିରଫ ହେଲେ ଥାନା ବାବୁ। ସମ୍ବଲପୁରର ମହୁଲପାଲି ପୁଲିସ ଷ୍ଟେସନର ସବ-ଇନସ୍ପେକ୍ଟର ସୁଜିତ କୁମାର ମହାନ୍ତଙ୍କୁ ଓଡ଼ିଶା ଭିଜିଲାନ୍ସ ଗିରଫ କରିଛି। ଲାଞ୍ଚ ନେବା ଅଭିଯୋଗରେ ଗିରଫ ହେଲେ ମହୁଲପାଲି ଏସଆଇ ସୁଜିତ ମହାନ୍ତ। ଭିଜିଲାନ୍ସ ଟିମ୍ ତାଙ୍କୁ ଗିରଫ କରିଛି। କାଲି ୧୦ ହଜାର ଲାଞ୍ଚ ନେବାବେଳେ ତାଙ୍କୁ ଭିଜିଲାନ୍ସ ଧରିଥିଲା। ଭିଜିଲାନ୍ସକୁ ଦେଖି ପୋଖରୀକୁ ଡେଇଁପଡ଼ିଥିଲେ ଏସଆଇ। ପୋଖରୀରୁ ଏସଆଇଙ୍କୁ ଉଦ୍ଧାର କରି ଲାଞ୍ଚ ଟଙ୍କା ଜବତ କରିଥିଲା ଭିଜିଲାନ୍ସ। ଥାନା ପରିସର ରେଷ୍ଟରୁମରୁ ମଧ୍ୟ ୧ ଲକ୍ଷ ୫୫ ହଜାର ଟଙ୍କା ଜବତ ହୋଇଥିଲା ସବ-ଇନସ୍ପେକ୍ଟର ସୁଜିତ କୁମାର ମହାନ୍ତଙ୍କୁ ଅଭିଯୋଗକାରୀଙ୍କ ବିରୁଦ୍ଧରେ ତଦନ୍ତ ଅଧିକାରୀ ଥିବା ଉକ୍ତ ଥାନାରେ ପଞ୍ଜିକୃତ ଏକ ବିବିଧ ମାମଲା ଚୂଡ଼ାନ୍ତ କରିବା ପାଇଁ ଜଣେ ଅଭିଯୋଗକାରୀଙ୍କଠାରୁ ୧୦,୦୦୦ ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ଗିରଫ କରିଛି। ଆଜି ତାଙ୍କୁ ସମ୍ବଲପୁରର ମାନ୍ୟବର ସ୍ୱତନ୍ତ୍ର ବିଚାରପତି, ଭିଜିଲାନ୍ସଙ୍କ କୋର୍ଟକୁ ପଠାଯାଉଛି। ଏହି ସମ୍ପର୍କରେ ସମ୍ବଲପୁର ଭିଜିଲାନ୍ସ ପି.ଏସ୍. ଅଭିଯୁକ୍ତ ପୁଲିସ ଏସଆଇ ସୁଜିତ କୁମାର ମହାନ୍ତଙ୍କ ବିରୋଧରେ ମାମଲା ନଂ.୨୧/୨୦୨୬ ୟୁ/ଏସ୍.୭ ପି.ସି. (ସଂଶୋଧନ) ଆଇନ, ୨୦୧୮ ରୁଜୁ କରାଯାଇଛି। ତଦନ୍ତ ଜାରି ରହିଛି।

ଗୁରୁ କେଳୁଚରଣ ପାର୍କ ନିକଟ ଜଙ୍ଗଲରୁ ମଣିଷ କଙ୍କାଳ ଉଦ୍ଧାର ଘଟଣା

ନିଖୋଜ ଶରତ ସାହୁଙ୍କ କଙ୍କାଳ ହୋଇଥିବା ସନ୍ଦେହ

ଡିଏନ୍ଏ ପରୀକ୍ଷା ପରେ ହେବ ପରିଚୟ ସ୍ପଷ୍ଟ

ଭୁବନେଶ୍ୱର(ନି.ପ୍ର) : ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଗାଡ଼କଣସ୍ଥିତ ଗୁରୁ କେଳୁଚରଣ ପାର୍କ ନିକଟ ଜଙ୍ଗଲରୁ ମଣିଷର କଙ୍କାଳ ଉଦ୍ଧାର ଘଟଣାର ସୁରାକ ମିଳିଛି। ପାର୍କର ପାଚେରି ବାହାରେ ଥିବା ଏକ ଜଙ୍ଗଲିଆ ଅଞ୍ଚଳରୁ ଖପୁରୀ, ଗୋଡ଼ର ହାଡ଼ ସମେତ ଶରୀରର ଅନ୍ୟାନ୍ୟ ହାଡ଼ ଉଦ୍ଧାର କରାଯାଇଥିଲା। ଏହି କଙ୍କାଳଟି ଡମଣା ହାଟ ବସ୍ତିର ନିଖୋଜ ବ୍ୟକ୍ତି ଶରତ ସାହୁଙ୍କର ହୋଇଥାଇପାରେ ବୋଲି ପୁଲିସ ସନ୍ଦେହ କରୁଛି। ତେବେ ବୈଜ୍ଞାନିକ ପରୀକ୍ଷା ପରେ ହିଁ ମୃତକଙ୍କ ପରିଚୟ ସ୍ପଷ୍ଟ ହେବ। ପୁଲିସ ସୂଚନା ଅନୁଯାୟୀ, ଖବରପାଇ ମଞ୍ଚେଶ୍ୱର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି କଙ୍କାଳର ବିଭିନ୍ନ ଅଂଶ ଉଦ୍ଧାର କରିଥିଲା। ଏନେଇ ମଞ୍ଚେଶ୍ୱର ଥାନାରେ ଅପମୃତ୍ୟୁ ମାମଲା (ୟୁଡି କେସ୍ ନଂ ୨୮୨/୨୦୨୬) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ପ୍ରାଥମିକ ଡାକ୍ତରୀ ଯାଞ୍ଚରୁ କଙ୍କାଳଟି ପ୍ରାୟ ୫୦ରୁ ୬୦ବର୍ଷ ବୟସ୍କ ବ୍ୟକ୍ତିଙ୍କର ବୋଲି ଆକଳନ କରାଯାଇଛି। ଏହାପରେ ମଞ୍ଚେଶ୍ୱର ଥାନାରେ ଥିବା ନିଖୋଜ ବ୍ୟକ୍ତିଙ୍କ ରେଜିଷ୍ଟର ଯାଞ୍ଚ କରାଯାଇଥିଲା। ଏଥିରେ ଦୁଇଜଣ ନିଖୋଜ ପୁରୁଷଙ୍କ ସମ୍ପର୍କରେ ତଥ୍ୟ ମିଳିବା ପରେ ପୁଲିସ ଅଧିକ ଯାଞ୍ଚ କରିଥିଲା। ଏହି ସମୟରେ ଦାମଣା ହାଟ ବସ୍ତିର ବାସିନ୍ଦା ଶରତ ସାହୁ ଗତ ୨୯.୦୮.୨୦୨୬ ତାରିଖରୁ ଆଦିମାତା କଲୋନି ଅଞ୍ଚଳରୁ ନିଖୋଜ ଥିବା ଜଣାପଡ଼ିଥିଲା। କଙ୍କାଳ ଉଦ୍ଧାର ସ୍ଥାନଟି ନିଖୋଜ ହୋଇଥିବା ଅଞ୍ଚଳର ନିକଟବର୍ତ୍ତୀ। ଏହି ନିଖୋଜ ଘଟଣାରେ ମଞ୍ଚେଶ୍ୱର ଥାନାରେ କେସ୍ ନଂ ୬୩୮/୨୦୨୬, ଭାରତୀୟ ନ୍ୟାୟ ସଂହିତାର ଧାରା ୧୩୭(୨) ଅନୁଯାୟୀ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି। ପୁଲିସ ନିଖୋଜ ବ୍ୟକ୍ତିଙ୍କ ପରିବାର ସଦସ୍ୟଙ୍କୁ ପଚରାଉଚରା କରିଥିଲା। ପରିବାର ପକ୍ଷରୁ କୁହାଯାଇଥିଲା ଯେ, ନିଖୋଜ ହେବା ସମୟରେ ଶରତ ହାଫ୍ ପ୍ୟାଣ୍ଟ ଏବଂ ଏକ ସ୍ୱତନ୍ତ୍ର ଲେଖା ଥିବା ନୀଳ ରଙ୍ଗର ଗୋଲ୍ ବେକ ଟି-ସାର୍ଟ ପିନ୍ଧିଥିଲେ। କଙ୍କାଳ ନିକଟରୁ ମଧ୍ୟ ସମାନ ଲେଖା ଥିବା ନୀଳ ଟି-ସାର୍ଟ ଓ ହାଫ୍ ପ୍ୟାଣ୍ଟ ମିଳିଛି। ଏହି ସମସ୍ତ ତଥ୍ୟକୁ ଆଧାର କରି ଉଦ୍ଧାର କଙ୍କାଳଟି ଶରତ ସାହୁଙ୍କର ହୋଇଥାଇପାରେ ବୋଲି ଯଥେଷ୍ଟ ସନ୍ଦେହ ସୃଷ୍ଟି ହୋଇଛି। ତେବେ ଏଯାଏଁ ତାଙ୍କ ପରିଚୟ ନିଶ୍ଚିତ ହୋଇନାହିଁ। ଡିଏନ୍ଏ ପ୍ରୋଫାଇଲିଂ ସମେତ ଅନ୍ୟାନ୍ୟ ଫରେନ୍‌ସିକ୍ ପରୀକ୍ଷା ପରେ ମୃତକଙ୍କ ପରିଚୟ ସ୍ପଷ୍ଟ ହେବ। ଘଟଣାର ଅଧିକ ତଦନ୍ତ ଓ ଯାଞ୍ଚ ଜାରି ରହିଛି।

ଜଗତସିଂହପୁର ପୋଲିସ ଫେରାଇଲା

୨୮ ଲକ୍ଷ ଟଙ୍କାର ୧୩୫ ମୋବାଇଲ ଫୋନ୍

ଜଗତସିଂହପୁର: ଅପରେସନ ରିକନେକ୍ଟ ଅଭିଯାନ ଅଧୀନରେ ଜଗତସିଂହପୁର ଜିଲ୍ଲା ପୋଲିସ ଗୁରୁବାର ୧୩୫ଟି ହଜିଯାଇଥିବା ଓ ଚୋରି ହୋଇଥିବା ମୋବାଇଲ ଫୋନ୍ ଉଦ୍ଧାର କରି ସେଗୁଡ଼ିକର ପ୍ରକୃତ ମାଲିକଙ୍କୁ ଫେରାଇଛି। ଉଦ୍ଧାର ମୋବାଇଲଗୁଡ଼ିକର ଆନୁମାନିକ ମୂଲ୍ୟ ୨୮.୦୨ ଲକ୍ଷ ଟଙ୍କା। ଏହି ଅବସରରେ ଜଗତସିଂହପୁର ଜିଲ୍ଲା ପୋଲିସ କାର୍ଯ୍ୟାଳୟରେ ଥିବା ଜିଲ୍ଲା ଗୁଇନ୍ଦା ବିଭାଗ (ଡିଆଇବି) ସମ୍ମିଳନୀ କକ୍ଷରେ ମୋବାଇଲ ହସ୍ତାନ୍ତର ମେଳା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ କେନ୍ଦ୍ରାଞ୍ଚଳ ପୋଲିସ ଆଇଜି ଡ. ସତ୍ୟଜିତ ନାଏକ ଏବଂ ଜଗତସିଂହପୁର ଏସ୍ପି ଅଙ୍କିତ କୁମାର ବର୍ମାଙ୍କ ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ପୋଲିସ ସୂଚନା ଅନୁଯାୟୀ, ଏହି ପର୍ଯ୍ୟାୟରେ ଫେରସ୍ତ କରାଯାଇଥିବା ୧୩୫ଟି ମୋବାଇଲର ମୋଟ ଆନୁମାନିକ ମୂଲ୍ୟ ୨୮ ଲକ୍ଷ ୨ ହଜାର ୬୦୧ ଟଙ୍କା। ଏଥିରେ ଭିଭୋ, ଓପୋ, ରିଅଲମି, ସାମସଙ୍ଗ, ୱାନ୍‌ପ୍ଲସ୍, ରେଡମି, ମୋଟୋରୋଲା, ଆପଲ, ନଥିଂ, ପୋକୋ, ଟେକ୍ନୋ ଏବଂ ଲାଭା ଭଳି ୧୨ଟି କମ୍ପାନୀର ମୋବାଇଲ ରହିଛି।

ଅବକାରୀ ଧରପଗଡ: ବିଦେଶୀ ମଦ ଜବତ




ହିଞ୍ଜିଳିକାଟୁ(ନିପ୍ର): ହିଞ୍ଜିଳି ଓ ପୁରୁଷୋତ୍ତମପୁର ଅବକାରୀ ବିଭାଗ ଗୁରୁବାର ମିଳିତ ଚଢ଼ଉ କରି ହିଞ୍ଜିଳିକାଟୁ ଅବକାରୀ ଥାନା ଅଞ୍ଚଳର ରାଳବ-ନନ୍ଦିକ ରାସ୍ତା ନିକଟରୁ ୯୦ ଲିଟର ବିଦେଶୀ ମଦ ଓ ୧୨୫ ଲିଟର ବିୟର ଜବତ କରିଛି। ବେଆଇନ ଭାବେ ବିଦେଶୀ ମଦ ଓ ବିଅର ବିକ୍ରି କରୁଥିବା ଅଭିଯୋଗ ଆଧାରରେ ନନ୍ଦିକ ଗ୍ରାମର ନିଳାଞ୍ଚଳ ବେହେରା ନାମକ ଜଣେ ଯୁବକଙ୍କୁ ଗିରଫ କରି ତା ନିକଟରୁ ବିକ୍ରି ବାବଦ ଅର୍ଥ ରାଶି ୧୨୮୦/- ଟଙ୍କା ଜବତ ହୋଇଛି। ଏ ନେଇ ପୁରୁଷୋତ୍ତମପୁର ରେଞ୍ଜ ଅବକାରୀ ନିରୀକ୍ଷକ ପ୍ରଦୀପ କୁମାର ମହାନ୍ତି ପିଆର କେସ ନଂ ୯୪/୨୬-୨୭ରେ ଏକ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି। ଅବକାରୀ ବିଭାଗ ସୂଚନା ମୁତାବକ ହିଞ୍ଜିଳିକାଟୁ ଅବକାରୀ ଥାନା ଅଞ୍ଚଳର ରାଳବ-ନନ୍ଦିକ ରାସ୍ତା ନିକଟରେ ଦୀର୍ଘ ଦିନ ଧରି ଅବୈଧ ଭାବେ ବିଦେଶୀ ମଦ ଓ ବିୟର ବିକ୍ରି ହୋଇଥିବା ନେଇ ପୁରୁଷୋତ୍ତମପୁର ରେଞ୍ଜ ଅଧିକାରୀଙ୍କୁ ସୂଚନା ମିଳିଥିଲା। ଏହାକୁ ଆଧାର କରି ହିଞ୍ଜିଳିକାଟୁ ଅବକାରୀ ଥାନା ଉପ ନିରୀକ୍ଷକ ସଂଗ୍ରାମ କେଶରୀ ମାର୍ଣ୍ଡି ଓ ଟିମ ସହ ରେଞ୍ଜ ନିରୀକ୍ଷକ ପ୍ରଦୀପ କୁମାର ମହାନ୍ତି ସଦଳବଳେ ପହଞ୍ଚି ଚଢାଉ କରିଥିଲେ। ସୂଚନା ଯୋଗ୍ୟ, ହିଞ୍ଜିଳିକାଟୁ ଅବକାରୀ ଥାନାର ନନ୍ଦିକ ଗ୍ରାମରେ ଦୀର୍ଘ ଦିନ ଧରି ଦେଶୀ ମହୁଲି ମଦର ଅବାଧ କାରବାର ଚାଲୁ ରହିଛି। ସମ୍ପୃକ୍ତ ଗ୍ରାମରେ ପୁରୁଷୋତ୍ତମପୁର ଏବଂ ହିଞ୍ଜିଳିକାଟୁ ଅଞ୍ଚଳର ଦେଶୀ ମହୁଲି ମଦ ପ୍ରସ୍ତୁତି ଭାଟିରୁ ଭିନ୍ନ ଭିନ୍ନ ସ୍ଥାନରେ ଉଭୟ ଭାଟିର ଦେଶୀ ମହୁଲି ମଦ ପ୍ରତିଯୋଗିତା ମୂଳକ ଭାବେ ବିକ୍ରି ହୋଇଥିବା ଜଣାପଡ଼ିଛି। ପୁରୁଷୋତ୍ତମପୁର ଦେଶୀ ମହୁଲି ମଦ ବିକ୍ରି ପାଇଁ ବିଭାଗୀୟ ଅନୁମତି ମିଳିଥିବା ବେଳେ ହିଞ୍ଜିଳିକାଟୁ ଦେଶୀ ମହୁଲି ମଦ ବିକ୍ରି ହେଉଥିବା ଜଣା ପଡ଼ିଛି।ଏଭଳି ବେଆଇନ କାରବାର ଚାଲୁଥିବା ମଦ ଦୋକାନ ଗୁଡିକ ଉପରେ ଅବକାରୀ ବିଭାଗ ଅଧିକାରୀ ମାନେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପଛଘୁଞ୍ଚା ଦେଉଥିବା ସାଧାରଣରେ ଅଭିଯୋଗ ହେଉଛି। ଆଗାମୀ ଦିନରେ ବିଷାକ୍ତ ମଦ ମୃତ୍ୟୁ ଘଟଣା ଘଟିପାରେ ବୋଲି ଅଞ୍ଚଳବାସୀଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଇଛି। ଏହା ଉପରେ ଦୃଷ୍ଟି ଅବକାରୀ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସଚେତନ ମହଲରେ ଆଲୋଚନା ହେଉଛି।

ଧାରା ୧୨୯ ମାମଲାରେ ଅତିରିକ୍ତ ଦୌରା ଅଦାଲତରୁ ଆଶ୍ୱସ୍ତି

ଖସିଯିବେ ଗ୍ୟାଙ୍ଗଷ୍ଟର ସୁଶୀଲ ଓ ସୁଶାନ୍ତ ଧଳସାମନ୍ତ !

କଟକ(ନିପ୍ର): ଗ୍ୟାଙ୍ଗଷ୍ଟର ସୁଶୀଲ ଓ ସୁଶାନ୍ତ ଧଳସାମନ୍ତ ଜେଲ୍‌ରୁ ମୁକୁଳିବାର ବାଟ ସଫା ହେବାରେ ଲାଗିଛି। ଅଭ୍ୟାସଗତ ଅପରାଧୀଙ୍କ ପାଇଁ ଥିବା ବିଏନ୍ଏନ୍ଏସ୍‌ର ଧାରା ୧୨୯ (ପୂର୍ବର ସିଆରପିସିର ଧାରା ୧୧୦) ଅନୁସାରେ ରୁଜୁ ମାମଲାରେ ଉଭୟଙ୍କୁ କଟକ ଦ୍ୱିତୀୟ ଅତିରିକ୍ତ ଦୌରା ଜଜ୍ ଅଦାଲତରୁ ଆଶ୍ୱସ୍ତି ମିଳିଛି। କଟକ ଏଡିସିପି ତଥା ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ୍ ଧାରା ୧୨୯ ମାମଲାରେ ୨୦୨୬ ଜୁଲାଇ ୨୭ରେ ପ୍ରଦାନ କରିଥିବା ନିର୍ଦ୍ଦେଶ ବିରୋଧରେ ଉଭୟ ଦାୟର କରିଥିବା ପୃଥକ୍ ଆବେଦନକୁ ଅତିରିକ୍ତ ଦୌରାଜଜ୍ ଅଦାଲତ ଗ୍ରହଣ କରିଛନ୍ତି। ବିଏନ୍ଏସ୍ଏସ୍‌ର ଧାରା ୧୩୦, ୧୩୩ ଓ ୧୩୫(୩)ରେ ଥିବା ବ୍ୟବସ୍ଥା ପାଳନ କରି ପିଆର (ପୁଲିସ ରିପୋର୍ଟ)ର କପି ସୁଶୀଲ ଓ ସୁଶାନ୍ତଙ୍କୁ ପ୍ରଦାନ କରିବାକୁ ଏଡିସିପି ତଥା ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କୁ ଅତିରିକ୍ତ ଦୌରା ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଏଥି ସହିତ ସୁଶୀଲ ଓ ସୁଶାନ୍ତଙ୍କୁ ଆଇନ ଅନୁସାରେ ସର୍ତ୍ତାରୋପ କରି ଛାଡ଼ିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ମର୍କତନଗର ଥାନା ଆଇଆଇସିଙ୍କ ପିଆର ଆଧାରରେ ଧାରା ୧୨୯ ମାମଲାରେ ଏଡିସିପି ତଥା ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ୍ ଜୁଲାଇ ୨୭ର ନିର୍ଦ୍ଦେଶ ପ୍ରଦାନ କରିଥିଲେ। ସୁଶାନ୍ତ ଓ ସୁଶୀଲ ଆସାମାଜିକ, ସେମାନଙ୍କ ପୁରୁଣା ଆପରାଧିକ ମାମଲା ରହିଛି, ଉଭୟ ଚାଉଳିଆଗଞ୍ଜ ଥାନାରେ ୨୦୧୬ରେ ଆଇପିସିର ଦଫା ୩୮୭, ୧୨୦(ବି), ୩୪, ଆର୍ମସ ଆକ୍ଟର ଧାରା ୨୫(୧-ଏଏ), ୨୭ ଓ ମର୍କତନଗର ଥାନାରେ ୨୦୨୦ରେ ଆଇପିସିର ଦଫା ୩୮୭, ୧୨୦-ବି, ଆର୍ମସ ଆକ୍ଟର ଧାରା ୨୫(୧-ଏ),୨୫(୧-ଏଏ),୨୫(୧-ବି)ରେ ରୁଜୁ ମାମଲାରେ ଜେଲ୍‌ରେ ଅଛନ୍ତି ବୋଲି ଦର୍ଶାଯାଇଥିଲା। ଉଭୟଙ୍କୁ ଅଭାସୀ ମାଧ୍ୟମରେ ଏଡିସିପି ତଥା ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ନିକଟରେ ହାଜର କରାଯାଇଥିଲା ଏବଂ ପିଆରକୁ ପଢ଼ି ଶୁଣାଇବା ସହ ବୁଝାଇ ଦିଆଯାଇଥିଲା। ଅଗଷ୍ଟ ୭ରେ ମାମଲାରେ କାରଣ ଦର୍ଶାଇ ଜବାବ ଦାଖଲ କରିବାକୁ କୁହାଯାଇଥିଲା। ଏହାପରେ ବିଭିନ୍ନ ତାରିଖକୁ ମାମଲା ଘୁଞ୍ଚି ଚାଲିଥିଲା। ବଣ୍ଡ ଦେବାକୁ ଅନୁମତି ଲୋଡ଼ି ମାମଲାରେ ଛାଡ଼ ପାଇବାକୁ ଉଭୟଙ୍କ ତରଫରୁ ଆବେଦନ ମଧ୍ୟ କରାଯାଇଥିଲେ ମଧ୍ୟ କିଛି ସୁଫଳ ମିଳିନଥିଲା। ୨୦୨୬ ସେପ୍ଟେମ୍ବର ୭ରେ ଚାଉଳିଆଗଞ୍ଜ ଓ ମର୍କତନଗର ଥାନା ମାମଲାରେ ସୁଶୀଲ ଓ ସୁଶାନ୍ତଙ୍କୁ ଜାମିନରେ ଛାଡ଼ିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପକ୍ଷରେ ଧାରା ୧୨୯ ମାମଲା ସେମାନଙ୍କ ଜେଲ୍‌ରୁ ମୁକୁଳିବା ବାଟରେ ବାଧା ସୃଷ୍ଟି କରିଥିଲା। ସୂଚନାଯୋଗ୍ୟ ଯେ ଦୀପୁ ଓ ଓମ୍ ହତ୍ୟା ଘଟଣା ସମେତ ୪ଟି ଦୌରା ଅଦାଲତ ମାମଲାରେ ଏବଂ ୧୨ଟି ମାଜିଷ୍ଟ୍ରେଟ ଅଦାଲତରେ ବିଚାରଯୋଗ୍ୟ ମାମଲାରେ ଉଭୟ ନିର୍ଦ୍ଦୋଷ ହୋଇ ସାରିଛନ୍ତି। ସୁପ୍ରିମକୋର୍ଟ ଦୁଇଟି ମାମଲାରେ ଉଭୟଙ୍କୁ ଜାମିନରେ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ଅବଶିଷ୍ଟ ମାମଲାରେ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଜାମିନ ମିଳିସାରିଛି। ଧାରା ୧୨୯ ମାମଲାରେ ଉଭୟଙ୍କ ଆବେଦନକୁ ଅତିରିକ୍ତ ଦୌରା ଜଜ୍ ଅଦାଲତ ଗ୍ରହଣ କରିବା ପରେ ଜେଲ୍‌ରୁ ମୁକୁଳିବାର ସମ୍ଭାବନା ଦେଖାଦେଇଛି। ଉଭୟଙ୍କ ତରଫରୁ ଆଇନଜୀବୀ ପ୍ରସନ୍ନ କୁମାର ମହାନ୍ତି ମାମଲା ପରିଚାଳନା କରୁଥିଲେ।

ମହିଳାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗ: ଅଭିଯୁକ୍ତ ଗିରଫ



କୁଚିଣ୍ଡା(ନିପ୍ର): ମହିଳାଙ୍କୁ ଅସଦାଚରଣ ସହ ବଳାତ୍କାର ଉଦ୍ୟମ କରିବା ଅଭିଯୋଗରେ ସମ୍ବଲପୁର ଜିଲ୍ଲା ଗୋବିନ୍ଦପୁର ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବାମରା ମୁଣ୍ଡାଡିପା ଗ୍ରାମର ପବିତ୍ର କୁମାର ସାହୁ (୫୨)। ପିଡିତା ମହିଳାଙ୍କ ଅଭିଯୋଗ କ୍ରମେ ପୋଲିସ ଗୋବିନ୍ଦପୁର ଥାନାରେ ଧାରା ୬୪/୬୨/ ୭୫(୧)/୧୧୫(୨)ବିଏନଏସ (ନଂ.୧୭୦/୨୬)ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୁଚିଣ୍ଡା ଏସଡ଼ିଜେଏମ୍ କୋର୍ଟକୁ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଗୋବିନ୍ଦପୁର ଆଇଆଇସି ପଦ୍ମାଳୟା ସାହୁ ସୂଚନା ଦେଇଛନ୍ତି। ପୋଲିସର ସୂଚନା ଅନୁଯାୟୀ, ଗତ ୩୧ ତାରିଖରେ ପିଡିତା ମହିଳା ଜଣକ କୌଣସି କାମରେ ଝାରସୁଗୁଡ଼ା ଯାଇଥିଲେ। ପୁରୀ-ରାଉରକେଲା ପାସେଞ୍ଜର ଟ୍ରେନ୍ ଯୋଗେ ସେ ବାମରା ଷ୍ଟେସନରେ ଓହ୍ଲାଇଥିଲେ। ରାତି ପ୍ରାୟ ୯ଟା ସମୟରେ ଅଭିଯୁକ୍ତ ସାହୁ ତାଙ୍କୁ ଗରିଆମାଲ ସ୍ଥିତ ଏକ ହୋଟେଲରେ ରାତ୍ରିଭୋଜନ ପାଇଁ ଡାକି ନେଇଥିଲେ। ଭୋଜନ ପରେ ନିଜ ମୋଟରସାଇକେଲ (ଓଆର-୧୫କେ-୮୦୮୭)ରେ ତାଙ୍କୁ ସୁନ୍ଦରଗଡ଼ ଅଭିମୁଖେ ନେଇଯାଇଥିଲେ। ସେଠାରେ ଏକ ଲଜ୍‌ରେ ସ୍ୱାମୀ-ସ୍ତ୍ରୀ ପରିଚୟ ଦେଇ ଅଭିଯୁକ୍ତ ସାହୁ ଏକ ରୁମ୍ ବୁକ୍ କରିଥିଲେ। ତେବେ ମହିଳା ଜଣକ ପ୍ରତିବାଦ କରି ରୁମ ଭିତରକୁ ଯାଇ ନଥିଲେ। ପରେ ଅଭିଯୁକ୍ତ ଜଣକ ମହିଳାଙ୍କୁ ମୋଟରସାଇକେଲରେ ଫେରାଇ ଆଣୁଥିବା ସମୟରେ ରାତି ପ୍ରାୟ ସାଢେ ୧ଟାରେ ତାଙ୍କ ସହ ଅସଦାଚରଣ କରିବା ସହ ବଳାତ୍କାର ଉଦ୍ୟମ କରିଥିବା ମହିଳା ଜଣକ ମଙ୍ଗଳବାର ରାତିରେ ଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଗୋବିନ୍ଦପୁର ପୋଲିସ ତଦନ୍ତ କରି ଅଭିଯୁକ୍ତ ସାହୁଙ୍କୁ ଗିରଫ କରିଥିଲା।





ରବୀନ୍ଦ୍ର ମଣ୍ଡପ: 'ଉଦ୍ର'ର ଦ୍ୱିତୀୟ ସଂଧ୍ୟା କାର୍ଯ୍ୟକ୍ରମରେ ଗୁରୁ ସହଦେବ ପାଢ଼ୀ ମେମୋରିଆଲ ଆୱାର୍ଡ ଓଡ଼ିଶୀ ଭୋକାଲିଷ୍ଟ ଗୁରୁ ହରେକୃଷ୍ଣ ରାଉତଙ୍କୁ ପ୍ରଦାନ(ବାମ) ଓ ସାଂସ୍କୃତିକ କାର୍ଯ୍ୟକ୍ରମ(ଡାହାଣ)

ଆସିକା ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ନିଲମ୍ବିତ

ଆସିକା, ୫।୧୧ (ନିପ୍ର): ଆସିକା ମ୍ୟୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେଶ କୁମାର ମହାପାତ୍ର ନିଲମ୍ବିତ ହୋଇଛନ୍ତି। କାର୍ଯ୍ୟରେ ଅବହେଳା ଅଭିଯୋଗରେ ଗତକାଲି ତାଙ୍କୁ ମୂଳ ବିଭାଗ ନଗର ଉନ୍ନୟନ ବିଭାଗକୁ ଫେରାଇ ଦିଆଯାଇଥିବା ବେଳେ ବୁଧବାର ତାଙ୍କ ନିଲମ୍ବନ ଆଦେଶ ପହଞ୍ଚିଛି। ତାଙ୍କ ସ୍ଥାନରେ ରମ୍ଭା ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଗତ ୨୯ ତାରିଖରେ ହୋଇଥିବା ବନ୍ୟା ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ ଠିକ୍ ଭାବେ ନ କରିବା, ସ୍ୱତନ୍ତ୍ର ଡାକବାଜି ଯନ୍ତ୍ର ବଦଳରେ ଅଳିଆ ବୁହା ଗାଡ଼ି ମାଧ୍ୟମରେ ବନ୍ୟା ସମ୍ପର୍କିତ ସୂଚନା ପ୍ରଚାର କରିବା ଏବଂ ରିଲିଫ୍ ଓ ରନ୍ଧାଖାଦ୍ୟ ବଣ୍ଟନରେ ଅନିୟମିତତା ଆଦି ଅଭିଯୋଗ ତାଙ୍କ ବିରୋଧରେ ରହିଥିଲା। ଏଥିସହ ସହରର ସଫେଇ ଓ ମରାମତି କାର୍ଯ୍ୟରେ ଅବହେଳା ଏବଂ ମ୍ୟୁନିସିପାଲିଟି କାର୍ଯ୍ୟାଳୟରେ ଯୁବ ଆଇଏଏସ୍ ଅଧିକାରୀ ତଥା ସିଡିଓ ସମୀର ଜେନାଙ୍କୁ ଦୁର୍ବ୍ୟବହାର ଘଟଣାରେ ପଦକ୍ଷେପ ନ ନେବା ଭଳି ଅଭିଯୋଗ ମଧ୍ୟ ଉଠିଥିଲା। ପ୍ରକାଶ ଥାଉକି, ରାଜେଶ ମହାପାତ୍ର ପ୍ରାୟ ଦୁଇ ବର୍ଷ ପୂର୍ବେ ମାଲକାନଗିରିରୁ ବଦଳି ହୋଇ ଆସି ଆସିକାରେ ନିଯୁକ୍ତି ପାଇଥିଲେ।

କେନ୍ଦୁଝର ଗସ୍ତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

୬ ଓ ୭ ରେ ବିଭିନ୍ନ ପ୍ରକଳ୍ପର ଉଦ୍ଘାଟନ ଓ ଶିଳାନ୍ୟାସ



କେନ୍ଦୁଝର, ୫/୧୧(ନିପ୍ର): ଚାରି ଦିନିଆ ଗସ୍ତରେ କେନ୍ଦୁଝରରେ ପହଞ୍ଚିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ଗସ୍ତ ସମୟରେ ଜିଲ୍ଲାର ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ଜଳସେଚନ କ୍ଷେତ୍ର ସମେତ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍ଘାଟନ ଏବଂ ଶିଳାନ୍ୟାସ କରିବେ ମୁଖ୍ୟମନ୍ତ୍ରୀ। ଏନେଇ ଜାରି ହୋଇଛି ଗସ୍ତର ବିସ୍ତୃତ କାର୍ଯ୍ୟସୂଚୀ। କାର୍ଯ୍ୟସୂଚୀ ଅନୁଯାୟୀ ଶୁକ୍ରବାର ସକାଳ ୯ଟା ୩୦ରେ ଧରଣୀଧର ବିଶ୍ୱବିଦ୍ୟାଳୟର ଦକ୍ଷିଣ କ୍ୟାମ୍ପସରେ ଏକାଡେମିକ୍ ବିଲ୍ଡିଂ ଓ ଛାତ୍ରାବାସର ଉଦ୍ଘାଟନ ସହ ଅନ୍ୟ ଏକ ପ୍ରକଳ୍ପର ଶିଳାନ୍ୟାସ କରିବେ। ସକାଳ ୯ଟା ୫୫ରେ ମାଳିଗାଁଠାରେ ଟେକ୍ନୋଲୋଜି ବିଜନେସ୍ ପାର୍କର ଭୂମିପୂଜନ କରିବେ। ସେହିପରି ସକାଳ ୧୦ଟା ୨୦ରେ କେନ୍ଦୁଝର ଡିଡିଏମ୍ବିଏଚ୍ ଠାରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ବିଭାଗ, କ୍ୟାନ୍ସର ସ୍କ୍ରିନିଂ ୟୁନିଟ୍, ମଡ୍ୟୁଲାର ଅପରେସନ୍ ଥିଏଟର, ମଲ୍ଟି ୟୁଟିଲିଟି ସେଣ୍ଟର ଓ ପୋଲିସ ଆଉଟପୋଷ୍ଟ ବ୍ୟାରାକର ଉଦ୍ଘାଟନ କରିବେ। ଏଥିସହ ଡେଂଟାଲ ଓ ନର୍ସିଂ କଲେଜର ଶିଳାନ୍ୟାସ କରାଯିବ। ସକାଳ ୧୧ଟାରେ ଧରଣୀଧର ବିଶ୍ୱବିଦ୍ୟାଳୟର ଉତ୍ତର କ୍ୟାମ୍ପସ ପଡ଼ିଆରେ ୬୨୭ଟି ବିଦ୍ୟାଳୟକୁ ନେଇ ଜିଏମ୍‌ଏପିଭି ତୃତୀୟ ପର୍ଯ୍ୟାୟ ସମେତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ପ୍ରକଳ୍ପର ଶୁଭାରମ୍ଭ କରିବେ। ଅନ୍ୟପକ୍ଷରେ ନଭେମ୍ବର ୭ ତାରିଖରେ ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମ ରହିଛି। ସକାଳ ୯ଟା ୩୦ରେ ଝୁମ୍ପୁରା ସିଏଚସିର ଉଦ୍ଘାଟନ କରିବେ। ୧୦ଟା ୧୦ରେ ରାଇକଳା ଏମ୍‌ଏଲ୍‌ଆଇପି ପମ୍ପ ହାଉସ୍ଠାରେ ତିନୋଟି ମେଗା ଲିଫ୍ଟ ଜଳସେଚନ ପ୍ରକଳ୍ପର ଭୂମିପୂଜନ କରିବେ। ସକାଳ ୧୦ଟା ୩୫ରେ ରାଇକଳାଠାରେ ଏସ୍‌ବିଆଇ ଶାଖାର ଉଦ୍ଘାଟନ କରିବା ସହ ୧୧ଟାରେ ତିନୋଟି ମେଗା ଲିଫ୍ଟ ଜଳସେଚନ ପ୍ରକଳ୍ପର ଶିଳାନ୍ୟାସ ଏବଂ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିବେ। ମୁଖ୍ୟମନ୍ତ୍ରୀଙ୍କ ଏହି ଦୁଇଦିନିଆ ଗସ୍ତକୁ ନେଇ ଜିଲ୍ଲାରେ ଉତ୍ସାହ ପ୍ରକାଶ ପାଇଛି। ଗସ୍ତ ସମୟରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ ଜିଲ୍ଲାର ଶିକ୍ଷା, ସ୍ୱାସ୍ଥ୍ୟ ଓ କୃଷି କ୍ଷେତ୍ରର ବିକାଶକୁ ନୂଆ ଦିଗ ଦେବ ବୋଲି ଆଶା କରାଯାଉଛି।

ଫୁଟବଲ ଜଗତରୁ ଅବସର ନେଲେ କ୍ରିଷ୍ଟିଆନୋ ରୋନାଲ୍ଡୋ



ନୂଆଦିଲ୍ଲୀ,୫।୧୧: ଫୁଟବଲ ଜଗତରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟର ଅନ୍ତ ଘଟିଛି। ପର୍ତ୍ତୁଗାଲର ମହାନ ଫୁଟବଲର କ୍ରିଷ୍ଟିଆନୋ ରୋନାଲ୍ଡୋ ଅନ୍ତର୍ଜାତୀୟ ଫୁଟବଲରୁ ଅବସର ଘୋଷଣା କରିଛନ୍ତି। ଗୁରୁବାର ସୋସିଆଲ ମିଡିଆରେ ଭିଡିଓ ଶେୟାର କରି ସେ ନିଜର ଏହି ନିଷ୍ପତ୍ତି ଜଣାଇଛନ୍ତି। ନଭେମ୍ବର ମାସର ଅନ୍ତର୍ଜାତୀୟ ମ୍ୟାଚଗୁଡ଼ିକ ପରେ ସେ ପର୍ତ୍ତୁଗାଲ ଜାତୀୟ ଦଳରୁ ବିଦାୟ ନେବେ। ପାଞ୍ଚ ଥର ବାଲନ ଡି'ଅର ବିଜେତା ରୋନାଲ୍ଡୋ ପର୍ତ୍ତୁଗାଲ ପାଇଁ ୨୩୪ଟି ମ୍ୟାଚ ଖେଳି ୧୪୬ଟି ଗୋଲ ସ୍କୋର କରିଛନ୍ତି। ଅନ୍ତର୍ଜାତୀୟ ଫୁଟବଲ୍‌ରେ ସର୍ବାଧିକ ଗୋଲ ଏବଂ ମ୍ୟାଚ ଖେଳିବାର ରେକର୍ଡ ମଧ୍ୟ ତାଙ୍କ ନାଁରେ ରହିଛି। ପାଞ୍ଚ ଥର ବାଲନ ଡି'ଅର ବିଜେତା ରୋନାଲ୍ଡୋ ପର୍ତ୍ତୁଗାଲକୁ ୨୦୧୬ ୟୁରୋ କପ ଏବଂ ଦୁଇଥର ୟୁଏଫଏ ନେସନ୍ସ ଲିଗ ଟାଇଟଲ ଜିତାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ପର୍ତ୍ତୁଗାଲ ଦଳର ୭ ନମ୍ବର ଜର୍ସି ରୋନାଲଡୋଙ୍କ ପରିଚୟ ପାଲଟିଯାଇଥିଲା। ଦୀର୍ଘ ବର୍ଷ ଧରି ଏହି ଜର୍ସି ପିନ୍ଧି ସେ ଦେଶ ପାଇଁ ଅନେକ ସ୍ମରଣୀୟ ମ୍ୟାଚ ଖେଳିଛନ୍ତି। ଏବେ ନଭେମ୍ବର ଅନ୍ତର୍ଜାତୀୟ ବ୍ରେକ ପରେ ଏହି ଜର୍ସି ଫେରାଇବାକୁ ଯାଉଛନ୍ତି ସେ। ଦୀର୍ଘ ୨୩ ବର୍ଷର ଅନ୍ତର୍ଜାତୀୟ କ୍ୟାରିୟରରେ ସେ ଅନେକ ରେକର୍ଡ ସୃଷ୍ଟି କରିବା ସହ ଦେଶ ପାଇଁ ଅନେକ ସ୍ମରଣୀୟ ମୁହୂର୍ତ୍ତ ଆଣିଛନ୍ତି। ୪୧ ବର୍ଷୀୟ ରୋନାଲ୍ଡୋଙ୍କ ଅବସର ଘୋଷଣା ସହ ପର୍ତ୍ତୁଗାଲ ଫୁଟବଲର ଏକ ଗୌରବମୟ ଯୁଗର ଅନ୍ତ ଘଟିବାକୁ ଯାଉଛି।

୭ ବିଶ୍ୱବିଦ୍ୟାଳୟର ନାକ୍ ମାନ୍ୟତା ନବୀକରଣ ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର, ୫/୧୧: ରାଜ୍ୟର ୭ଟି ବିଶ୍ୱବିଦ୍ୟାଳୟର ଜାତୀୟ ମୂଲ୍ୟାୟନ ଓ ପ୍ରତ୍ୟାୟନ ପରିଷଦ (ନାକ) ମାନ୍ୟତା ନବୀକରଣ ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଏଥିପାଇଁ ସଂପୃକ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଖୁବ୍‌ଶୀଘ୍ର ନବୀକରଣ ପ୍ରକ୍ରିୟା ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ଏହି ତାଲିକାରେ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ଧରଣୀଧର ବିଶ୍ୱବିଦ୍ୟାଳୟ, ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ଏବଂ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ସମେତ ୭ଟି ବିଶ୍ୱବିଦ୍ୟାଳୟ ରହିଛି। ମାନ୍ୟତା ନବୀକରଣ ପ୍ରକ୍ରିୟାରେ ସରକାର ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବେ। ଏଥିସହ ଏ ସମ୍ପର୍କରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ସହ ମଧ୍ୟ ଉଚ୍ଚଶିକ୍ଷା ବିଭାଗ ଯୋଗାଯୋଗରେ ରହିଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ରାଜ୍ୟର ଉଚ୍ଚଶିକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଏବଂ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ଏହି କ୍ରମରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ କୁଳପତି ନିଯୁକ୍ତି ପ୍ରକ୍ରିୟା ଶେଷ ହୋଇଛି। ଏଥିସହ ୧୪୦୦ରୁ ଊର୍ଦ୍ଧ୍ୱ ପ୍ରାଧ୍ୟାପକ ଓ ସହକାରୀ ପ୍ରାଧ୍ୟାପକ ପଦବୀ ପୂରଣ ପାଇଁ ସାକ୍ଷାତକାର ପ୍ରକ୍ରିୟା ଜାରି ରହିଛି। ଜାତୀୟ ପ୍ରତିଷ୍ଠାନ ମାନ୍ୟତା ଢାଞ୍ଚା (ଏନଆଇଆରଏଫ) ସମେତ ଅନ୍ୟାନ୍ୟ ଜାତୀୟ ରାର୍କିଂରେ ରାଜ୍ୟର ବିଶ୍ୱବିଦ୍ୟାଳୟଗୁଡ଼ିକର ସ୍ଥାନ ଉନ୍ନତ କରିବା ଦିଗରେ ମଧ୍ୟ କାର୍ଯ୍ୟ ଚାଲିଛି ବୋଲି ମନ୍ତ୍ରୀ କହିଛନ୍ତି।

ଓପିଏସସି ପକ୍ଷରୁ ୩୪୦ ଏଏସଓ ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ



ଭୁବନେଶ୍ୱର,୫।୧୧: ଓଡ଼ିଶା ଲୋକସେବା ଆୟୋଗ ପକ୍ଷରୁ ରାଜ୍ୟର ଯୁବକଯୁବତୀଙ୍କ ପାଇଁ ଏକ ବଡ଼ ନିଯୁକ୍ତି ସୁଯୋଗ ଆସିଛି। ଗୃହ ବିଭାଗ ଅଧୀନରେ ଆସିଷ୍ଟାଣ୍ଟ ସେକ୍ସନ ଅଫିସର ପଦବୀ ପାଇଁ ଆୟୋଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ମୋଟ ୩୪୦ଟି ଶୂନ୍ୟସ୍ଥାନ ପାଇଁ ଆବେଦନ ପ୍ରକ୍ରିୟା ଗ୍ରହଣ କରାଯିବ। ନଭେମ୍ବର ୯ ତାରିଖରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇ ନଭେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଆଗ୍ରହୀ ତଥା ଯୋଗ୍ୟ ପ୍ରାର୍ଥୀମାନେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଅନଲାଇନ୍ ଜରିଆରେ ଆବେଦନ କରିପାରିବେ। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ମୋଟ ୩୪୦ଟି ପଦବୀ ମଧ୍ୟରୁ ମହିଳା ପ୍ରାର୍ଥୀଙ୍କ ପାଇଁ ୧୧୪ଟି ପଦ ସଂରକ୍ଷିତ ରହିଛି। ସେହିପରି ୧୪୪ଟି ପଦବୀ ଅସଂରକ୍ଷିତ ରହିଥିବା ବେଳେ, ଏହି ଅସଂରକ୍ଷିତ ପଦ ମଧ୍ୟରୁ ମଧ୍ୟ ୪୮ଟି ପଦ ମହିଳାଙ୍କ ପାଇଁ ରହିଛି। ଏହି ପଦବୀଗୁଡ଼ିକ ପାଇଁ ଆବେଦନ କରିବାକୁ ଚାହୁଁଥିବା ପ୍ରାର୍ଥୀମାନେ ସ୍ନାତକ ଡିଗ୍ରୀ ହାସଲ କରିଥିବା ଆବଶ୍ୟକ। ଏହାସହ ଆବେଦନକାରୀଙ୍କ ବୟସ ସୀମା ସର୍ବନିମ୍ନ ୨୧ ବର୍ଷରୁ ସର୍ବାଧିକ ୪୨ ବର୍ଷ ମଧ୍ୟରେ ରହିବା ନେଇ ସର୍ତ୍ତ ରଖାଯାଇଛି। ସରକାରୀ ନିୟମାନୁଯାୟୀ ଯୋଗ୍ୟ ପ୍ରାର୍ଥୀମାନେ ଏହି ସୁଯୋଗର ଲାଭ ନେଇ ନିଜର ଆବେଦନ ପ୍ରକ୍ରିୟା ଶେଷ କରିବାକୁ ବିଜ୍ଞପ୍ତିରେ କୁହାଯାଇଛି।

ଝୁମ୍ପୁରାରେ ଖଣ୍ଡା ଆକ୍ରମଣ: ୩ ଆହତ, ଜଣେ ଗୁରୁତର

କେନ୍ଦୁଝର, ୫/୧୧(ନିପ୍ର): ଗତ ମାସ ୧୩ ତାରିଖ କେନ୍ଦୁଝର ଜିଲ୍ଲା ଝୁମ୍ପୁରା ଥାନା ଅନ୍ତର୍ଗତ ଖେଣ୍ଡରା ଗାଁରେ ଖଣ୍ଡା ଓ ଭୁଜାଲିରେ ଆକ୍ରମଣ ଅଭିଯୋଗ। ଏହି ଆକ୍ରମଣରେ ତିନି ଜଣ ଆହତ ହୋଇଥିବାବେଳେ, ଜଣେ ଗୁରୁତରଙ୍କୁ କଟକ ସ୍ଥାନାନ୍ତର ହୋଇଥିଲା। ରାଜନୈତିକ ଆକ୍ରୋଶକୁ କେନ୍ଦ୍ର କରି ଏହି ଆକ୍ରମଣ ଅଭିଯୋଗ ହେଉଥିବା ବେଳେ, ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଥିଲା। ସୂଚନା ଅନୁଯାୟୀ ୧୩ ଅକ୍ଟୋବର ସନ୍ଧ୍ୟାରେ ଖେଣ୍ଡରା ଗାଁ ଛକରେ କିଛି ଯୁବକ ବସିଥିବା ସମୟରେ ଲାଲା ବାରିକ ନାମକ ଜଣେ ବ୍ୟକ୍ତି ସେଠାରେ ପହଂଚିଥିଲେ। ଯୁବକମାନେ ବିଜେପିର ନେତା ଓ କର୍ମୀ ବୋଲି କହିବା ସହ ହଠାତ୍ ସେମାନଙ୍କ ଉପରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲ। ଏହି ଘଟଣା ପରେ ଲାଲା ବାରିକ୍ ଓ ତାର ସହଯୋଗୀ ମାନେ ଫେରାର ଥିଲା। ଆଜି କେନ୍ଦୁଝର ପୋଲିସ ଲାଲା ବାରିକଙ୍କ ସହ ଆଉ ଦୁଇ ଜଣଙ୍କୁ ଗିରଫ କରିଥିଲା ବେଳେ ଜଣେ ନାବାଳକ ଅଛି। ସକାଳୁ ଦୁଇ ଜଣଙ୍କୁ ଝୁମ୍ପୁରା ମାର୍କେଟରେ ସିନ ରିକ୍ରିଏସନ କରିଥିଲା କେନ୍ଦୁଝର ପୋଲିସ।

ପୁରୀଠାରେ ୧୫୦୦ କୋଟି ଟଙ୍କାର 'ଅନ୍ତର୍ଜାତୀୟ କ୍ରୁଜ୍ ଟର୍ମିନାଲ୍' ଘୋଷଣା

ଭୁବନେଶ୍ୱର/ପୁରୀ, ୫/୧୧(ନିପ୍ର): ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ବିଶାଳ ସମୁଦ୍ର ତଟରେ ପରିପୂର୍ଣ୍ଣ ଓଡ଼ିଶା ରାଜ୍ୟରେ ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ ଅପାର ସମ୍ଭାବନା ରହିଛି। ଓଡିଆ ସାଧବ ପୁଅର ଅତୀତରେ ଜାଭା, ସୁମାତ୍ରା, ବର୍ଣ୍ଣିଓ ଭଳି ବିଦେଶରେ ବ୍ୟବସାୟର ସ୍ୱର୍ଣ୍ଣିମ ଅଧ୍ୟାୟ ଓ ଗାରୀମାକୁ ଉଜ୍ଜିବୀତ କରି ରାଜ୍ୟରେ ବିଜେପିର ଡବଲ୍ ଇଞ୍ଜିନ୍ ସରକାର ଗଠନ ହେବା ପରେ ପର୍ଯ୍ୟଟନ ଭିତିଭୂମିର ଉନ୍ନତିକରଣ, ଆଧୁନିକୀକରଣ ଏବଂ ସମ୍ପ୍ରସାରଣକୁ ସର୍ବାଧିକ ପ୍ରାଥମିକତା ଦିଆଯାଉଛି। ଏହି କ୍ରମରେ ପୁରୀକୁ ଏକ ପ୍ରକୃତ ଅନ୍ତର୍ଜାତୀୟ ପର୍ଯ୍ୟଟନସ୍ଥଳୀ ଭାବେ ପରିଣତ କରିବା ପାଇଁ ସଡ଼କ ପଥ, ରେଳପଥ, ଆକାଶ ପଥ, ଜଳପଥ ଏବଂ ହୋଟେଲ ଶିଳ୍ପର ବିକାଶ ଉପରେ କ୍ରମାଗତ ଗୁରୁତ୍ୱ ଦିଆଯାଉଛି। ଏକ ଐତିହାସିକ ନିଷ୍ପତିକ୍ରମେ ରାଜ୍ୟ ସରକାର ଏବଂ ପାରାଦୀପ ବନ୍ଦର କର୍ତୃପକ୍ଷଙ୍କ ମିଳିତ ସହଯୋଗରେ ୧୫୦୦ କୋଟି ଟଙ୍କା ନିବେଶରେ ପୁରୀଠାରେ ଏକ ଅତ୍ୟାଧୁନିକ 'ଅନ୍ତର୍ଜାତୀୟ କ୍ରୁଜ୍ ଟର୍ମିନାଲ୍' ନିର୍ମାଣ କରାଯିବାକୁ ଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜ୍ୟ ସରକାରଙ୍କୁ ରାଜ୍ୟ ବିଜେପି ଗଣମାଧ୍ୟମ ସଂଯୋଜକ ସୁଜିତ୍ ଦାସ ଆନ୍ତରିକ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ପ୍ରକଳ୍ପର ମହତ୍ୱ ଓ ପ୍ରଭାବ ସଂପର୍କରେ ସୂଚନା ଦେଇ ଶ୍ରୀ ଦାସ କହିଛନ୍ତି ଯେ, ଅନ୍ତର୍ଜାତୀୟ କ୍ରୁଜ୍ ଟର୍ମିନାଲ୍ ପ୍ରତିଷ୍ଠା ହେବା ଦ୍ୱାରା ବିଶ୍ୱର କୋଣ ଅନୁକୋଣରୁ ବଡ଼ ବଡ଼ କ୍ରୁଜ୍ ଜାହାଜଗୁଡ଼ିକ ସିଧାସଳଖ ପୁରୀରେ ପହଂଚିପାରିବେ, ଯାହାକି ବିଦେଶୀ ପର୍ଯ୍ୟଟକ ଓ ଦେଶର ପର୍ଯ୍ୟଟନ ପ୍ରେମୀମାନଙ୍କ ସଂଖ୍ୟାକୁ ବହୁଗୁଣିତ କରିବ।

ବାତ୍ୟା ସମୟରେ ଟିପିଏସ୍‌ଓଡିଏଲ କର୍ମଚାରୀଙ୍କୁ ପ୍ରଶଂସା



ବ୍ରହ୍ମପୁର, ୫/୧୧(ନିପ୍ର): ବାତ୍ୟା ଅର୍ଣ୍ଣବ ପରବର୍ତ୍ତୀ ବନ୍ୟା ଯୋଗୁଁ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଜନଜୀବନ ବ୍ୟାହତ ହୋଇଥିବା ସମୟରେ ଭଞ୍ଜନଗରର ଦୟାସାଗର ନାୟକ ଏବଂ ଆସିକାର ବିକାଶ ଚନ୍ଦ୍ର ସ୍ୱାଇଁ ନିଜର ପେସାଦାର ଦାୟିତ୍ୱଠାରୁ ଆଗକୁ ବଢ଼ି ମାନବିକତା ଓ କର୍ତ୍ତବ୍ୟନିଷ୍ଠାର ଅନନ୍ୟ ଉଦାହରଣ ଦେଇଛନ୍ତି। ଦୟାସାଗର ବନ୍ୟା ପ୍ରଭାବିତ ଲୋକଙ୍କ ପାଇଁ ନିଜ ଘରର ଦ୍ୱାର ଖୋଲି ଦେଇଥିବା ବେଳେ ବିକାଶ ଛାତିଏ ପାଣିରେ ପଶି କାର୍ଯ୍ୟାଳୟର ଗୁରୁତ୍ୱପୂର୍ଣ୍ଣ ଉପକରଣ ଓ ଦସ୍ତାବିଜଗୁଡ଼ିକୁ ସୁରକ୍ଷିତ ରଖିଥିଲେ। ସେମାନଙ୍କ ଏହି କାର୍ଯ୍ୟ କେବଳ ଦୁଇ ଜଣ କର୍ମଚାରୀଙ୍କ କାହାଣୀ ନୁହେଁ, ବରଂ ସଙ୍କଟ ସମୟରେ ସମାଜ ଓ ସହକର୍ମୀଙ୍କ ପାଇଁ ଆଗେଇ ଆସିଥିବା ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିଏସ୍‌ଓଡିଏଲ)ର ହଜାର ହଜାର କର୍ମଚାରୀଙ୍କ ସେବା ଓ ସମର୍ପଣର ପ୍ରତିଫଳନ। ଭଞ୍ଜନଗରରେ ଦୟାସାଗର ନାୟକ ବନ୍ୟା ପ୍ରଭାବିତ ଆଖପାଖ ଅଞ୍ଚଳର ଲୋକଙ୍କୁ ସହାୟତା କରିବାକୁ ଆଗେଇ ଆସିଥିଲେ। ସେ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିବା ସହ ପ୍ରାୟ ୨୫ ଜଣ ବନ୍ୟା ପ୍ରଭାବିତ ଲୋକଙ୍କୁ ନିଜ ଘରେ ଆଶ୍ରୟ ଦେଇଥିଲେ। ଏଥିସହ ସେମାନଙ୍କ ପାଇଁ ତାଜା ରନ୍ଧା ଖାଦ୍ୟର ବ୍ୟବସ୍ଥା ମଧ୍ୟ କରିଥିଲେ। ମୌଳିକ ଆବଶ୍ୟକତା ପାଇବା କଷ୍ଟକର ହୋଇପଡ଼ିବା ସମୟରେ ତାଙ୍କ ଘର ଅସହାୟ ଲୋକଙ୍କ ପାଇଁ ଆଶ୍ରୟ ଓ ସହାୟତାର କେନ୍ଦ୍ର ପାଲଟିଥିଲା। ସେହିପରି ଆସିକାରେ ବନ୍ୟାଜଳ ସହର ମଧ୍ୟକୁ ପ୍ରବେଶ କରିବା ପରେ ଅକ୍ଟୋବର ୨୯ ତାରିଖରେ ଆସିକା ଇଲେକ୍ଟ୍ରିକାଲ ଡିଭିଜନ୍-୧ର ଏଷ୍ଟିମେଟର ବିକାଶ ଚନ୍ଦ୍ର ସ୍ୱାଇଁ କାର୍ଯ୍ୟାଳୟର ଗୁରୁତ୍ୱପୂର୍ଣ୍ଣ ଜିନିଷଗୁଡ଼ିକୁ ସୁରକ୍ଷିତ ରଖିବାକୁ ନିଜ ଆଡୁ ପଦକ୍ଷେପ ନେଇଥିଲେ।

ଶ୍ରୀମନ୍ଦିରରେ ଅସୁସ୍ଥ ଶ୍ରଦ୍ଧାଳୁଙ୍କ ମୃତ୍ୟୁ



ପୁରୀ.୫।୧୧: ଗୁରୁବାର ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ନାଟମଣ୍ଡପ ଭିତରେ ଅତ୍ୟଧିକ ଭିଡ଼ ଓ ଠେଲାପେଲା ଯୋଗୁଁ ଜଣେ ବୟସ୍କ ଶ୍ରଦ୍ଧାଳୁଙ୍କୁ ନିଶ୍ୱାସ ନେବାରେ କଷ୍ଟ ହୋଇଥିଲା ଏବଂ ପରେ ତାଙ୍କର ମୃତ୍ୟୁ ଘଟିଥିବା କୁହାଯାଇଛି। ମୃତକଙ୍କ ପରିଚୟ ଯାଦବ ରାୟ (୭୨)। ସେ ଢେଙ୍କାନାଳ ଜିଲ୍ଲା ଦେଉଳି ସାହିର ବାସିନ୍ଦା ଥିଲେ ଏବଂ ନିଜ ପରିବାର ସହ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ପୁରୀ ଆସିଥିଲେ। ସୂଚନା ଅନୁଯାୟୀ, ଏକାଦଶୀ ତିଥି ହୋଇଥିବାରୁ ସକାଳୁ ହିଁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ନାଟମଣ୍ଡପ ଭିତରେ ଥିବା ଭିଡ଼ ମଧ୍ୟରେ, ଦେବଦେବୀଙ୍କୁ ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁମାନେ ପରସ୍ପରକୁ ଠେଲାପେଲା କରୁଥିଲେ ବୋଲି ଜଣାପଡ଼ିଛି।ପରେ ଗୁରୁତର ସ୍ଥିତିରେ ଚିକିତ୍ସାଧୀନ ହୋଇଥିଲେ ହେଁ ତାଙ୍କର ମୃତ୍ୟୁ ଘଟିଥିଲା।

ଆଇଏଏସ୍ ସ୍ତରରେ ଅଦଳବଦଳ

୪ ବରିଷ୍ଠ ଅଧିକାରୀଙ୍କୁ ନୂଆ ଦାୟିତ୍ୱ

ଭୁବନେଶ୍ୱର, ୫।୧୧: ଓଡ଼ିଶା ସରକାର ଗୁରୁବାର ରାଜ୍ୟ ପ୍ରଶାସନିକ ସ୍ତରରେ ଏକ ଅଦଳବଦଳ କରିଛନ୍ତି। ଏହି କ୍ରମରେ ଚାରି ଜଣ ବରିଷ୍ଠ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀଙ୍କୁ ନୂଆ ଦାୟିତ୍ୱ ଦିଆଯାଇଛି। ଏନେଇ ନଭେମ୍ବର ୫ ତାରିଖରେ ସାଧାରଣ ପ୍ରଶାସନ ଓ ଜନଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ବିଜ୍ଞପ୍ତି ଅନୁଯାୟୀ, ୧୯୯୫ ବ୍ୟାଚ୍ ଆଇଏଏସ୍ ଅଧିକାରୀ ବିଷ୍ଣୁପଦ ସେଠୀଙ୍କୁ ସାଧାରଣ ପ୍ରଶାସନ ଓ ଜନଅଭିଯୋଗ ବିଭାଗର ଓଏସଡ଼ି (ଅଫିସର ଅନ୍ ସ୍ପେଶାଲ ଡ୍ୟୁଟି) ଭାବେ ନିଯୁକ୍ତ କରାଯାଇଛି। ସେ ଏହା ପୂର୍ବରୁ ଓଡ଼ିଶା ବନ ଉନ୍ନୟନ ନିଗମ (ଓଏଫଡିସି)ର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିବା ସହ କେବିକେ ଅଞ୍ଚଳର ମୁଖ୍ୟ ପ୍ରଶାସକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଥିଲେ। ସେହିପରି, ୨୦୦୨ ବ୍ୟାଚ୍ ଆଇଏଏସ୍ ଅଧିକାରୀ ଗିରୀଶ ଏସ୍.ଏନ୍.ଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଆୟୁକ୍ତ-ତଥା-ଶାସନ ସଚିବ ଭାବେ ନିଯୁକ୍ତି ମିଳିଛି। ସେ ପୂର୍ବରୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଆୟୁକ୍ତ-ତଥା-ଶାସନ ସଚିବ ଥିଲେ। ୨୦୦୩ ବ୍ୟାଚ୍ ଆଇଏଏସ୍ ଅଧିକାରୀ ଅଶ୍ୱଥୀ ଏସ୍., ଯିଏକି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଆୟୁକ୍ତ-ତଥା-ଶାସନ ସଚିବ ଭାବେ କାର୍ଯ୍ୟରତ ଥିଲେ, ତାଙ୍କୁ ଅର୍ଥ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଭାବେ ନିଯୁକ୍ତ କରାଯାଇଛି। ତେବେ ସେ ଷ୍ଟେଟ୍ ଇନଷ୍ଟିଚ୍ୟୁଟ୍ ଫର୍ ଟ୍ରାନ୍ସଫର୍ମେଟିଭ୍ ଇନିସିଏଟିଭ୍ସ, ଓଡ଼ିଶା (ସିଟି-ଓଡ଼ିଶା)ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଭାବେ ଅତିରିକ୍ତ ଦାୟିତ୍ୱ ବଜାୟ ରଖିବେ।

ଜିଲ୍ଲାପାଳଙ୍କ ଅନୁମୋଦିତ ପ୍ରକଳ୍ପକୁ ରୋକ୍ ଲଗାଇଲେ ହାଇକୋର୍ଟ

ଡିଗିରିଆ, ୫/୧୧(ନିପ୍ର): ଡିଗିରିଆରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଜିଲ୍ଲାପାଳ ଅନୁମୋଦନ କରିଥିଲେ ଏହାକୁ ବିରୋଧ କରି ଡିଗିରିଆ ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ସମେତ ଲୋକ ପ୍ରତିନିଧିମାନେ ଜିଲ୍ଲାପାଳଙ୍କୁ ଭେଟି ପଞ୍ଚାୟତ ଗୁଡ଼ିକରେ ସରପଞ୍ଚ ,ସମିତି ସଭ୍ୟ ଓ ପିଇଓଙ୍କ ଦ୍ୱାରା ଅନୁମୋଦିତ ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ପଠା ଯାଇଥିବା ପ୍ରକଳ୍ପଗୁଡ଼ିକ ପରିବର୍ତ୍ତନ କଣ ପାଇଁ କରାଗଲା ବୋଲି ପ୍ରଶ୍ନ କରିଥିଲେ ଜିଲ୍ଲାପାଳ ସୂଚନା ଦେଇଥିଲେ ଗ୍ରିଭାନ୍ସରେ ଆସିଥିବା ପ୍ରକଳ୍ପ ଗୁଡ଼ିକ ଅନୁମୋଦନ କରାଯାଇଛି। ଏହାକୁ ଚ୍ୟାଲେଞ୍ଜ କରି ଲୋକ ପ୍ରତିନିଧିମାନେ ହାଇକୋର୍ଟ ଯାଇଥିଲେ। ଏହା ଉପରେ ହାଇକୋର୍ଟ ରୋକ୍ ଲଗାଇଛନ୍ତି ବୋଲି ପଞ୍ଚାୟତ ସମିତି ଅଧ୍ୟକ୍ଷା ତାଙ୍କ ସରକାରୀ ପ୍ରକୋଷ୍ଠରେ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି। ତାଙ୍କ ସହିତ ଜିଲ୍ଲା ପରିଷଦ ସଦସ୍ୟ ସଞ୍ଜୟ କୁମାର ମଲ୍ଲିକ୍, ସସ୍ମିତା ରାଉତ, ସରପଞ୍ଚ ନିରଞ୍ଜନ ଦଳେଇ, ପ୍ରତାପ କୁମାର ଜେନା, ସୋମନାଥ ଦାସ, ପ୍ରଶାନ୍ତ କୁମାର ରାଉତଙ୍କ ସମେତ ଅନ୍ୟାନ୍ୟ ଲୋକ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

ମନ୍ତ୍ରୀମୁଣ୍ଡା କପ୍ ଫୁଟବଲ

ସେମିଫାଇନାଲରେ ନାଏକ ବ୍ରଦର୍ସ



କୁଚିଣ୍ଡା, ୫।୧୧(ନିପ୍ର): କୁଚିଣ୍ଡା ମନ୍ତ୍ରୀମୁଣ୍ଡା ୟୁଥ୍ କ୍ଲବ୍ ପକ୍ଷରୁ ମନ୍ତ୍ରୀମୁଣ୍ଡା ମିନି ଷ୍ଟାଡିୟମରେ ଚାଲିଥିବା ଦିବାରାତ୍ର ମେଗା ଫୁଟବଲ ଟୁର୍ଣ୍ଣାମେଣ୍ଟ ଦ୍ୱିତୀୟ ଦିବସରେ ପହଞ୍ଚିଛି। ଏହି ଦିନର ମ୍ୟାଚ୍‌ରେ ଗୁଣ୍ଡୁରୁଚୁଆଁ ନାଏକ ବ୍ରଦର୍ସ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଦ୍ୱିତୀୟ ଦିବସରେ ସମ୍ବଲପୁର ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ସୁଶୀଳ କର, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଭଗିନ୍ଦ୍ର କିଷାନ, କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନାର ଏସ୍‌ଡିଏମ୍‌ଓ ଡା. ସୁବୋଧ କୁମାର ନାୟକ, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ମାନସ କୁମାର ବଡ଼େଇଙ୍କ ସମେତ ପ୍ରାଣବନ୍ଧୁ ନାଥ, ଶୈଳେନ୍ଦ୍ର ନାୟକ, ରାଣା ପ୍ରତାପ ସିଂ, ବିନୋଦ ଚାଲାନ, ହରିହର ପଟେଲ, ହରମୋହନ ପଟେଲ ଓ ସୂର୍ଯ୍ୟ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ମ୍ୟାଚ୍‌ର ଶୁଭାରମ୍ଭ କରିଥିଲେ। ପ୍ରଥମ ମ୍ୟାଚ୍‌ରେ ସମ୍ବଲପୁରର ଗୁଣ୍ଡୁରୁଚୁଆଁ ନାଏକ ବ୍ରଦର୍ସ ୧-୦ ଗୋଲ୍‌ରେ ବରଗଡ଼ର ମଳୟ ଏକାଦଶକୁ ପରାସ୍ତ କରିଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ରାଉରକେଲା ବ୍ରଦର୍ସ ୨-୦ ଗୋଲ୍‌ରେ ଝାଡ଼ଖଣ୍ଡର କିଙ୍ଗଫିସର ପୋଟକା ଅଭି ଏକାଦଶକୁ ହରାଇ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇଥିଲା। ପରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ନାଏକ ବ୍ରଦର୍ସ ୨-୦ ଗୋଲ୍‌ରେ ରାଉରକେଲା ବ୍ରଦର୍ସକୁ ପରାସ୍ତ କରି ସେମିଫାଇନାଲରେ ସ୍ଥାନ ପକ୍କା କରିଥିଲା।

34001/1111/2627

GOVERNMENT OF ODISHA
OFFICE OF THE SUPERINTENDING ENGINEER
PHULBANI (R&B) DIVISION, PHULBANI
AT/PO./PS- PHULBANI, PIN-762001
E-MAIL: - eeplbrb@gmail.com, Tel-06842-2532102

INVITATION FOR BID (IFB)/ NOTICE INVITING TENDER (NIT)
e-Procurement Tender Call Notice
Bid Identification No.: - SE-R&B-PLB-14/2026-27, DATE: - 04.11.2026

Letter No. 6565 Date. 04.11.2026

The Superintending Engineer, Phulbani (R&B) Division, Phulbani on behalf of Governor of Odisha invites percentage rate bid in Single Cover system in ONLINE MODE for the construction of works detailed in the table below from "MV"/ "HT" or Above Class Contractors registered with the State Governments and contractors of equivalent Grade/ Class registered with Central Government/ MES/ Railways for execution of Civil and Electrical works. The scanned of proof of registration from the appropriate authority shall be enclosed along with the bid.

1.	Name/Type of Work	:	Electrical Works
2.	No. of Tender	:	02 (Two) Numbers
3.	Estimated Cost put to Tender. (T.S Amount)	:	Rs.4.36 Lakhs to Rs.4.32 Lakhs
4.	E.M.D.	:	Rs.4,400/- to Rs.4,400/-
5.	Period of completion	:	01 (One) Calendar Months.
6.	Class of Contractor or Eligibility of the bidders	:	"MV"/ "HT" or Above Class Contractors (Orissa P.W.D. or equivalent class of other licensing authority) & (Electrical Contractors from ELBO.)
7.	Tender Cost or Cost of participation in on line Bid	:	Rs.2,000/- (Non-refundable) for Bid Documents.
8.	Availability of Bid document for on line bidding	:	From 07.11.2026 at 10:00 AM to 17.11.2026 up to 05:00 PM
9.	Clarification regarding bidding online	:	From 07.11.2026 at 10:00 AM to 17.11.2026 up to 05:00 PM
10.	Date, Time and Place of opening of the Technical & Financial Bid document	:	On 18.11.2026 at 11:30 AM in the Office of the Superintending Engineer, Phulbani (R&B) Division, at Phulbani, Dist: Kandhamala

The bidders have to participate in ONLINE bidding only. Further details can be seen from the website: http://tendersorissa.gov.in . All future Addendums, corrigendum or cancellations will be available on ONLINE MODE only.

Superintending Engineer
Phulbani (R&B) Division, Phulbani

OIPR 34001/34066/1/26-27/0020

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ